- Vol.- 44, Issue No. 209
- Thursday, 31 October 2024
- ଗୁରୁବାର, ୩୧ ଅକ୍ଟୋବର ୨୦୨୪
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI


ଓଁ ଅସତୋ ମା ସଦ୍‌ଗମୟ
ତମସୋ ମା ଜ୍ୟୋତିର୍ଗମୟ
ମୃତ୍ୟୋର୍ମାମୃତଂଗମୟ ।।



Web: www.dinalipi.com, E-mail: dinalipinews@gmail.com

## ଅଙ୍ଗନବାଡ଼ି କର୍ମୀଙ୍କୁ ମିଳିବ ‘ସୁଭଦ୍ରା’ର ପ୍ରଥମ କିସ୍ତି

ଭୁବନେଶ୍ୱର,୩୦।୧୦: ତୃତୀୟ ପର୍ଯ୍ୟାୟରେ ଅଙ୍ଗନବାଡି କର୍ମୀଙ୍କୁ ‘ସୁଭଦ୍ରା’ର ପ୍ରଥମ କିସ୍ତି ମିଳିବ । ଆବେଦନ କରିଥିବା ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ତୃତୀୟ ପର୍ଯ୍ୟାୟରେ ଟଙ୍କା ଦିଆଯିବ ବୋଲି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସେପ୍ଟେମ୍ବର ୨୭ ତାରିଖରେ ୨୫ ଲକ୍ଷ ଓ ଅକ୍ଟୋବର ୮ ତାରିଖରେ ୩୫ ଲକ୍ଷ ହିତାଧିକାରୀଙ୍କୁ ଏହି ଯୋଜନାରେ ପ୍ରଥମ କିସ୍ତି ଦିଆଯାଇଥିଲା । ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଥମ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଯେଉଁ ଅଙ୍ଗନବାଡି କର୍ମୀମାନେ ସାମିଲ ହୋଇ ପାରିନାହାନ୍ତି ଦ୍ୱନ୍ଦ୍ୱରେ ଅଛନ୍ତି, ସେମାନଙ୍କୁ ତୃତୀୟ ପର୍ଯ୍ୟାୟରେ ସୁଭଦ୍ରା ଟଙ୍କା ମିଳିବ । ୨ ଲକ୍ଷ ୬୭ ହଜାର ଖାରଜ ହୋଇଥିବା ଆବେଦନ ଆଉ ଥରେ ରି-ଚେକ୍ ହେବ । ଏହା ଇତିହାସରେ ପ୍ରଥମ । ଏଥିପାଇଁ କ୍ୟାବିନେଟ ଅନୁମତି ମିଳିଛି। କୌଣସି ଯୋଗ୍ୟ ହିତାଧିକାରୀ ବାଦ୍ ପଡିବେନାହିଁ। ବାରମ୍ବାର ରିଜେକ୍ଟ ଲିଷ୍ଟ ଚେକ ହେବ । ଖୁବଶୀଘ୍ର ରୂପରେଖ ଚୂଡ଼ାନ୍ତ ହେବ । ୧ ତାରିଖରେ ନୋଡାଲ ଏଜେନ୍ସି ନିଯୁକ୍ତ ହେବେ।

### ‘ଦିନଲିପି’ର ଛୁଟି ଓ ଶୁଭେଚ୍ଛା

ଆଲୋକର ପର୍ବ ଦୀପାବଳି ଓ ପବିତ୍ର କାଳୀପୂଜା ଉପଲକ୍ଷେ ‘ଦିନଲିପି’ କାର୍ଯ୍ୟାଳୟ ଏବଂ ପ୍ରେସ ୩୧ ଅକ୍ଟୋବରରେ ବନ୍ଦ ରହୁଛି। ‘ଦିନଲିପି’ର ପରବର୍ତ୍ତୀ ସଂସ୍କରଣ ନଭେମ୍ବର ୧ ତାରିଖ ସନ୍ଧ୍ୟାରେ ପ୍ରକାଶ ପାଇବ।

**- ପରିଚାଳକ**

ଦୀପାବଳି ଓ କାଳୀପୂଜାର ଶୁଭ ଅବସରରେ ‘ଦିନଲିପି’ ପରିବାର ପକ୍ଷରୁ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ତଥା ଅଭିନନ୍ଦନ ଜଣାଇବା ସହିତ ସୁଖ-ସମୃଦ୍ଧି କାମନା କରୁଛି।

**- ସଂପାଦକ**

# ଖୁବଶୀଘ୍ର ରାଜ୍ୟରେ ଧାନ ମଣ୍ଡି

- ଦିନେ ଦୁଇଦିନ ମଧ୍ୟରେ ଜାରି ହେବ ନୀତି
- ଦଲାଲଙ୍କ ଉପରେ ରହିବ ନଜର
- ପ୍ରଥମ ପର୍ଯ୍ୟାୟରେ ୫୬୦ କୋଟି ବ୍ୟବସ୍ଥା: ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର



ଭୁବନେଶ୍ୱର, ୩୦।୧୦(ନିପ୍ର): ଖୁବଶୀଘ୍ର ରାଜ୍ୟରେ ଧାନ ମଣ୍ଡି ଖୋଲିବ । ଧାନ କିଣାବିକା ସମୟରେ ଦଲାଲମାନେ ସକ୍ରିୟ ହେବାର ସମ୍ଭାବନା ରହିଛି । ତେଣୁ ଦଲାଲଙ୍କ ଉପରେ ନଜର ରଖିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସରକାରଙ୍କ ନଜର ଦଲାଲଙ୍କ ଉପରେ ରହିଛି । ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବୁଧବାର ଏହା କହିଛନ୍ତି । ସେ କହିଛନ୍ତି ଯେ ମୋହନ ସରକାରରେ ଦଲାଲିରାଜ ଚାଲିବ ନାହିଁ ।କୃଷକଙ୍କ ଖାତାକୁ ହିଁ ୩୧୦୦ ଟଙ୍କା ଯିବ । ଦିନେ ଦୁଇଦିନ ମଧ୍ୟରେ ଜାରି ହେବ ଚଳିତ ବର୍ଷ ଲାଗି ଧାନକିଣା ନୀତି। ମଣ୍ଡିରେ ଅତ୍ୟାଧୁନିକ ବ୍ୟବସ୍ଥା ହୋଇଛି । ଏଣିକି ଅଫିସରମାନେ ମଣ୍ଡିକୁ ଯିବେ । ମଣ୍ଡିରେ ଅଫିସରଙ୍କ ଫଟୋ ଉଠିବ । ଏ ନେଇ ଆପ୍ ପ୍ରସ୍ତୁତ ହୋଇଛି । ପ୍ରତ୍ୟେକ ଅଫିସରଙ୍କୁ ଗୋଟିଏ ଗୋଟିଏ ମଣ୍ଡି ଦାୟିତ୍ୱ ମିଳିବ । ୪ରୁ ୫ ମଣ୍ଡିକୁ ନେଇ ଜୋନ ପ୍ରସ୍ତୁତ ହେବ । ବରିଷ୍ଠ ଅଧିକାରୀ ଜୋନ ଦାୟିତ୍ୱରେ ରହିବେ । ଜିଲ୍ଲାପାଳ ଅନୁଧ୍ୟାନ କରିବେ। ମଣ୍ଡିର ଉନ୍ନତି ପାଇଁ ପ୍ରଥମ ପର୍ଯ୍ୟାୟରେ ୫୬୦ କୋଟି ବ୍ୟବସ୍ଥା କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି।

## ୨୬ରୁ ବିଧାନସଭା ଶୀତକାଳୀନ ଅଧିବେଶନ

### ପ୍ରଥମଦିନ ଆସିବ ଅତିରିକ୍ତ ବଜେଟ୍



ଭୁବନେଶ୍ୱର,୩୦।୧୦ (ନିପ୍ର) ଓଡ଼ିଶା ବିଧାନସଭାର ଶୀତ ଅଧିବେଶନ ଆସନ୍ତା ୨୬ତାରିଖରୁ ଆରମ୍ଭ ହେବ । ଅଧିବେଶନର ପ୍ରଥମ ଦିନରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପ୍ରଥମ ଅତିରିକ୍ତ ବଜେଟକୁ ରାଜ୍ୟ ଅର୍ଥମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥାପିତ କରିବେ । ଏହି ଅଧିବେଶନ ଡିସେମ୍ବର ୩୧ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ମୋଟ ୩୦ଟି କାର୍ଯ୍ୟଦିବସ ରହିଛି। ଅଧିବେଶନର ପ୍ରଥମଦିନରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପ୍ରଥମ ଅତିରିକ୍ତ ବଜେଟ୍ ଉପସ୍ଥାପନ ହେବ । ଡିସେମ୍ବର ୨ରୁ ୪ତାରିଖ ପର୍ଯ୍ୟନ୍ତ ଏହି ଅତିରିକ୍ତ ଖର୍ଚ୍ଚଦାବି ଉପରେ ଆଲୋଚନା ହେବ । ଡିସେମ୍ବର ୫ତାରିଖରେ ପ୍ରଥମ ଅତିରିକ୍ତ ବଜେଟକୁ ଗୃହୀତ କରିବା ପାଇଁ ବ୍ୟୟମଞ୍ଜୁରି ବିଲ୍ ଉପସ୍ଥାପିତ ଓ ପାରିତ ହେବ ।

**ପୋସ୍କୋ ଜେଏସ୍‌ଡବଲ୍ୟୁ ସହ ଫେରିବା ଚର୍ଚ୍ଚା**

## ଓଡ଼ିଶା ସରକାର ପ୍ରସ୍ତୁତ ଅଛନ୍ତି: ଶିଳ୍ପମନ୍ତ୍ରୀ

ଭୁବନେଶ୍ୱର,୩୦।୧୦: ପୋସ୍କୋ ଆସନ୍ତା ଦିନରେ ଜେଏସଡବଲ୍ୟୁ ସହ ମିଶି ଓଡ଼ିଶାରେ ପ୍ରକଳ୍ପ କରିବ । ଏମିତି କିଛି ଚର୍ଚ୍ଚା ଜାତୀୟ ଓ ଅନ୍ତର୍ଜାତୀୟ ଗଣମାଧ୍ୟମରେ ଆରମ୍ଭ ହୋଇଛି । ନିକଟରେ ଜେଏସଡବଲ୍ୟୁ ଓ ପୋସ୍କୋ ମଧ୍ୟରେ ହୋଇଥିବା ଏମଓୟୁ ଏହି ଚର୍ଚ୍ଚାକୁ ଖୋରାକ ଯୋଗାଇଛି । ଶିଳ୍ପ ସଂସ୍ଥାକୁ ସମସ୍ତ ସହଯୋଗ ଯୋଗାଇବାକୁ ଓଡ଼ିଶା ସରକାର ପ୍ରସ୍ତୁତ ଅଛନ୍ତି । ଜେଏସଡବଲ୍ୟୁ ହେଉକି ପୋସ୍କୋ ଅବା ଜେଏସଡବଲ୍ୟୁ -ପୋସ୍କୋ ଯୁଗ୍ମ ଉଦ୍ୟୋଗ ଅଥବା ଅନ୍ୟ ଅନ୍ତଃରାଷ୍ଟ୍ରୀୟ କମ୍ପାନୀ ଓଡ଼ିଶାରେ ନିବେଶ କଲେ ଆମେ ସମସ୍ତଙ୍କୁ ସ୍ୱାଗତ କରିବୁ । ଏହା କହିଛନ୍ତି ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ । ମୁମ୍ବାଇରେ ଜେଏସଡବଲ୍ୟୁ ଅଧ୍ୟକ୍ଷ ସଜନ ଜିନ୍ଦଲ ଓ ପୋସ୍କୋର ଅଧ୍ୟକ୍ଷ ଚାଙ୍ଗ-ଇନ ହ୍ୱାଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏକ ପାଞ୍ଚ ନିୟୁତ ଟନ ଉତ୍ପାଦନ କ୍ଷମତା ବିଶିଷ୍ଟ କାରଖାନା ସ୍ଥାପନ କରିବା ଲାଗି ଉଭୟ ସଂସ୍ଥା ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ଚୁକ୍ତି ହୋଇଛି।



## ନଭେମ୍ବରରେ ନୂଆ ରାସନ କାର୍ଡ

ଭୁବନେଶ୍ୱର,୩୦।୧୦: ନଭେମ୍ବରରେ ନୂଆ ରାସନ କାର୍ଡ ମିଳିବ। ଯେଉଁମାନେ ଏହି କାର୍ଡ ପାଇଁ ଆବେଦନ କରିଛନ୍ତି, ସେମାନଙ୍କ ମଧ୍ୟରୁ ଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ ଦିଆଯିବ । ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ବୁଧବାର ଏହା କହିଛନ୍ତି। ନୂଆ ରାସନ କାର୍ଡ ପାଇଁ ୧୦ ଲକ୍ଷରୁ ଅଧିକ ହିତାଧିକାରୀ ଆବେଦନ କରିଛନ୍ତି। କେବଳ ଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ ମିଳିବ। ସେଥିପାଇଁ ଚାଲିଛି ଇ -କେୱାଇସି ଯାଞ୍ଚ ।ଏଥିରୁ ଅନେକ ଅଯୋଗ୍ୟ ବାହାରିବେ। ଏହା ପରେ ନୂଆ ହିତାଧିକାରୀଙ୍କୁ ରାସନକାର୍ଡ ଦିଆଯିବ। ନଭେମ୍ବରରୁ ନୂଆ ରାସନ କାର୍ଡ ମିଳିବ ବୋଲି ମନ୍ତ୍ରୀ ସୂଚାଇଛନ୍ତି।

**ପରକୀୟା ପ୍ରୀତିରୁ ଗୋଷ୍ଠୀ ସଂଘର୍ଷ !**

## ରକ୍ତରେ ଭିଜିଲା ସୁନ୍ଦରଗଡ଼: ୫ଜଣଙ୍କୁ ହତ୍ୟା



ରାଉରକେଲା,୩୦।୧୦: ସୁନ୍ଦରଗଡ଼ରେ ଏକ ଯାଯାବର ଆଶ୍ରୟସ୍ଥଳୀରେ ପରକୀୟା ପ୍ରୀତିକୁ ଗୋଷ୍ଠୀ ସଂଘର୍ଷ ହେବାରୁ ୫ ଜଣଙ୍କ ମୃତ୍ୟୁ ହୋଇଥିବା ଚର୍ଚ୍ଚା ଓ ଆଲୋଡ଼ନ ସୃଷ୍ଟି କରିଛି । ମୃତକଙ୍କ ମଧ୍ୟରେ ୩ ଜଣ ମହିଳା ରହିଥିବା ବେଳେ ୨ ପୁରୁଷ ରହିଛନ୍ତି। ୪ ଜଣ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ସୂଚନା ମିଳିଛି । ସୁନ୍ଦରଗଡ଼ ସଦର ଥାନା କରମଡିହି ନିକଟରେ ଏହି ହତ୍ୟାକାଣ୍ଡ ଘଟିଛି। ଆକ୍ରମଣକାରୀ ଗୋଷ୍ଠୀ ଜଣେ ମହିଳା ଓ ଦୁଇ ଶିଶୁଙ୍କୁ ନେଇ ଫେରାର ହୋଇ ଯାଇଛି । ସେମାନଙ୍କ ଧରିବାକୁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି। ଘଟଣା ସ୍ଥଳରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାଏ ଏବଂ ସୁନ୍ଦରଗଡ଼ ଏସପି ପ୍ରତ୍ୟୁଷ ଦିବାକର ପହଞ୍ଚି ତଦନ୍ତ ଚଳାଇଛନ୍ତି । ସଦର ଏସଡିପିଓ ଥାନା ଆଇଆଇସି ଏବଂ ଚାରି ପ୍ଲାଟୁନ ପୋଲିସ ଫୋର୍ସକୁ ନେଇ ଏକ ଟିମ୍ ଗଠନ କରି ହତ୍ୟାକାରୀଙ୍କୁ ଧରିବାକୁ ଉଦ୍ୟମ ଚାଲିଛି। ମୃତକ ଗୋଷ୍ଠୀ ମହାରାଷ୍ଟ୍ରର ହୋଇଥିବା ବେଳେ, ଆକ୍ରମଣକାରୀ ଗୋଷ୍ଠୀ ଆନ୍ଧ୍ରପ୍ରଦେଶର ହୋଇଥିବା କୁହାଯାଇଛି । ଘଟଣା ପରେ ମେଡିକାଲରେ ପଶ୍ଚିମାଞ୍ଚଳ ଡିଆଇଜି ଓ ସୁନ୍ଦରଗଡ଼ ଏସପି ପହଞ୍ଚି ତଦନ୍ତ କରୁଛନ୍ତି । ପରକୀୟା ପ୍ରୀତିକୁ ନେଇ ସଂଘର୍ଷ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଗତ କିଛି ମାସରୁ ମହାରାଷ୍ଟ୍ରର ୱାର୍ଦ୍ଧା ଅଞ୍ଚଳର ଦୁଇ ଯାଯାବର ଦଳ ଆସି କରମଡିହି ନିକଟରେ ତମ୍ବୁ ଲଗାଇ ରହି ଆସୁଛନ୍ତି । ଗୋଟିଏ ଯାଯାବର ଦଳର ଅବିନାଶ ପାୱାରର ପ୍ରଥମ ସ୍ତ୍ରୀ ତାଙ୍କୁ ଛାଡି ଅନ୍ୟ କାହା ସହିତ ପଳାଇଥିଲା । ପରେ ଅବିନାଶ ଅନ୍ୟ ଗୋଷ୍ଠୀର ଜଣେ ମହିଳାଙ୍କୁ ପାଖରେ ଆଣି ରଖିଥିଲେ । ପ୍ରଥମ ସ୍ତ୍ରୀର ଗୋଟିଏ ପୁଅ ଏବଂ ଦ୍ୱିତୀୟ ସ୍ତ୍ରୀର ଦୁଇଟି ସନ୍ତାନ ରହିଛନ୍ତି । ତେବେ ଦ୍ୱିତୀୟ ସ୍ତ୍ରୀକୁ ନେଇ ଅନ୍ୟ ଯାଯାବର ଗୋଷ୍ଠୀ ସହିତ ବିବାଦ ଲାଗି ରହିଥିଲା । ଗତକାଲି ରାତି ପ୍ରାୟ ୧୧ ଟା ବେଳେ ସମସ୍ତେ ଶୋଇଥିବା ବେଳେ ହଠାତ୍ କିଛି ଜଣ ଲୋକ ଆସି ଏମାନଙ୍କ ଉପରେ ଆକ୍ରମଣ କରିଥିଲେ । ଫଳରେ ତିନି ମହିଳାଙ୍କ ସହିତ ପାଞ୍ଚ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଦୁଇ ଶିଶୁଙ୍କ ସମେତ ଅବିନାଶ ଓ ତାର ସ୍ତ୍ରୀ ଆହତ ହୋଇଥିଲେ। ଏହି ଘଟଣା ପରେ ଅବିନାଶର ଦ୍ୱିତୀୟ ସ୍ତ୍ରୀ ଓ ଦୁଇ ଶିଶୁଙ୍କୁ ନେଇ ଫେରାର ହୋଇ ଯାଇଛନ୍ତି ଆକ୍ରମଣକାରୀ।


DADLS-44

ସତ୍ୟମେବ ଜୟତେ



**ପବିତ୍ର ଦୀପାବଳି – ୨୦୨୪ ଉପଲକ୍ଷେ**
**ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

ଦୀପାବଳି ପର୍ବ ଆମ ସମୃଦ୍ଧ ସାଂସ୍କୃତିକ ଅସ୍ମିତା ଓ ଆଧ୍ୟାତ୍ମିକତାର ପ୍ରମୁଖ ଅଂଶ ଓ ଅଙ୍ଗ । ଐତିହ୍ୟର ଆବାହନ ଓ ଭବିଷ୍ୟତର ପଥ ନିର୍ମାଣର ମହାନ ଅବସର ।

ଆଲୋକର ପର୍ବ ପବିତ୍ର ଦୀପାବଳିର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ରଘୁବର ଦାସ)

OIPR-15001/13/0251/2425

ଓଡ଼ିଶା ଶାସନ
ଓଡ଼ିଶା ସରକାର

**ପବିତ୍ର ଦୀପାବଳି ଅବସରରେ**
**ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**



ଆଲୋକ ଓ ଆନନ୍ଦର ପର୍ବ ଦୀପାବଳି ଅବସରରେ ଓଡ଼ିଶାର ସମସ୍ତ ଭାଇଭଉଣୀମାନଙ୍କୁ ମୋର ଅଭିନନ୍ଦନ । ସମସ୍ତଙ୍କ ଜୀବନରେ ଅଜ୍ଞାନ ଓ ଦୁଃଖର ଅନ୍ଧକାର ଦୂର ହୋଇ ଜ୍ଞାନ ଓ ସମୃଦ୍ଧିର ଆଲୋକ ବିଚ୍ଛୁରିତ ହେଉ ।

ଆମର ଅଭିଳଷିତ ବିକଶିତ ଓଡ଼ିଶା ଗଠନ ପାଇଁ ଆସନ୍ତୁ, ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ଏବଂ ଓଡ଼ିଶାର ଗୌରବକୁ ନୂତନ ଶିଖରରେ ପହଞ୍ଚାଇବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ,ଓଡ଼ିଶା

# ଆଲୋକର ପର୍ବ ଦୀପାବଳି

ଶୁଭ ହିନ୍ଦୁ ପର୍ବ ଦୀପାବଳି ପାଞ୍ଚ ଦିନ ଧରି ଚାଲିଥାଏ । ଦୀପାବଳିର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଏବଂ ପବିତ୍ର ପର୍ବ, ଦୀୱାଲି ନାମରେ ଜଣାଶୁଣା । ଅନ୍ଧକାର ଉପରେ ଆଲୋକର ବିଜୟ, ଅଜ୍ଞତା ଉପରେ ଜ୍ଞାନ, ମନ୍ଦ ଉପରେ ଭଲ ଏବଂ ନିରାଶା ଉପରେ ଆଶା କରିବା ପାଇଁ ହିନ୍ଦୁମାନେ ଏହି ଶୁଭ ପର୍ବ ପାଳନ କରନ୍ତି । ଦୀପାବଳି ମଧ୍ୟ ଭଗବାନ କୃଷ୍ଣଙ୍କ ଦ୍ୱାରା ନରକାସୁର ଭଳି ଅନେକ ଅସୁରଙ୍କ ମୃତ୍ୟୁ, ରାବଣଙ୍କୁ ହତ୍ୟା କରିବା ପରେ ଅଯୋଧ୍ୟାରେ ଭଗବାନ ରାମଙ୍କ ଆଗମନ ପାଇଁ ପାଳନ କରାଯାଏ । ଲୋକମାନେ ନିଜ ଘରେ ଏବଂ କାର୍ଯ୍ୟାଳୟରେ ଶୁଭ ଲକ୍ଷ୍ମୀ ପୂଜା କରି ଦୀପାବଳିରେ ଦେବୀ ଲକ୍ଷ୍ମୀଙ୍କୁ ପ୍ରାର୍ଥନା କରନ୍ତି ଏବଂ ଦେବୀଙ୍କୁ ସମୃଦ୍ଧି, ସୁଖ, ଶାନ୍ତି ଏବଂ ଧନ ଦେଇ ଆଶୀର୍ବାଦ କରିବାକୁ କୁହନ୍ତି । ଦେଶର ଅଧିକାଂଶ ସ୍ଥାନରେ ଦୀପାବଳି ପାଞ୍ଚ ଦିନ ପାଇଁ ପାଳନ କରାଯାଏ। ଉତ୍ସବର ଅବଧି ଧନତେରାସରୁ ଆରମ୍ଭ ହୋଇ ଭାଇ ଦୁଜାରେ ଶେଷ ହୁଏ ।








ଭାରତ ଭଳି ଏହି ସବୁ ଦେଶରେ ବଡ଼ ଧୁମଧାମ୍‌ରେ ପାଳନ କରାଯାଏ ଦୀପାବଳି ଦୀପାବଳି ସେଲିବ୍ରେସନ ଆରମ୍ଭ ହୋଇଯାଇଛି । ଧନତେରସ୍ ସହ ବଜାରରେ ଚମକ ଫେରିଛି । ଲୋକେ କିଣାକିଣି କରୁଛନ୍ତି । ସବୁଠି ଭଳିକି ଭଳି ଆଲୋଅରେ ସାଜସଜ୍ଜା କରାଯାଇଛି । ତେବେ କେବଳ ଭାରତ ନୁହେଁ ଦୀପାବଳିକୁ ନେଇ ବିଦେଶରେ ମଧ୍ୟ ଖୁବ ଉତ୍ସାହ ଦେଖିବାକୁ ମିଳୁଛି । ଆମେରିକା, ଜାପାନ ଭଳି ଦେଶରେ ବଡ଼ ଧୁମଧାମରେ ପାଳନ କରାଯାଉଛି ଆଲୋକର ପର୍ବ ଦୀପାବଳି ।

**୧. ଆମେରିକାରେ ଦୀପାବଳି:** କେବଳ ଭାରତୀୟ ନୁହେଁ ଆମେରିକୀୟ ମଧ୍ୟ ଅତି ଖୁସିର ସହିତ ଦୀପାବଳି ପାଳନ କରନ୍ତି । ଏପରିକି ଏହି ଦିନ ଛୁଟି ଘୋଷଣା କରାଯାଏ । ମହାଶକ୍ତି ଆମେରିକାରେ ବିଶେଷ କରି ଭାରତୀୟ ବଂଶୋଦ୍ଭବମାନେ ଦୀପାବଳି ପାଳନ କରନ୍ତି । କିନ୍ତୁ ଏହାର ଉତ୍ସୁକତାଏବେ ମୂଳ ଆମେରିକୀୟଙ୍କୁ ମଧ୍ୟ ପ୍ରଭାବିତ କରିଛି । ନିକଟରେଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଦୀପାବଳି ଅବସରରେ ଭାରତୀୟ ବଂଶୋଦ୍ଭବଙ୍କୁ ବିଶେଷ କାର୍ଯ୍ୟକ୍ରମ ମାଧ୍ୟମରେ ଶୁଭେଚ୍ଛା ଜଣାଇଛନ୍ତି ।

**୨. ଜାପାନରେ ଦୀପାବଳି ଉତ୍ସବ:** ଆମେରିକା ଭଳି ଜାପାନରେ ଦୀପାବଳି ପାଳନ କରାଯାଏ । ଏହି ଦିନ ଲୋକେ ନିଜ ବଗିଚାରେ ଆଲୋକ ସଜ୍ଜା କରୁଥିବା ଦେଖିବାକୁ ମିଳେ । ନାଚ ଗୀତ ସହିତ ଭଳିକି ଭଳି ଖାଦ୍ୟର ମଜା ନିଅନ୍ତି ଲୋକେ ।

**୩. ଶ୍ରୀଲଙ୍କାରେ ଦୀପାବଳି:** ଏସୀୟ ଦେଶ ଶ୍ରୀଲଙ୍କାରେ ଦୀପାବଳି ବଡ଼ ଧୁମଧାମରେ ପାଳନ କରାଯାଏ । ଏହି ଦିନ ଶ୍ରୀଲଙ୍କାରେ ମାଟି ତିଆରି ଦୀପ ଜାଳିବାର ପରମ୍ପରା ରହିଛି । ଲୋକେ ପରସ୍ପରକୁ ଭେଟି ଦୀପାବଳିର ଶୁଭେଚ୍ଛା ଜଣାଇଥାନ୍ତି । ସେଠାରେ ନିଆରା ଢ଼ଙ୍ଗରେ ଦୀପୋତ୍ସବ ମଧ୍ୟ ପାଳନ କରାଯାଏ ।

**୪. ଦୀପାବଳି ପାଳେ ଥାଇଲ୍ୟାଣ୍ଡ:** ଥାଇଲ୍ୟାଣ୍ଡରେ ପାଳନ ହେଉଥିବା ଦୀପାବଳିକୁ ଦେଖିବା ଜରୁରି ବୋଲି କୁହାଯାଏ । ସେଠାରେ ଏହି ଉତ୍ସବକୁ 'କ୍ରିୟୋନ୍ଧ' ନାମରେ ଜଣାଯାଏ । ସେଠାକାର ଲୋକେ କଦଳୀ ପତ୍ରରେ ଦୀପ ତିଆରି କରି ଏହାକୁ ରାତିରେ ନଦୀରେ ଭସାନ୍ତି । ଆଉ ଏହି ସମୟର ଦୃଶ୍ୟ ଅତ୍ୟନ୍ତ ମନୋରମ ।

# ଦୀପାବଳି ପାଳନ ନେଇ କ'ଣ କହେ କିମ୍ବଦନ୍ତୀ

ଦୀପାବଳୀରେ ସମଗ୍ର ଭାରତରେ ଦିବ୍ୟ ଜନନୀଙ୍କର ନାନା ରୂପରେ ପୂଜା କରାଯାଏ । ବଙ୍ଗଳା, ଆସାମ, ଓଡ଼ିଶା ଓ ବିହାରରେ ଦୀପାବଳି ମା କାଳୀଙ୍କ ପୂଜା କରାଯାଏ । କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀ ମଧ୍ୟ ରାତ୍ରୀରୁ ତାନ୍ତ୍ରିକ ଓ ଶାକ୍ତ ମତରେ ଦେବୀଙ୍କର ପୂଜା ହୁଏ । ମାଟିରେ ତିଆରି ମୂର୍ତ୍ତି ସହ ବିଭିନ୍ନ ଶକ୍ତି ପୀଠରେ ଏହା ପାଳିତ ହୁଏ । ସେହିପରି ଭାରତର ଅନ୍ୟାନ୍ୟ ଅଂଶରେ ଦୀପାବଳି ଲକ୍ଷ୍ମୀ ପୂଜାର ସମୟ । ବିଶେଷ କରି, ଉତ୍ତର ଭାରତରେ ମହାଲକ୍ଷ୍ମୀଙ୍କ ରୂପରେ ଦେବୀଙ୍କ ଆରାଧନା କରାଯାଏ । ଏହା ଏହି ସବୁ ଅଞ୍ଚଳରେ ଏକ ମୁଖ୍ୟ ପର୍ବ ରୂପେ ପାଳିତ ହୁଏ । ମିଥିଳା ଓ ନେପାଳରେ ଏହି ପର୍ବରେ ମହାନିଶାଙ୍କ ପୂଜା କରାଯାଏ ।

**କିମ୍ବଦନ୍ତୀ:** କାର୍ତ୍ତିକ ଅମାବାସ୍ୟାରେ ଦୀପାବଳି ଉତ୍ସବ ପାଳନ କରାଯାଏ । ଏହି ପର୍ବ ପ୍ରାୟ ସମସ୍ତେ ପାଳନ କରନ୍ତି । ଘରେ ଘରେ ସେଦିନ ଦୀପ ଜଳେ, ବାଣ ଫୁଟାଯାଏ । ଶ୍ରାଦ୍ଧ କରାଯାଏ । ପିଠାପଣା ହୁଏ । ଦୀପାବଳି ଉତ୍ସବ ପାଳନ ବିଷୟରେ ନାନାପ୍ରକାର ପୁରାଣ ଓ ଲୋକକଥା ଶୁଣାଯାଏ । ଏହି ଦୀପାବଳୀ ଅମାବାସ୍ୟାକୁ ଲୋକୋକ୍ତିରେ ପୟା ଅମାବାସ୍ୟା କହନ୍ତି ।



**ରାମାୟଣ:** ସତ୍ୟଯୁଗରେ ପ୍ରଭୁ ରାମଚନ୍ଦ୍ର ରାବଣଙ୍କୁ ମାରି ସୀତାଙ୍କୁ ଉଦ୍ଧାର କରି ଅଯୋଧ୍ୟା ଫେରିଲେ । ଅଯୋଧ୍ୟାର ସମସ୍ତ ନରନାରୀ ଶ୍ରୀରାମଙ୍କ ଅସତ୍ୟ ଉପରେ ସତ୍ୟର ବିଜୟ ନିମନ୍ତେ ଆନନ୍ଦରେ ବିଭିନ୍ନ ପ୍ରକାର ଆଲୋକ ଜଳେଇଥିଲେ । ସେହି ଦିନରୁ ଏହି ଉତ୍ସବ ପାଳନ କରାଯାଉଛି । ଉତ୍ତର ଭାରତରେ ପୁରୁଷୋତ୍ତମ ରାମଚନ୍ଦ୍ରଙ୍କର ଭକ୍ତମାନେ ଏହିଦିନ ଟିକୁ ବହୁ ଯାକଜମକରେ ପାଳନ କରନ୍ତି । 'ଉତ୍ସବ ତତ୍ତ୍ୱାଭିଧାନ' ଅନୁଯାୟୀ ଏକଦା କାର୍ତ୍ତିକ (ତୁଳା)ମାସ- ଘନଅନ୍ଧକାର କୃଷ୍ଣପକ୍ଷରେ ଜଣେ ଭବିଷ୍ୟଦ୍ରଷ୍ଟା ଜ୍ୟୋତିଷ ପ୍ରଭୁ ଶ୍ରୀରାମଙ୍କୁ ବିପର୍ଯ୍ୟସ୍ତ ଦୁର୍ଭାଗ୍ୟ କାଳସର୍ପ ରୂପେ ଅମାରାତିରେ ଦଂଶନକରିବା ପାଇଁ ଲୁଚିଛପି ଆସିବାର ଭବିଷ୍ୟବାଣୀ କରିଥିଲେ । ସତର୍କତାପୂର୍ବକ ଅଯୋଧ୍ୟା ରାଜନଗରୀର କୃଷ୍ଣପକ୍ଷ ସାରା ଉଜ୍ଜଳଆଲୋକ ପ୍ରଜ୍ଜଳନ କରାଯାଇଥିଲା ଏବଂ କାଳସର୍ପ ଦଂଶନର ଚକ୍ରାନ୍ତ ପଣ୍ଡହୋଇଥିଲା ।

**ଦୈତ୍ୟ ରାଜା ବଳୀ:** ଦୈତ୍ୟରାଜ ବଳି ମହାଦାନୀ ଥିଲେ । ସେ ଏପରି ଦାନ କଲେ ଯେ ସ୍ୱର୍ଗର ଦେବତାମାନଙ୍କ ମଧ୍ୟରେ ଭାଳେଣି ପଡ଼ିଗଲା , କାରଣ ତାଙ୍କର ପୁଣ୍ୟ ଫଳରେ ସେ ସ୍ୱର୍ଗପୁରର ଅଧିକାରୀ ହେଇପାରନ୍ତି । ଏଣୁ ଦେବତାମାନଙ୍କ କଥା ରକ୍ଷାକରି ବିଷ୍ଣୁ ବାମନ ଅବତାର ଗ୍ରହଣ କରି ବଳିରାଜଙ୍କ ପାଖରେ ପହଞ୍ଚି ତାଙ୍କୁ ତିନିପାଦ ଭୂମି ମାଗିଥିଲେ । ଗୋଟିଏ ପାଦରେ ପୃଥିବୀ, ଗୋଟିଏ ପାଦରେ ସ୍ୱର୍ଗ ଏବଂ ତୃତୀୟ ପାଦରେ ବଳିଙ୍କୁ ପାତାଳକୁ ଚାପିଦେଲେ । ତେଣୁ ସେ ପାତାଳ ପୁରକୁ ଚାଲିଗଲେ । ତା' ପରେ ବଳିଙ୍କ ପ୍ରାର୍ଥନା ଶୁଣି ପାତାଳରେ ବଳିକୁ ରାଜା କରିଦେଲେ । ବର୍ଷକରେ ଥରେ ମର୍ତ୍ତ୍ୟପୁରକୁ ଆସି ପ୍ରଜାମାନଙ୍କୁ ଦେଖିବାକୁ ବଳି ବର ମାଗନ୍ତେ ବିଷ୍ଣୁ ଏଥିରେ ସମ୍ମତି ଜଣାଇ କାର୍ତ୍ତିକ ଶୁକ୍ଳ ପ୍ରତିପଦା ଦିନ ଦିନ ବଳି ମର୍ତ୍ତ୍ୟକୁ ଆସିବାକୁ ତଥାସ୍ତୁ କହିଲେ । ତେଣୁ ସେଦିନକୁ ମର୍ତ୍ତ୍ୟବାସୀ ଆନନ୍ଦର ଦୀପ ଜାଳି ଆଲୋକିତ କରନ୍ତି ।

# ଦୀପାବଳିରେ କାହିଁକି ପୂଜା କରାଯାଏ ମା କାଳୀଙ୍କୁ



ଦୀପାବଳି (ଦିୱାଲି) ଆଲୋକର ଉତ୍ସବ ,ଭାରତର ଏକ ଆକର୍ଷଣୀୟ ଉତ୍ସବ । ଏହି ଉତ୍ସବ ପ୍ରଭୁ କୃଷ୍ଣଙ୍କ ଦ୍ୱାରା ନାରକାସୁର ବଧର ସ୍ମୃତିରେ ପାଳିତ ହୋଇଥାଏ । କେରଳରେ ଏହି ଉତ୍ସବ କେତେକ ନିର୍ଦ୍ଦିଷ୍ଟ ଅଂଚଳରେ ବହୁ ଆଡମ୍ବରରେ ପାଳିତ ହୋଇଥାଏ । ଦୀପାବଳି ଉତ୍ସବରେ ଲୋକେ ନୂଆ ପୋଷାକ ପିନ୍ଧିଥାନ୍ତି, ଘର ଓ ରାସ୍ତାଘାଟକୁ ଆଲୋକିତ କରି ମାଟି ଦୀପ ଜଳାଇଥାନ୍ତି ଏବଂ ମିଷ୍ଟାନ୍ନ ଆଦାନ ପ୍ରଦାନ କରିଥାନ୍ତି । ଏହା ପ୍ରଭୁ କୃଷ୍ଣଙ୍କ ଦ୍ୱାରା ନାରକାସୁର ବଧର ସ୍ମୃତିରେ ପାଳିତ ହୋଇଥାଏ । ଆଲୋକର ପର୍ବ ଦୀପାବଳିକୁ ଆମ ଦେଶରେ ଖୁବ୍ ଧୁମଧାମ୍‌ରେ ପାଳନ କରାଯାଏ। ଖାଲି ଦୀପାବଳି ନୁହେଁ ଏହି ଦିନରେ ବି ମା' କାଳୀଙ୍କର ହୁଏ ପୂଜାର୍ଚ୍ଚନା। ସାରା ଦେଶରେ ବହୁ ଆଡମ୍ବରରେ ପାଳନ କରାଯାଏ କାଳୀପୂଜା । ଶାସ୍ତ୍ର ଅନୁସାରେ ଯେଉଁ ସମୟରେ ସ୍ୱର୍ଗରେ ଅସୁରମାନଙ୍କର ଉତ୍ପାତ ବଢିବାରେ ଲାଗିଥିଲା ସେହି ସମୟରେ ଦେବୀ ଦୁର୍ଗା ଆବିର୍ଭାବ ହୋଇଥିଲେ । ଏହାପରେ ସମସ୍ତ ଦେବାଦେବୀଙ୍କ ଶକ୍ତିକୁ ନେଇ ଦେବୀ ଅସୁରମାନଙ୍କ ସହ ଲଢିଲେ । ଶେଷରେ ମହିଷାସୁରକୁ ବଧ କରିବା ପରେ ଦୁର୍ଗା ଥକି ପଡିଥିଲେ । ତେଣୁ ମା'ଙ୍କର କେଶ ଅଡୁଆ ହୋଇ ପଡିଥିଲା । ଶାସ୍ତ୍ର ଅନୁସାରେ ଦୁର୍ଗାଙ୍କ କେଶରୁ ହିଁ କାଳୀଙ୍କର ଆବିର୍ଭାବ ହୋଇଥିଲା । ପରେ କାଳୀ ଭୟଙ୍କର ଭାବରେ କ୍ରୋଧାନ୍ୱିତ ହୋଇଥିଲେ । ତାଙ୍କୁ ଶାନ୍ତ କରିବା ପାଇଁ କାହାରି ପାଖରେ କୌଣସି ବିଦ୍ୟା ନ ଥିଲା। ଗୋଟିଏ ପରେ ଗୋଟିଏ ଅସୁରର ମୁଣ୍ଡ କାଟିବା ସହ ତାଙ୍କ ମାଳକୁ ବେକରେ ପିନ୍ଧିଥିଲେ ମା' । ଏପରି କରାଳ ରୂପ ଦେଖି ସ୍ୱୟଂ ଭଗବାନ ଶିବ ମଧ୍ୟ କିଛି ସମୟ ପାଇଁ ସ୍ତମ୍ଭୀଭୂତ ହୋଇଥିଲେ । ଶେଷରେ ମା'ଙ୍କୁ ଶାନ୍ତ କରିବା ପାଇଁ ଅନ୍ଧାରରେ ଶିବ ଏକ ସ୍ଥାନରେ ଶୋଇ ରହିଥିଲେ । ପରେ ମା' ଉଗ୍ରମୁଖୀ ହୋଇ ଗଲା ବେଳେ ଅନ୍ଧାର ହୋଇଥିବା କାରଣରୁ ସ୍ୱାମୀଙ୍କ ଉପରେ ଚଢିଯାଇଥିଲେ । ପରେ ଯେତେବେଳେ ଦେଖିଲେ ନିଜ ସ୍ୱାମୀର ଛାତି ଉପରେ ଗୋଡ ରଖିଛନ୍ତି ତାହା ପରେ ଜିଭ କାମୁଡି ଦେବା ସହ ଶାନ୍ତ ହୋଇପଡିଥିଲେ । ସେହି ସମୟରେ ମା'ଙ୍କୁ ଅନେକ ବିଧିବିଧାନ ସହ ପୂଜାର୍ଚ୍ଚନା କରାଯାଇଥିଲା । ପରେ ସେହି ଦିନଠାରୁ ହିଁ ମା'ଙ୍କର ପୂଜାର୍ଚ୍ଚନା କାର୍ତ୍ତିକ ମାସ ଆମାବାସ୍ୟାରେ କରାଯିବାର ବିଧି ରହିଛି । ତେବେ ଅନେକ ଲୋକ ଭାବନ୍ତି ଯେ, ଦୀପାବଳିରେ କାହିଁକି କାଳୀଙ୍କୁ ପୂଜା କରାଯାଏ। କାରଣ ସେହି ଦିନ ରାବଣକୁ ବଧ କରି ଶ୍ରୀରାମଚନ୍ଦ୍ର ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିଥିଲେ । ତେବେ ରାମଙ୍କୁ ସ୍ୱାଗତ କରିବା ସ୍ଥାନୀୟ ଲୋକମାନେ ନିଜ ନିଜ ଦ୍ୱାର ସମ୍ମୁଖରେ ଦୀପଦାନ କରିଥିଲେ । ସେହି ଦିନ କାଳୀ ମଧ୍ୟ ଶାନ୍ତ ହୋଇଥିଲେ । ତେଣୁ ଏପରି ପୂଜା କରିବାର ବିଧି ରହିଥିବା ଜଣାଯାଏ ।

# ସାମାଜିକ ଓ ସାଂସ୍କୃତିକ ଜୀବନକୁ ଆଲୋକିତ କରେ ଦୀପାବଳି

ଭାରତୀୟ ସଂସ୍କୃତି ଓ ପରମ୍ପରାର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ପର୍ବ ଦୀପାବଳି । ଏହା କେବଳ ଆଲୋକର ପର୍ବ ନୁହେଁ, ବରଂ ସମାଜରେ ଏକତା , ସାମୂହିକତା ଓ ସମନ୍ୱୟର ବାର୍ତ୍ତା ଦେଇଥାଏ । ଦୀପାବଳିର ଆଲୋକ କେବଳ ଆମ ଘର ଓ ଆଖପାଖକୁ ଆଲୋକିତ କରେ ନାହିଁ , ବରଂ ଏହା ଆମ ହୃଦୟ ଓ ସମାଜରେ ଥିବା ଭାଇଚାରାକୁ ଆଲୋକିତ କରେ । ଯେତେବେଳେ ଦୀପାବଳିର ଦୀପ ଜଳାଯାଏ, ସେତେବେଳେ ନୂତନ ଦିବ୍ୟ ବାର୍ତ୍ତା ମିଳେ । ଯେପରି ଏହି ଦୀପଗୁଡ଼ିକ ଅନ୍ଧକାରକୁ ଦୂର କରନ୍ତି , ସେହିଭଳି ସମାଜର ବିବିଧତାକୁ ସାମୂହିକତା ଓ ସମନ୍ୱୟ ଦ୍ୱାରା ଆମ ଭିତରେ ଥିବା ଅଜ୍ଞତା, ଅସମାନତା ଦୂର କରିଥାଏ ଓ ଶତ୍ରୁତାର ଅନ୍ଧକାରକୁ ସମାପ୍ତ କରେ ।

ଦୀପାବଳି ଗଣପର୍ବ । ଗଣ ପର୍ବର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଏହା ସାମୂହିକତା ଓ ସାମାଜିକ କଥାବାର୍ତ୍ତାର ପ୍ରତୀକ । ଏହି ପର୍ବ କେବଳ ଗୋଟିଏ ଜାତି, ଧର୍ମ କିମ୍ବା ସମ୍ପ୍ରଦାୟର ନୁହେଁ , ବରଂ ଏହା ସମସ୍ତ ଭାରତୀୟମାନଙ୍କ ପାଇଁ ସମ୍ମାନ ରୂପକ ସମାନ ସଂହତିର ପ୍ରତୀକ। ଏହି ଗଣପର୍ବରେ ହିନ୍ଦୁ, ମୁସଲମାନ, ଶିଖ, ଖ୍ରୀଷ୍ଟିଆନ ଏକତ୍ର ହୁଅନ୍ତି । ସମସ୍ତେ ଏହି ପର୍ବକୁ ସେମାନଙ୍କର ସାଂସ୍କୃତିକ ଐତିହ୍ୟ ରୂପରେ ସମାନ ଢଙ୍ଗରେ ମହାଆଡମ୍ବରରେ ପାଳନ କରନ୍ତି । ବିଭିନ୍ନ ଧର୍ମ ଓ ସମ୍ପ୍ରଦାୟର ଲୋକମାନେ ଦୀପାବଳି ଅବସରରେ ଏକାଠି ହୋଇ ପରସ୍ପରକୁ ମିଠା ଓ ଉପହାର ଦେବା ସହିତ ସାମାଜିକ ଭେଦଭାବ ଭୁଲି ଭାଇଚାରାର ବାର୍ତ୍ତା ଦିଅନ୍ତି । ଦୀପାବଳି ସମୟରେ ପ୍ରତ୍ୟେକ ଘରକୁ ପରିଷ୍କାର କରିବା, ସଜାଇବା, ଦୀପ ଜାଳିବାରେ ଆମୋଦ ଥାଏ । ଲକ୍ଷ୍ମୀ ପୂଜା ଠାରୁ ଶ୍ୟାମାକାଳୀ ପର୍ଯ୍ୟନ୍ତ କେବଳ ଧାର୍ମିକ ରୀତିନୀତି ନୁହେଁ, ବରଂ ଏହା ଏକ ସାମାଜିକ ଅନୁଶାସନ, ଏକତା ଓ ସହଯୋଗର ବାର୍ତ୍ତା ଦେଇ ଆତ୍ମାକୁ ପବିତ୍ର କରେ । ଏହି ସମୟରେ ଲୋକମାନେ ନିଜ ଘରକୁ ସଜାଇ ଅନ୍ୟମାନଙ୍କୁ ସ୍ୱାଗତ କରିବାକୁ ପ୍ରସ୍ତୁତ ହୁଅନ୍ତି । ଏହା ଏକ ପବିତ୍ର ମଙ୍ଗଳମୟ ସମୟ , ଯେତେବେଳେ ସମାଜର ସମସ୍ତ ବର୍ଗର ଲୋକମାନେ ଏକତ୍ର ହୋଇ ପର୍ବ ପାଳନ କରିବାକୁ ଆଗେଇ ଆସନ୍ତି, ସେତେବେଳେ ସମାଜରେ ଏକତା ଓ ଉତ୍ତମ ପରିବେଶ ସ୍ୱତଃ ସୃଷ୍ଟି କରେ । ତେଣୁ କହିବାକୁ ଗଲେ ଦୀପାବଳି ପର୍ବ ହେଉଛି ପାରସ୍ପରିକ ସମନ୍ୱୟ ଓ ଭାଇଚାରାର ପ୍ରତୀକ । ଏହା ସାମାଜିକ ସମନ୍ୱୟ ବୃଦ୍ଧି କରିବା ଦ୍ୱାରା ସମାଜର ସମସ୍ତ ବର୍ଗର ଲୋକମାନେ, ଧନୀ କିମ୍ବା ଗରିବ ମିଳିତ ହୋଇ , ପରସ୍ପର ସହିତ ସମାନ ଭାବରେ ଉତ୍ସବର ଆନନ୍ଦରେ ଯୋଗ ଦିଅନ୍ତି । ଏହି ପର୍ବ ସାମାଜିକ ଅସମାନତାକୁ ଦୂର କରିବାର ବାର୍ତ୍ତା ଦେବାରୁ ଧନୀ ଓ ଗରିବଙ୍କ ମଧ୍ୟରେ ଥିବା ପ୍ରଭେଦ ଅଦୃଶ୍ୟ ହୋଇଯାଏ । ଯେହେତୁ ସମସ୍ତେ ଦୀପ ଜାଳନ୍ତି, ମିଠା ବଣ୍ଟନ କରନ୍ତି ଓ ପରସ୍ପର ଭିତରେ ଆନନ୍ଦ ବିନିମୟ କରନ୍ତି । ଏହା ବ୍ୟତୀତ ଦୀପାବଳି ଅବସରରେ ଲୋକମାନେ ସେମାନଙ୍କର ଆଗରୁ ଥିବା ସବୁ ପୁରୁଣା ଝଗଡା , ପାର୍ଥକ୍ୟକୁ ଭୁଲିଯାଆନ୍ତି ଓ ନୂତନ ସମ୍ପର୍କ ଯୋଡ଼ିବା ଆରମ୍ଭ କରନ୍ତି । ଏହି ପର୍ବ ସମସ୍ତଙ୍କୁ ଶିକ୍ଷା ଦିଏ ଯେ ଆମେ ସମସ୍ତେ ଆମ ଭିତରେ ଥିବା ପାର୍ଥକ୍ୟକୁ ଭୁଲିଯିବା ଓ ପରସ୍ପର ସହିତ ସୁସମ୍ପର୍କ ସ୍ଥାପନ କରିବା ଉଚିତ୍ । ଯେତେବେଳେ ସମାଜର ଲୋକମାନେ ପାରସ୍ପରିକ ବିବାଦ ଓ ଶତ୍ରୁତାକୁ ଭୁଲି ଏକତ୍ର ହୁଅନ୍ତି, ସେତେବେଳେ ହିଁ ପ୍ରକୃତ ଅର୍ଥରେ କେବଳ ସାମାଜିକ ସମନ୍ୱୟ ସ୍ଥାପିତ ହୋଇପାରିବ ।

ଭାରତ ପରି ଏକ ବିଶାଳ ବିବିଧ ଦେଶରେ ଯେଉଁଠାରେ ଅନେକ ଧର୍ମ, ଜାତି ଓ ଭାଷା ଅଛି, ସେଠାରେ ଦୀପାବଳି ଭଳି ପର୍ବ ସମାଜକୁ ଏକଜୁଟ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ।



ଏହି ଅବସରରେ ସବୁ ସଂପ୍ରଦାୟର ଲୋକମାନେ ଏକତ୍ରିତ ହୋଇ ଧାର୍ମିକ ଓ ସାଂସ୍କୃତିକ ପାର୍ଥକ୍ୟ ଭୁଲିଯାଆନ୍ତି । ହିନ୍ଦୁ ମାନଙ୍କ ପରି ମୁସଲମାନ, ଖ୍ରୀଷ୍ଟିଆନ, ଶିଖ ଓ ଅନ୍ୟ ଧର୍ମର ଲୋକମାନେ ଦୀପାବଳିରେ ଆନନ୍ଦରେ ଯୋଗ ଦିଅନ୍ତି । ଯାହା ସ୍ପଷ୍ଟ କରେ ଯେ ଏହି ପର୍ବ କେବଳ ହିନ୍ଦୁ ଧର୍ମରେ ସୀମିତ ନୁହେଁ । ଏହା ଏକ ସାମୂହିକ ଆନନ୍ଦଦାୟକ ଉତ୍ସବ । ଏହା ସହିତ ବିଭିନ୍ନ ଧାର୍ମିକ ସମ୍ପ୍ରଦାୟର ଲୋକମାନେ ପରସ୍ପରର ଘରକୁ ଯାଇ ପରସ୍ପରକୁ ଇଚ୍ଛା ପ୍ରକାଶ କରନ୍ତି । ଯାହା ପାରସ୍ପରିକ ବୁଝାମଣା ଓ ସମନ୍ୱୟକୁ ପ୍ରୋତ୍ସାହିତ କରେ । ଦୀପାବଳିର ଏହି ଦିଗ ସମସ୍ତଙ୍କୁ ଶିକ୍ଷା ଦିଏ ଯେ ଧର୍ମ ଓ ସଂସ୍କୃତି ଭିନ୍ନ ହୋଇପାରେ । କିନ୍ତୁ ମାନବ ସମ୍ବେଦନଶୀଳତା ଓ ମୂଲ୍ୟବୋଧ ସମାନ ରହିଥାଏ । ତେଣୁ ଦୀପାବଳି ସମାଜରେ ସମନ୍ୱୟ ଓ ସୌହାର୍ଦ୍ଦ୍ୟର ପରିବେଶ ସୃଷ୍ଟି କରେ ।

ଦୀପାବଳି ପର୍ବ ମଧ୍ୟ ସମସ୍ତଙ୍କ ଆତ୍ମାକୁ ଆଲୋକିତ କରିଥାଏ । ଦୀପାବଳି ସମୟରେ ଲୋକମାନେ ସାମୂହିକ ଭାବରେ ବିଭିନ୍ନ ସାମାଜିକ କାର୍ଯ୍ୟକଳାପରେ ଅଂଶଗ୍ରହଣ କରନ୍ତି , ଯେପରିକି ଏକତ୍ରିତ ହୋଇ ଦାଣ୍ଡ ସଫା କରିବା, ଦେବୀ ମା'ଙ୍କୁ ପୂଜା କରିବା ଓ ଗରିବ ଲୋକମାନଙ୍କୁ ସାହାଯ୍ୟ କରିବା । ଦୀପାବଳି ସମୟରେ ସମାଜର ଅନେକ ଭାଗରେ ଥିବା ଗରିବ ଓ ଅଭାବୀ ଲୋକଙ୍କୁ ଖାଦ୍ୟ, ପୋଷାକ ଓ ଉପହାର ଦିଆଯାଏ , ଯାହା ସମାଜରେ ସମାନତା ଓ ଏକତାର ଭାବନା ବଢାଇଥାଏ । ଜନସାଧାରଣ ସାମାଜିକ ସଂଗଠନ ଓ ସମ୍ପ୍ରଦାୟ ଦ୍ୱାରା ଆୟୋଜିତ ଜନ ମହୋତ୍ସବରେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରନ୍ତି । ଯାହା ଏକତା ଓ ସହଯୋଗର ଭାବନାକୁ ବଢାଇଥାଏ । ଏହି ଜନ କାର୍ଯ୍ୟକ୍ରମଗୁଡ଼ିକ କେବଳ ଉତ୍ସବର ଆନନ୍ଦରେ ଯୋଗ ଦେଇନଥାଏ , ବରଂ ସମାଜର ବିଭିନ୍ନ ବିଭାଗ ମଧ୍ୟରେ ଦୂରତା ମଧ୍ୟ ହ୍ରାସ କରିଥାଏ । ଯେତେବେଳେ ଲୋକମାନେ ଏକତ୍ରିତ ହୋଇ କିଛି କାର୍ଯ୍ୟରେ ନିୟୋଜିତ ହୁଅନ୍ତି, ସେମାନେ ସେମାନଙ୍କର ବ୍ୟକ୍ତିଗତ ସ୍ୱାର୍ଥ ଭୁଲିଯାଆନ୍ତି ଓ ସମାଜର କଲ୍ୟାଣ ପାଇଁ କାର୍ଯ୍ୟ କରନ୍ତି । ଏହି ଭାବନା ଦୀପାବଳିର ମୂଳ ବାର୍ତ୍ତା ସହିତ ସମାନ, ଯାହା ଏକତାର ଶକ୍ତି ଅଟେ । ଦୀପାବଳି ପ୍ରକୃତ ଅର୍ଥ ହେଉଛି 'ଅନ୍ଧକାରରୁ ଆଲୋକକୁ', ଗତି କରିବ । ଅର୍ଥାତ୍ ଅଜ୍ଞତା, ଅସମାନତା ଓ ଭେଦଭାବର ଅନ୍ଧକାରରୁ ଜ୍ଞାନ, ସମାନତା ଓ ସମନ୍ୱୟର ଆଲୋକକୁ ଯିବା । ଏହି ପର୍ବର ଉଦ୍ଦେଶ୍ୟ କେବଳ ଶାରୀରିକ ଜୀବନରେ ଆଲୋକ ଆଣିବା ନୁହେଁ , ବରଂ ଆମର ସାମାଜିକ ଓ ସାଂସ୍କୃତିକ ଜୀବନକୁ ଆଲୋକିତ କରିବା । ଦୀପାବଳି ଆମକୁ ଶିକ୍ଷା ଦିଏ ଯେ ଯେତେବେଳେ ଆମେ ଏକାଠି କାମ କରିବା ଓ ସମସ୍ତଙ୍କ ପାଇଁ ସମାନ ସୁଯୋଗ ପ୍ରଦାନ କରିବା ସେତେବେଳେ ସମାଜରେ ପ୍ରକୃତ ପ୍ରଗତି ଘଟିବ । ଦୀପାବଳି କେବଳ ଏକ ଧାର୍ମିକ କିମ୍ବା ସାଂସ୍କୃତିକ ପର୍ବ ନୁହେଁ, ବରଂ ଏହା ସାମାଜିକ ସମନ୍ୱୟ , ଏକତା ଓ ଭାଇଚାରାର ପ୍ରତୀକ । ଏହି ପର୍ବ ମାଧ୍ୟମରେ ଆମେ ବାର୍ତ୍ତା ପାଇଥାଉ ଯେ ସମାଜରେ ବିବିଧତା ସତ୍ତ୍ୱେ ଆମେ ସମସ୍ତେ ସମାନ ସମାଜର ଅଂଶ ଅଟୁ ଓ ଆମେ ପରସ୍ପର ସହ ମିଶି କାର୍ଯ୍ୟ କରିବା ଉଚିତ୍ । ଦୀପାବଳି ଉତ୍ସବ ଆମ ସମାଜରେ ସମନ୍ୱୟ , ସମାନତା ଓ ପାରସ୍ପରିକ ବୁଝାମଣାକୁ ପ୍ରୋତ୍ସାହିତ କରିବା ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ ପ୍ରଦାନ କରେ । ଯେତେବେଳେ ଆମେ ଦୀପ ଜାଳିବା , ଆମକୁ ମନେ ରଖିବା ଉଚିତ୍ ଯେ ଏହି ଆଲୋକ ସହିତ ଆମ ସମାଜରୁ ଅଜ୍ଞତା, ଅସମାନତା ଓ ଶତ୍ରୁତାର ଅନ୍ଧକାରକୁ ମଧ୍ୟ ଦୂର କରିବାକୁ ପଡିବ । ପ୍ରକୃତିରେ ଦୀପାବଳି ପର୍ବ ଆମକୁ ଶିକ୍ଷା ଦିଏ ଯେ ସମାଜର ପ୍ରତ୍ୟେକ ବ୍ୟକ୍ତି ଖୁସି ଓ ସନ୍ତୁଷ୍ଟ ହେଲେ ହିଁ ପ୍ରକୃତ ସୁଖ , ଶାନ୍ତି, ଐଶ୍ୱର୍ଯ୍ୟ ମିଳିପାରିବ । ତେଣୁ ଏହି ଦୀପାବଳିରେ ଆମେ ସମସ୍ତେ ଏକାଠି ପ୍ରତିଶ୍ରୁତି ଓ ଶପଥ ନେବା ଉଚିତ୍ ଯେ ଆମେ ସମାଜରେ ଭାଇଚାରା, ଏକତା ଓ ସୌହାର୍ଦ୍ଦ୍ୟକୁ ପ୍ରୋତ୍ସାହିତ କରିବୁ, ଯାହା ଦ୍ୱାରା ଆମ ସମାଜ ଏକ ଉଜ୍ଜ୍ୱଳ ତଥା ସମୃଦ୍ଧ ଭବିଷ୍ୟତ ଆଡକୁ ଗତି କରିପାରିବ । ଦୀପାବଳିରେ ଯେପରି ଦୀପଗୁଡ଼ିକର ଆଲୋକ ସମଗ୍ର ପରିବେଶକୁ ସମାନ ଭାବରେ ଆଲୋକିତ କରେ, ସେହିଭଳି ଆମେ ସମାଜର ପ୍ରତ୍ୟେକ ବ୍ୟକ୍ତିର ଜୀବନକୁ ଆଲୋକିତ କରିବା ଉଚିତ୍ । ଯାହା ଦ୍ୱାରା ସମାଜରେ ସମାନତା ଓ ନ୍ୟାୟର ଆଲୋକ ବିସ୍ତାର ହେବ..!

ଡ.ଲକ୍ଷ୍ମଣ ସାହୁ, କଟକ-୪
ଦୂରଭାଷ : ୯୦୪୦୧୫୧୪୭୫

## ବ୍ଲକସ୍ତରୀୟ ଶ୍ରୀଅନ୍ନ ଅଭିଯାନ

ଭାପୁର,(ନିପ୍ର): ଭାପୁର ବ୍ଲକସ୍ତରୀୟ ଶ୍ରୀଅନ୍ନ ଅଭିଯାନ ଦ୍ୱାରା ଅନୁଷ୍ଠିତ ପାରମ୍ପରିକ ଖାଦ୍ୟ ମେଳା କାର୍ଯ୍ୟକ୍ରମ ମଙ୍ଗଳବାର ବାଇଗୁଣିଆସ୍ଥ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ



ବ୍ଲକରୁ ୨୮ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ମାନେ ଯୋଗଦେଇ ତାଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାରର ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରି ଆଣିଥିଲେ । ସେ ବ୍ୟଞ୍ଜନ ଗୁଡ଼ିକ ନିଜ ବାରିର କଞ୍ଚା ପନିପରିବା,ମାଣ୍ଡିଆ,ବାଜରା,ଜହ୍ନା ଆଦିରୁ ପ୍ରସ୍ତୁତ ହୋଇଥିଲା । ୭ ରୁ ଉର୍ଦ୍ଧ୍ୱ ବ୍ୟଞ୍ଜନ ଶ୍ରୀଅନ୍ନ କାର୍ଯ୍ୟକ୍ରମରେ ପ୍ରଦର୍ଶିତ ହୋଇଥିଲା । କାର୍ଯ୍ୟକ୍ରମରେ , ବ୍ଲକ ମାଣ୍ଡିଆ ନିଗମର କର୍ମକର୍ତ୍ତା ସସ୍ମିତା ବେହେରା,ଦୀପକ କୁମାର ସାହୁ, ଜୟଦେବ ସ୍ୱାଇଁ ତଥା ପଞ୍ଚାୟତ ଜନପ୍ରତିନିଧି,ରାଜ୍ୟ କୃଷି ବିଶ୍ୱବିଦ୍ୟାଳୟ ର ଛାତ୍ର ,ଏ.ଓ .ଡ଼ମଣୀ ଦେଇ, ଭି.ଏ.ଡବ୍ଲ୍ୟୁ ଜିତେନ୍ଦ୍ର ମାଝି, ସୁପରଭାଇଜର ସନ୍ତୋଷିନୀ ପାଣି,ମିଶନ ଶକ୍ତି ପିପିଆଇ ମସିହା କଲ , ଏଫ୍ .ପି .ଓ. ଦଣ୍ଡପାଣି ସ୍ୱାଇଁ ଯୋଗଦେଇ ଖାଦ୍ୟର ମାନ,ଗୁଣବତ୍ତା ଓ ସ୍ୱାଦ ପରୀକ୍ଷା କରିଥିଲେ । ଏହି ପ୍ରଦର୍ଶନୀରେ ଓମ୍ ଶାନ୍ତି ସ୍ୱୟଂ ସହାୟକ ଗୋଷ୍ଠୀ, ବୋର୍ ଗାଁ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ସାଇରାମ ଓ ଜୟ ଶ୍ରୀରାମ ସ୍ୱୟଂ ବାଇଗୁଣିଆ ସହାୟକ ଗୋଷ୍ଠୀ କ୍ରମାନ୍ୱୟ ରେ ଦ୍ୱିତୀୟ ଓ ତୃତୀୟ ହୋଇ ମାନପତ୍ର ପାଇବା ସହିତ ପୁରସ୍କୃତ ହୋଇଥିଲେ ।

---

## ମଣ୍ଡି ଭିତିଭୂମି ଦେଖିଲେ ବିଧାୟକ

କଲମପୁର,(ନିପ୍ର): ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଷୀ କଲମପୁର ଗସ୍ତରେ ଆସି ପ୍ରସ୍ତାବିତ ତଥା ନୂତନ ଭାବେ ନିର୍ମାଣ ହେବାକୁ ଥିବା ୫ଟି ଧାନ ମଣ୍ଡିର ଭିତିଭୂମି ତଦାରଖ କରିଛନ୍ତି । ସୂଚନା ଅନୁସାରେ, ବିଧାୟକ ପାଟଯୋଷୀ ବଙ୍କାପଲାରେ ପହଞ୍ଚି ନିର୍ମାଣ ଦାୟିତ୍ୱରେ ଥିବା ମୁଖ୍ୟ ମୁଖଗୁଡ଼ା ଭାରିଜଳ ପ୍ରକଳ୍ପ ନିୟନ୍ତ୍ରଣ ବଜାର କମିଟିର ବରିଷ୍ଠ କର୍ମଚାରୀ ସନାତନ ମାଝୀଙ୍କ ସମେତ ଅନ୍ୟ କର୍ମଚାରୀ ଓ ରାଜସ୍ୱ ପରିଦର୍ଶକ ତପୋବନ ବାରିକ, କଲମପୁର ରାଜସ୍ୱ ନିରୀକ୍ଷକ ଅର୍ଚ୍ଚନା ସାହୁ ପ୍ରମୁଖଙ୍କ ସହ ଆଲୋଚନା କରିଥିଲେ । ବଙ୍କାପଲା ଗ୍ରାମବାସୀଙ୍କ ଉପସ୍ଥିତିରେ ଧାନ ମଣ୍ଡି ପାଇଁ ଆବଶ୍ୟକ ଥିବା ଜମି ଦେଖିବା ପରେ ବରଗାଁ, ପଣ୍ଡିଗାଁ, ପରୁଆଗୁଡ଼ା ଓ କୋଟାଗାଁ ପ୍ରସ୍ତାବିତ ଧାନ ମଣ୍ଡି ପରିଦର୍ଶନ କରିଥିଲେ । ବିଧାୟକଙ୍କ ସହ ବରିଷ୍ଠ ନେତା ବିଜୟ ପଣ୍ଡା, ଘନଶ୍ୟାମ ନାଏକ, କମଳ ବାଗ, ପୁଣ୍ଡରୀକାକ୍ଷ ନାଏକ, ନେତ୍ରାନନ୍ଦ ସ୍ୱାଇଁ, ଅଭିମନ୍ୟୁ ନିଆଲ, ହିମାଂଶୁ ପଣ୍ଡା, ସୁଧର ରାଉତ, ମକୁନ୍ଦ ତେଣ୍ଡକାରୀ, ସୁଜିତ ଦଣ୍ଡସେନା, ହରେକୃଷ୍ଣ ସାହୁ, ସୌରଭ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ବୋଲଗଡ଼ରେ ଭଏସ ଅଫ ମିଡିଆ ସଂଘ ପକ୍ଷରୁ କର୍ମକର୍ତ୍ତା ଚୟନ

ବୋଲଗଡ଼,(ନି ପ୍ର ): ବୋଲଗଡ଼ ବ୍ଲକ ଭଏସ ଅଫ ମିଡିଆ ସଂଘ ପକ୍ଷରୁ ଏକ ସାଙ୍ଗଠନିକ ବୈଠକ ନିରଞ୍ଜନ ନାୟକଙ୍କ ଆବାହକତ୍ୱରେ ବୋଲଗଡ ଟାଉନହଲଠାରେ ଅନୁଷ୍ଠିତ ହୋଇ ଯାଇଛି । ଭଏସ ଅଫ ମିଡିଆ ସଂଘ ଭାରତ ବର୍ଷର ସମସ୍ତ ରାଜ୍ୟର କୋଣ ଅନୁକୋଣରେ ନିଜର କାୟା ବିସ୍ତାର କରିଚାଲିଛି ।ବାସ୍ତବ କ୍ଷେତ୍ରରେ ନିଜ ଜୀବନକୁ ବାଜି ଲଗାଇ ସାମ୍ବାଦିକ ଖବର ପ୍ରଚାର ପ୍ରସାରଣ କରେ,ହେଲେ ଅନେକ ସମୟରେ ସାମ୍ବାଦିକ ଜୀବନ ସୁରକ୍ଷା ବଦଳରେ ଅସୁରକ୍ଷିତ ବଳୟ ମଧକୁ ଟାଣି ହୋଇ ଚାଲି ଯାଇଥାଏ ।ଫଳରେ ସାମ୍ବାଦିକ ନିଜର ନୈତିକତା ହରାଇବାକୁ ପରିସ୍ଥିତି ଏକ ପ୍ରକାର ନିଶ୍ଚିତ କରାଇଥାଏ । ତେଣୁ ସାମ୍ବାଦିକ ନିର୍ଭୀକତାର ସହ ଖବର ପରିବେଷଣ ପାଇଁ ସୁରକ୍ଷା ତାର ମୁଖ୍ୟ ଆୟୁଧ ହେବା ନିହାତି ଜରୁରୀ ବୋଲି ବୈଠକରେ ଆଲୋଚନା ହୋଇଥିଲା । ବୈଠକରେ ସମସ୍ତଙ୍କ ସହମତିରେ ବୋଲଗଡ ଭଏସ ଅଫ ମିଡ଼ିଆର ବ୍ଲକ ସଭାପତି ଭାବେ ନିରଞ୍ଜନ ନାୟକ, ଉପସଭାପତି ଭାବେ ଅବଦୁଲ ଖଲିକ ଖାଁ, ସମ୍ପାଦକ ଭାବେ ସତ୍ୟନାରାୟଣ ବାରିକ, ସହ ସମ୍ପାଦକ ଭାବେ ନିରଞ୍ଜନ ସେଠୀ ଓ କୋଷାଧକ୍ଷ ଭାବେ ସୁଶାନ୍ତ ପ୍ରଧାନଙ୍କୁ ଚୟନ କରାଯାଇଥିଲା । ସଭାରେ ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ମିଶ୍ର, ପ୍ରଫୁଲ ସିଂହ, ଦେବବ୍ରତ ହୋତା, ଗଙ୍ଗାଧର ସାହୁ, ପାଣ୍ଡୁ ସାହୁ, ଦୀପକ ପାହାଡସିଂହ,ଅଶୋକ ପ୍ରଧାନ, ଅବଦୁଲ ଖଲିକ ଖାଁ, ସୁଶାନ୍ତ ପ୍ରଧାନ, କାର୍ତ୍ତିକ ସ୍ୱାଇଁ, ଯଦୁନାଥ ସାମନ୍ତରାୟ,ଉମାକାନ୍ତ ବେବର୍ତ୍ତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ପର୍ଯ୍ୟବେକ୍ଷକ ଭାବେ ଭଏସ ଅଫ ମିଡିଆ ସଂଘର ଖୋର୍ଦ୍ଧା ଜିଲ୍ଲା ସଭାପତି ସୁକାନ୍ତ କୁମାର ପରିଡ଼ା ଯୋଗ ଦେଇଥିଲେ । ସଭାକୁ ସାମ୍ବାଦିକ ନିରଞ୍ଜନ ନାୟକ ପରିଚାଳନା କରିଥିବାବେଳେ ପରି ଶେଷରେ ବରିଷ୍ଠ ସାମ୍ବାଦିକ ଦେବବ୍ରତ ହୋତା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ।।।।।। ଏଏସ୍ଆଇର ମନମାନି.... ।।।।

# ସୂର୍ଯ୍ୟମନ୍ଦିରରେ ବଙ୍ଗୀୟ ପର୍ଯ୍ୟଟକ ଆହତ, ଆମ୍ବୁଲାନ୍ସ ପାଇଁ ବି ଫିଟୁନି ତାଲା

କୋଣାର୍କ,(ନିପ୍ର): ବିଶ୍ୱପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟମନ୍ଦିର ସୁରକ୍ଷା ଓ ସଂରକ୍ଷଣ ଦାୟିତ୍ୱରେ ଥିବା ଏଏସଆଇର ମନମାନି ଦିନକୁ ଦିନ ବୃଦ୍ଧି ପାଉଥିବା ସାଧାରଣରେ ଗୁରୁତର ଅଭିଯୋଗ ହୋଇଛି । କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ଏହି ସଂସ୍ଥା ଉପରେ ରାଜ୍ୟ





ସରକାରଙ୍କର କୌଣସି ଅଙ୍କୁଶ ନଥିବାରୁ ଦିନକୁ ଦିନ ମନମାନି କରୁଥିବା ଜଣାପଡିଛି । ବାର୍ଷିକ କୋଟି କୋଟି ଟଙ୍କା ପ୍ରବେଶ ଶୁଳ୍କ ଭାବରେ ପର୍ଯ୍ୟଟକମାନଙ୍କ ଠାରୁ ଆଦାୟ ହେଉଥିଲେ ମଧ ସାମାନ୍ୟ ମୌଳିକ ସୁବିଧା ଏପର୍ଯ୍ୟନ୍ତ ଉପଲବ୍ଧ ହୋଇପାରୁନାହିଁ । ଏପରିକି ପାନୀୟ ଜଳ, ପ୍ରାଥମିକ ଚିକିତ୍ସା ଉପକରଣ କି ଖରା ବର୍ଷାରୁ ରକ୍ଷାପାଇବା ପାଇଁ କୌଣସି ସୁବିଧା ନଥିବାରୁ ପର୍ଯ୍ୟଟକମାନେ ବିଭିନ୍ନ ସମୟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସର୍ବଦା ମୁଖ୍ୟ ଫାଟକରେ ତାଲା ପଡ଼ି ରହୁଥିବାରେ ଯଦି କୌଣସି ପର୍ଯ୍ୟଟକ ଦୁର୍ଘଟଣାର ସମ୍ମୁଖୀନ ହୋଇ ଆହତ ହେଉଛନ୍ତି । ତେବେ ଆମ୍ବୁଲାନ୍ସକୁ ମଧ ଗେଟ୍ ବାହାରେ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡୁଥିବା ଦେଖିବାକୁ ମିଳୁଛି । ଫଳରେ ଦୁର୍ଘଟଣାର ଶିକାର ହୋଇଥିବା ପର୍ଯ୍ୟଟକଙ୍କ ଜୀବନ ଯିବାର ଆଶଙ୍କା ମଧ ସୃଷ୍ଟି ହେଉଛି । ଏପରି ଏକ ଅଭାବନୀୟ ଘଟଣା ବୁଧବାର ପୂର୍ବାହ୍ନରେ ଦେଖିବାକୁ ମିଳିଛି । ରୂପା ସର୍ଦ୍ଦାର (୧୫ବର୍ଷ) ନାମକ ଜଣେ ବଙ୍ଗୀୟ ପର୍ଯ୍ୟଟକ ସୂର୍ଯ୍ୟ ମନ୍ଦିର ବୁଲୁଥିବା ବେଳେ କୌଣସି କାରଣକୁ ନେଇ ଅସୁସ୍ଥ ହେବା ସହ ଅଚେତ ହୋଇ ପଡ଼ିଯାଇଥିଲେ । ତାଙ୍କ ସହିତ ଆସିଥିବା ପରିବାର ଲୋକ ଓ ସ୍ଥାନୀୟ ଲୋକ ତୁରନ୍ତ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ ମଧ ମୁଖ୍ୟ ଫାଟକରେ ତାଲା ପଡ଼ିବା ଯୋଗୁଁ ଆମ୍ବୁଲାନ୍ସଟି ଦୀର୍ଘ ସମୟ ଧରି ବାହାରେ ଅଟକି ରହିଥିଲା । ବହୁ ବିଳମ୍ବରେ ସୁରକ୍ଷା କର୍ମୀ ମାନେ ଆସି ତାଲା ଖୋଲିବାରେ ଆହତ ପର୍ଯ୍ୟଟକ ଜଣକୁ ମେଡିକାଲ ନିଆଯାଇଥିଲା । ଏଏସଆଇର ଏପରି ମନୋଭାବକୁ ସ୍ଥାନୀୟ ବୁଦ୍ଧିଜୀବୀ ମାନେ ଘୋର ନିନ୍ଦା କରିଅଛନ୍ତି । କିଛି ଅଣଓଡ଼ିଆ କର୍ମଚାରୀଙ୍କ ମନମାନି ଏବଂ ଦାଦାଗିରି ଯୋଗୁଁ ସୂର୍ଯ୍ୟ ମନ୍ଦିରରେ ବିଭିନ୍ନ ସମୟରେ ବ୍ୟାପକ ଅନିୟମିତତା ହେଉଥିବା ସାଧାରଣରେ ଅନେକ ଗୁରୁତର ଅଭିଯୋଗ ହୋଇଆସୁଛି । ତୁରନ୍ତ ଏ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏବଂ ପୁରୀ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଜନସାଧାରଣରେ ଦୃଢ଼ ଦାବି ପ୍ରକାଶ ପାଇଛି ।

## ୧ ତାରିଖରେ ପୟାଶ୍ରାଦ୍ଧ କରିବାକୁ ପରାମର୍ଶ

ପୁରୀ,(ନିପ୍ର): ଚଳିତ ବର୍ଷ ବିଭିନ୍ନ ପର୍ବପର୍ବାଣିକୁ ନେଇ କ୍ୟାଲେଣ୍ଡରରେ ଦେଖାଦେଇଛି ଭିନ୍ନ ଭିନ୍ନ ମତ । ଦୀପାବଳି ଅମାବାସ୍ୟା ପାଳନ ଓ ପୟାଶ୍ରାଦ୍ଧ ପାଳନକୁ ନେଇ ଦ୍ୱନ୍ଦ୍ୱ ଉପୁଜୁଥିବା ପରିଲକ୍ଷିତ ହୋଇଛି । ତେବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଓ ଜ୍ୟୋତିର୍ବିଦମାନେ ପାଞ୍ଜି ଅନୁସାରେ ୩୧ ତାରିଖ ରାତିରେ କାଳୀପୂଜା ଏବଂ ୧ ତାରିଖ ଦିନ ପୟାଶ୍ରାଦ୍ଧ କରିବା ପାଇଁ ପରାମର୍ଶ ଦେଇଛନ୍ତି । ସେହି ଅନୁସାରେ ଦୀପାବଳି ପାଳନ ସହ ପୟାଶ୍ରାଦ୍ଧ ତଥା ବଡ଼ବଡୁଆ ଡାକିବା ପାଇଁ ଭକ୍ତଙ୍କ ସମାଗମ ହେବାକୁ ଲକ୍ଷ୍ୟ ରଖାଯାଇଛି । ପାଞ୍ଜି ଗଣନାଙ୍କ ଅନୁସାରେ ପ୍ରତ୍ୟୁଷ ଓ ପ୍ରଦୋଷ ସମୟକୁ ଭିତ୍ତି କରି ଅମାବାସ୍ୟା ଗଣନା ହୋଇଥାଏ । ଦୀପାବଳି ୧ ତାରିଖ ଦିନ ଶ୍ରାଦ୍ଧ କରିବାକୁ ଗବେଷକ ଓ ଜ୍ୟୋତିର୍ବିଦମାନେ ପରାମର୍ଶ ଦେଇଛନ୍ତି ।

ଚଳିତବର୍ଷ ବିଭିନ୍ନ କ୍ୟାଲେଣ୍ଡର ରେ ୩୧ ତାରିଖ ଦିନ କାଳିପୂଜା ତଥା ୧ ତାରିଖ ଦିନ ଦୀପାବଳି ପାଳନ ନେଇ ମତ ରହିଛି । ଅମାବାସ୍ୟା ୩୧ ତାରିଖ ରାତି ୧ ତାରିଖ ଦିନ ରହିଥିବା ହେତୁ ଅମାବାସ୍ୟା ଗବେଷକ ନରେଶ ଚନ୍ଦ୍ର ଦାସ ମତ ରଖିଛନ୍ତି । ସେହିଦିନ ହିଁ ଶ୍ରୀମନ୍ଦିରରେ ପାଳନ କରିବା ପାଇଁ ପ୍ରଯୁଯ୍ୟ ଦିବସ ଏବଂ ପ୍ରଯୁଜ୍ୟ ସମୟ ତେଣୁ ଭକ୍ତ ଶ୍ରଦ୍ଧାଳୁମାନେ ପ୍ରୟା ଶ୍ରାଦ୍ଧ ପାଳନ କରିବା ସହ ବଡୁ ବଡୁଆ ଡାକିବେ । ସେହିପରି ବହୁ ଜ୍ୟୋତିର୍ବିଦମାନେ ପୂର୍ବରୁ କୁମାର ପୂର୍ଣ୍ଣିମା କୁ ନେଇ ଦ୍ୱନ୍ଦ୍ୱ ଉପୁଜୁଥିଲା । ଶାସ୍ତ୍ର ମତ ଅନୁସାରେ ଚଳିତ ବର୍ଷ ୨ଟି ଦିନରେ ତିଥି ରହୁଥିବା ହେତୁ ଦ୍ୱନ୍ଦ୍ୱ ଉପୁଜୁଛି ତେବେ ଏହି ଦ୍ୱନ୍ଦ୍ୱକୁ ଦୂରୀଭୁତ କରିଛନ୍ତି ଜ୍ୟୋତିର୍ବିଦ ଓ ପାଞ୍ଜି ସମୀକ୍ଷକ ଡ଼ଃ ହରିଶଙ୍କର ମିଶ୍ର । ୩୧ ତାରିଖ ଦିନ ବିଭିନ୍ନ ମତ ରହିଥିବା ବେଳେ ପାଞ୍ଜିକାର ସଠିକ ତଥ୍ୟ ରହିବା ଜନ ମାନସ ପାଇଁ କଲ୍ୟାଣକାରୀ ବୋଲି କୁହାଯାଇଛି ।

## ଭୋଟର ତାଲିକା ସଂଶୋଧନ ଅବସରରେ ପଥ ଉତ୍ସବ

ପୁରୀ,(ନିପ୍ର): ଭୋଟର ପରିଚୟ ପତ୍ର ମତଦାନ ସହ ଅନ୍ୟାନ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବ୍ୟବହୃତ ହୋଇଥାଏ । ତେଣୁ ପ୍ରତ୍ୟେକ ସଚେତନ ହୋଇ ନିଜର ସଠିକ ଭୋଟର ପରିଚୟ ପ୍ରସ୍ତୁତରେ ସହଯୋଗ କରିବାକୁ ଅତିରିକ୍ତ ଜିଲ୍ଲାପାଳ କୈଳାସ ଚନ୍ଦ୍ର ନାୟକ ଅନୁରୋଧ କରିଛନ୍ତି । ମୁକ୍ତାକାଶ ରଙ୍ଗମଞ୍ଚ ଠାରେ ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ଅବସରରେ ପଥ ଉତ୍ସବ ଅନୁଷ୍ଠିତ ହୋଇଥିଲା ।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ଚଳିତ ବର୍ଷ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ଅକ୍ଟୋବର ୨୯ ତାରିଖ ଠାରୁ ନଭେମ୍ବର ୨୮ ତାରିଖ ପର୍ଯ୍ୟନ୍ତ ଜାରି ରହିଛି । ୧ ଜାନୁଆରୀ ୨୦୨୫ କୁ ଯେଉଁ ମାନଙ୍କୁ ୧୮ ବର୍ଷ ବା ତଦୁର୍ଦ୍ଧ ବର୍ଷ ହେଉଛି ସେମାନେ ଭୋଟର ହେଲ୍ପ ଲାଇନ ଆପ ମାଧ୍ୟମରେ କିମ୍ବା ବିଏଲଓ ଙ୍କ ମାଧ୍ୟମରେ ଭୋଟର ତାଲିକାରେ ସାମିଲ ପାଇଁ ଫର୍ମ ନମ୍ବର ୬ରେ ଆବେଦନ କରିପାରିବେ ।ସେହିପରି ମୃତ୍ୟୁ ଇତ୍ୟାଦି କ୍ଷେତ୍ରରେ ୭ ନମ୍ବର ଫର୍ମ ରେ ବାଦ, ୮ ନମ୍ବର ଫର୍ମରେ ନାମ, ତଥ୍ୟ, ଫଟୋ ଠିକଣା ଇତ୍ୟାଦି ସଂଶୋଧନ ପାଇଁ ଆବେଦନ କରିପାରିବେ । ପ୍ରତିଟି ଭୋଟ ମୂଲ୍ୟବାନ । ତେଣୁ ନିର୍ବାଚନ ସମୟରେ ପ୍ରତ୍ୟେକ ଭୋଟର ମତଦାନ କରିବାକୁ ସେ ଅନୁରୋଧ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଉପଜିଲ୍ଲାପାଳ ନୀଳମାଧବ



ମାଝୀ,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ,ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଯୋଗ ଦେଇ ମତଦାତାଙ୍କ ମତଦାନ ଗଣତନ୍ତ୍ରକୁ ସୁଦୃଢ଼ କରିଥାଏ ।ତେଣୁ ପ୍ରତ୍ୟେକ ସାବାଳକ ଭୋଟର ତାଲିକାରେ ନିଜ ନାମ କୁ ଅନ୍ତର୍ଭୁକ୍ତ କରିବା ସମ୍ପର୍କରେ ମତ ଦେଇଥିଲେ ।ନିର୍ବାଚନ ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରିବା ସହ ସହ ଭୋଟର ତାଲିକା ସଂଶୋଧନର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ଶେଷରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରେ ଏକ ସଚେତନତା ଶୋଭାଯାତ୍ରା ମେଡ଼ିକାଲ ଛକ ଠାରୁ ବାହାରି ମୁକ୍ତାକାଶ ରଙ୍ଗମଞ୍ଚ ପର୍ଯ୍ୟନ୍ତ ପହଞ୍ଚିଥିଲା ।ଏହି ଅବସରରେ ଝୋଟି ମୁରୁଜ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା । ସୂଚନାଯୋଗ୍ୟ ଯେ ଏହି ସଂଶୋଧନ କାର୍ଯ୍ୟକ୍ରମ ଚଳିତ ମାସ ୨୯ ତାରିଖରୁ ନଭେମ୍ବର ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ନଭେମ୍ବର ମାସ ୨,୧୦,୧୬ ଓ ୨୪ ତାରିଖ କୁ ସ୍ୱତନ୍ତ୍ର ପ୍ରଚାର ଦିବସ ଭାବେ ଧାର୍ଯ୍ୟ କରାଯାଇଛି ।

## ଭିନ୍ନକ୍ଷମ ଶିଶୁଙ୍କ ସହ ସମର୍ପଣ ଉତ୍ସବ

ବଲାଙ୍ଗିର,(ନିପ୍ର): ବଲାଙ୍ଗୀରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ତାର ବାର୍ଷିକ ଭେଟଘାଟ କାର୍ଯ୍ୟକ୍ରମ ଆୟୋଜିତ କରିଛି । ଯେଉଁଥିରେ ଏହି ସଂଗଠନ ଭିନ୍ନକ୍ଷମ ଶିଶୁଙ୍କୁ ଓ ଅସହାୟଙ୍କୁ ନେଇ ସମର୍ପଣ ଉତ୍ସବ ପାଳନ କରିଥିଲା । ଭିନ୍ନକ୍ଷମ ଶିଶୁଙ୍କ ମନୋରଞ୍ଜନ ପାଇଁ ଏକ ବିରାଟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ କରିଥିଲା ବଲାଙ୍ଗୀର ସ୍ୱେଚ୍ଛାସେବୀ ସଂଘଠନ । ବଲାଙ୍ଗୀରର ସ୍ଥାନୀୟ କୋଶଳ କଳାମଣ୍ଡଳ ପଡ଼ିଆରେ ଏହି ସମର୍ପଣ ଉତ୍ସବ ପାଳନ କରିଥିଲା ବଲାଙ୍ଗୀରର ସ୍ୱେଚ୍ଛାସେବୀ ସଂଗଠନ । ଏଥିରେ ଅତିଥି ଭାବରେ ଓଲିଉଡ ଷ୍ଟାର ଅଭିନେତା ବବି ମିଶ୍ର, ସମ୍ବଲପୁରୀ ରକଷ୍ଟାର ରୁକୁ ସୁନା, ମୁଖ୍ୟ ଅତିଥି ପୌରଧକ୍ଷା ଲିକା ସାହୁ, ବଲାଙ୍ଗୀର ବ୍ଲକ ଅଧକ୍ଷା ସରିତା ବାଗ, ଦେଓଗାଁ ବ୍ଲକ ଅଧକ୍ଷ ମଣ୍ଟୁ ଖମାରୀ, ବିଜେଡ଼ି ନେତା ଲୋଟସ ଷଡ଼ଙ୍ଗୀ, କଂଗ୍ରେସ ଯୁବନେତା ଆକବର ଖାନ୍, ମୁଖ୍ୟବକ୍ତା ବରିଷ୍ଠ ସାମ୍ବାଦିକ ସତ୍ୟ ପ୍ରକାଶ ନାୟକ, ସଂଗଠନର ଉପଦେଷ୍ଟା ମଣ୍ଡଳୀ ଟୁନା ମିଶ୍ର, କିଶୋର ରଥ, ଉତ୍ତମ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

ସେହିପରି ବଲାଙ୍ଗୀର ଜଗତ ବନ୍ଧୁ ଶିକ୍ଷା ନିକେତନ ସାଲେପାଲି, ପାର୍ବତୀଗିରି ଆଶ୍ରମ ପଥରଚେପା ଆଦ୍ୟାଶା ଆଶ୍ରମ ପଥରଚେପା ଅନ୍ଧ ମୁଖ ବଧିର ସେବା ନିକେତନ ଶିବତଲା, ତରଭାର ଶତାଧିକ ଛାତ୍ରଛାତ୍ରୀ ଏଥିରେ ସାମିଲ ହୋଇଥିଲେ । ତେବେ ଭିନ୍ନକ୍ଷମ ଶିଶୁମାନଙ୍କ ପାଇଁ ଏଠି ସାମିଲ ହୋଇଥିବା ଓଲିଉଡ ଷ୍ଟାର ବବି ମିଶ୍ର ଓ ସମ୍ବଲପୁରୀ ରକ୍ ଷ୍ଟାର ରୁକୁ ସୁନା ଓ ତାଙ୍କ ଟିମ୍ ଗୀତ ନାଚ ପରିବେଷଣ କରିଥିଲେ । ସେହିପରି ଉପସ୍ଥିତ ହଜାର ହଜାର ଦର୍ଶକ, ବିଭିନ୍ନ ସଙ୍ଗଠନର ସଦସ୍ୟ ଏହି ସମର୍ପଣ ସନ୍ଧ୍ୟାରେ ସମ୍ବଲପୁରୀ ସଙ୍ଗୀତର ବେଶ ମଜା ଉଠାଇ ଥିଲେ । ବଲାଙ୍ଗୀରର ସ୍ୱେଚ୍ଛାସେବୀ ସଂଗଠନ ଦୀର୍ଘବର୍ଷ ହେବ ସମାଜ ସେବାରେ ନିଜକୁ ନିୟୋଜିତ କରି ଆସିଛି । ଯେଉଁଥିରେ ଗରିବ ଲୋକଙ୍କୁ ସବୁ ପ୍ରକାରର ସହାୟତା କରି ଆସିଛି । ସେହିପରି ଅସହାୟ ମୁହଁରେ ହସ ଫୁଟାଇବା ପାଇଁ ଏହି ସଂଗଠନ ଅନବରତ ଚେଷ୍ଟା ଜାରି ରଖି ସେବା ଯୋଗାଇ ଦେଇ ଆସିଛି । ଜିଲ୍ଲା ଓ ଜିଲ୍ଲା ବାହାରେ ବିପଦ ଆପାଦରେ ଲୋକଙ୍କ ପାଖରେ ସବୁ ବେଳେ ଛିଡା ହୋଇ ଏହି ସଂଗଠନ ନିଃସ୍ୱାର୍ଥପର ସେବା ଯୋଗାଇ ଦେଇ ଆସିଛି । ସମାନ ଭାବରେ ଲୋକଙ୍କ ହକ ଦାବି ପାଇଁ ମଧ ଲୋକଙ୍କ ସହ ଛିଡା ହୋଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସିଛି ଏହି ସଂଗଠନ ।

## ଭୋଟର ତାଲିକା ସଂଶୋଧନ ନିମନ୍ତେ ସଚେତନତା

କେନ୍ଦ୍ରାପଡା,(ନିପ୍ର): ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ଉପଲକ୍ଷେ ପଥ ଉତ୍ସବ ଓ ପଦଯାତ୍ରା କରାଯାଇଛି । ଏ ସମ୍ପର୍କରେ ଏକ ପଦଯାତ୍ରା ଓ ସଚେତନତା ରଥ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ନୂଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ସହର ପରିକ୍ରମା କରିଥିଲା । ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ସୂଚନା ଯୋଗ୍ୟଯେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ଭାରତର ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଅକ୍ଟୋବର ୨୯ ତାରିଖ-୨୦୨୪ରୁ ୨୮ ନଭେମ୍ବର-୨୦୨୪ ପର୍ଯ୍ୟନ୍ତ ଚାଲୁ ରହିଛି । ନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ପାଇଁ ନିର୍ଭୁଲ ଓ ଶୁଦ୍ଧ ଭୋଟର ତାଲିକାର ଆବଶ୍ୟକତା ରହିଛି । ତେଣୁ ବିଶେଷ ଅଭିଯାନ ଦିବସ ଭାବେ ନଭେମ୍ବର-୨, ୧୦ ଓ ୨୪ ତାରିଖରେ ନିଜ ଘର ପାଖ ବୁଥରେ ଭୋଟର ତାଲିକାରେ ନାମ ଯୋଗ । ସଂଶୋଧନ କରିବା ନିମନ୍ତେ ଏହି ସଚେତନତା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଓ ପଦ ଯାତ୍ରାର ଅଂଶଗ୍ରହଣ କାରୀମାନେ ସହର ପରିକ୍ରମା କରି ମୁନିସିପାଲିଟି ଟାଉନ ହଲରେ ପହଞ୍ଚିଥିଲେ । ସେଠାରେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ-୨୦୨୫ ନିମନ୍ତେ ଆୟୋଜିତ ସାଧାରଣ ସଭାରେ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ । ଭୋଟରମାନେ ନିକଟସ୍ଥ ବୁଥରେ ଭୋଟର ତାଲିକାରେ ଥିବା ନାମ ଯୋଗ ଓ ସଂଶୋଧନ କରିବାକୁ ମୁଖ୍ୟ ଅତିଥି ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ସମସ୍ତଙ୍କୁ ଅନୁରୋଧ ରଖିବା ସହ ସଚେତନତାର ବାର୍ତ୍ତା ସମସ୍ତଙ୍କ ନିକଟରେ ପହଞ୍ଚିବା ଦରକାର ବୋଲି ମତବ୍ୟକ୍ତ କରିଥିଲେ ଓ ପଦ ଯାତ୍ରା, ପଥ ଉତ୍ସବ ଓ ସଭା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଅତିରିକ୍ତ ଉପ ଜିଲ୍ଲାପାଳ । ଅଶୋକ କୁମାର ଦାସ, ଡେପୁଟି କଲେକ୍ଟର (ନିର୍ବାଚନ) ରମେଶ ଚନ୍ଦ୍ର ପଣ୍ଡା, ଡେପୁଟି କଲେକ୍ଟର ପଲ୍ଲବୀ ପ୍ରିୟଦର୍ଶିନୀ, ଡେପୁଟି କଲେକ୍ଟର (ନିଜାରତ) ପଲ୍ଲବୀ ପାତ୍ର, ଡେପୁଟି କଲେକ୍ଟର (ରେଭିନ୍ୟୁ) କୁଇନ ଜେନା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ବିଭିନ୍ନ ଗଣ ମାଧମର ପ୍ରତିନିଧି, ବୁଦ୍ଧିଜୀବୀ ପ୍ରମୁଖ ଯୋଗ ଦେଇଥିଲେ ।

## ଇକୋ ରିଟ୍ରିଟ୍ ରାସ୍ତା କାର୍ଯ୍ୟ ଆରମ୍ଭ



କୋଣାର୍କ,(ନିପ୍ର): ଡିସେମ୍ବର ପ୍ରଥମ ସପ୍ତାହରୁ ପୁରୀ-କୋଣାର୍କ ବେଳାମାର୍ଗ ସୁତନ ପଞ୍ଚାୟତର ରାମଚଣ୍ଡୀ ମୁହାଣ ସାହୁଖଣତା ନିକଟରେ କୋଣାର୍କ ଇକୋ ରିଟ୍ରିଟ ଆରମ୍ଭ ହେବ । ବେଳାମାର୍ଗ ପାର୍ଶ୍ୱରୁ ରାମଚଣ୍ଡୀ ମୁହାଣ ପର୍ଯ୍ୟନ୍ତ ପ୍ରଥମେ ରାସ୍ତା ମରାମତି କାର୍ଯ୍ୟ ଓ ମେସିନ ଲଗାଇ ବାଲି ସମତୁଲ କାର୍ଯ୍ୟ ଆରମ୍ଭ ହୋଇଛି ।

ଦିନକୁ ଦିନ ସମୁଦ୍ର ଜୁଆର ବୃଦ୍ଧି ପାଉଥିବାରୁ ଜୁଆର ମାଡ଼ରୁ ରାସ୍ତାକୁ ସୁରକ୍ଷା ଦେବା ପାଇଁ ୬ଫୁଟ ଗଭୀରରେ ବଲ୍ହା ପୋତା ଯିବ ବୋଲି ଜଣାପଡିଛି । ରାସ୍ତା ମରାମତି ପରେ ପାଣି ପାଇପ, ବିଦ୍ୟୁତ୍ ସଂଯୋଗ ଆଦି କାର୍ଯ୍ୟ ଆରମ୍ଭ ହେବ । ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବଡ଼ ତୋରଣ, ସେଲ୍ଫି ପଏଣ୍ଟ କନଫରେନ୍ସ ଓ ରିସେପସନ ପାଇଁ ଦୁଇଟି ହଲ ନିର୍ମାଣ ହେବ । ବିଦ୍ୟୁତ୍ ସଂଯୋଗ ସରିଲେ ସମୁଦ୍ର କୂଳରୁ ୩୦ମିଟର ବାଦ ଦେଇ ବେଳାଭୂମିରେ ଅତ୍ୟାଧୁନିକ ତମ୍ବୁ ଘର ନିର୍ମାଣ କରାଯିବ ।

ଏ ସମ୍ପର୍କରେ କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ କହିଛନ୍ତି ୭୦ ତମ୍ବୁ ଘରେ ଇକୋ ରିଟ୍ରିଟ୍ ସହିତ ରାମଚଣ୍ଡୀ ନଦୀର ସନ୍ଧ୍ୟା କାଳୀନ ଦୃଶ୍ୟର ମଜା ଉଠାଇ ପାରିବେ ଦେଶ ବିଦେଶରେ ପର୍ଯ୍ୟଟକମାନେ ।

## ବିଶ୍ୱ ହାତଧୁଆ ଦିବସ

କୋଣାର୍କ,(ନିପ୍ର): କୋଣାର୍କ ଅଞ୍ଚଳର ବିଭିନ୍ନ ସ୍କୁଲ୍ କଲେଜରେ ଅକ୍ଟୋବର ୧୫ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ବିଶ୍ୱ ହାତ ଧୁଆ ଦିବସ ପାଳନ କରାଯାଉଛି । ଓଡ଼ିଶାର ପ୍ରଥମ ଗୋଷ୍ଠୀ ବେତାର କେନ୍ଦ୍ର ରେଡ଼ିଓ ନମସ୍କାର,ୟୁନିସେଫ,ଓଡ଼ିଶା ସରକାର,ୟୁଥ୍ ଫର୍ ୱାଟର ଓ ରେଡିଓ ବୁଲବୁଲର ମିଳିତ ଆନୁକୂଲ୍ୟରେ ଗୋଷ୍ଠୀଗତ ଆଲୋଚନା,ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା,ଗୋଷ୍ଠୀ ପ୍ରସାରଣ (ନାରୋକାଷ୍ଟିଙ୍ଗ୍) ମାଧ୍ୟମରେ ହାତଧୁଆ ଦିବସ ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ସଚେତନା କରାଯାଉଛି । ଏହି ଅବସରରେ ବକ୍ତୃତାରେ ଭାଗନେଇଥିବା ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଛି । ଧୋଇବା ହାତ ଖାଇବା ଭାତ,ଶୌଚ ପରେ ଏବଂ ଖାଇବା ପୂର୍ବରୁ ହାତକୁ ୨୦ ସେକେଣ୍ଡ ଧୋଇବା,ହାତ ଧୋଇବା ଶୈଳୀ,ଛୋଟ ଶିଶୁ ଏବଂ ଅସୁସ୍ଥ ବ୍ୟକ୍ତି ମାନଙ୍କୁ ଖାଇବାକୁ ଦେବା ପୂର୍ବରୁ ହାତ ଧୋଇବା ଏହି ଭଳି ଅନେକ ବାର୍ତ୍ତା ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କୁ ସଚେତନ କରାଯାଇଥିଲା ।

## ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ଗୁଣପୁର,(ନିପ୍ର): ରାୟଗଡ଼ା ଜିଲ୍ଲା ଗୁଣପୁର ବ୍ଲକ ସ୍ତରୀୟ ସୁରଭି ପ୍ରତିଯୋଗିତା କାର୍ଯ୍ୟକ୍ରମ ସୋମବାର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ବିତର୍କ, ପ୍ରବନ୍ଧ, ଚିତ୍ରାଙ୍କନ, କୁଇଜ, ବକ୍ତୃତା, ସଙ୍ଗୀତ, ସୃଜନଶୀଳ ଲିଖନ, ମଧ୍ୟାହ୍ନ ଭୋଜନ ଆର୍ଟ ଓ ନୃତ୍ୟ ଆଦିର ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଗୁଣପୁର ଗୋଷ୍ଠୀ ଶିକ୍ଷକ ପ୍ରଶିକ୍ଷକ ଅନୁଷ୍ଠାନର ଅଧକ୍ଷ ମନୋଜ ଗମାଙ୍ଗ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରତିଶ୍ରୁତି ସିଂ ସଭାପତିତ୍ୱ କରିଥିବା ବେଳେ ଗୋଷ୍ଠୀ ଶିକ୍ଷା ତାଲିମ କେନ୍ଦ୍ର ଅଧକ୍ଷ ମନୋଜ ଗମାଙ୍ଗ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ଗୁଡ଼ାରୀ ରତ୍ନମୟୀ ପୁରୋହିତ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ରାମନାଗୁଡ଼ା ସୁଜନ ମଲ୍ଲିକ, ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହେମାନନ୍ଦ ବରିହା, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ଗୀତାଞ୍ଜଳି ସାହୁ, ଡମ୍ବସରା ଯୁକ୍ତ ଦୁଇ ବିଦ୍ୟାଳୟର ସାହିତ୍ୟ ବିଭାଗର ଅଧାପକ ସେଶସାୟୀ ସେନାପତି ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି କହିଥିଲେ ଯେ, ବର୍ଷକର ଗୋଟିଏ ଦିନ ପ୍ରତିଯୋଗିତାରେ ଗ୍ରହଣ କରି କୃତିତ୍ୱ ହାସଲ କରିବା ପରିବର୍ତ୍ତେ ପ୍ରତିଦିନ ପ୍ରତିଟି ପ୍ରତିଯୋଗିତା ନିମନ୍ତେ ଛାତ୍ର ଛାତ୍ରୀ ପ୍ରସ୍ତୁତ ହେବା ଆବଶ୍ୟକ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମୀ ବେହେରା, ସବିତା ଶବର, ଦମୟନ୍ତୀ ଦେବୀ, ଆଞ୍ଚଳିକ ସଂଯୋଜକ ପ୍ରମୁଖ ଉପସ୍ଥିତ ଥିଲେ । ବିଭିନ୍ନ ବିଦ୍ୟାଳୟରୁ ଛାତ୍ର ଛାତ୍ରୀ ମାନେ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

# ଏନଏସି ଅଧକ୍ଷା ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବିବାଦ ଘନେଇଲା, ମାମଲା ଥାନାରେ

ଧାମନଗର,(ନିପ୍ର): ଦୀର୍ଘ କିଛିମାସ ହେବ ଧାମନଗର ଏନଏସିର ଅଧକ୍ଷା ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମଧରେ ତାଳ ମେଳ ଠିକ ରହୁ ନ ଥିବାରୁ ଏନଏସିର ଉନ୍ନୟନ କାର୍ଯ୍ୟ ସେପରି ଆଗେଇ ପାରୁ ନ ଥିବାବେଳେ ଉଭୟଙ୍କ ମଧରେ ବିବାଦ ମଧ ବଢି ଚାଲିଛି । ନିକଟରେ ବାତ୍ୟା ଦାନାକୁ ନେଇ ଅଧକ୍ଷାଙ୍କ ସମେତ ସାଧାରଣ ଲୋକମାନେ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ବାତ୍ୟା ସୂଚନା ଓ ସଧାରଣ ଲୋକଙ୍କୁ କି ସୁବିଧା ଦିଆଯାଇଛି ପଚାରିବାରୁ ଉଭୟଙ୍କ ମଧରେ ଯୁକ୍ତିତର୍କ ହୋଇଥିଲା । ତେବେ କାର୍ଯ୍ୟନିର୍ବାହୀ ଅଧିକାରୀ ଥାନାରେ ଅଭିଯୋଗ କରିଛନ୍ତି ସର୍ବସାଧାରଣଙ୍କ ଉପସ୍ଥିତିରେ ତାଙ୍କୁ ଗାଳିଗୁଲଜ ଇତ୍ୟାଦି କରାଯାଇଥିବା ଅଭିଯୋଗ କରିଛନ୍ତି । ଅଧକ୍ଷାଙ୍କ ସ୍ୱାମୀ, ଏନଏସି ଉପାଧକ୍ଷ ଏମଡି ନୁରାନି ଓ ଅନ୍ୟ ତିନିଜଣଙ୍କ ନାମରେ ଅଭିଯୋଗ କରିବା ପରେ ପୋଲିସ କେଶ ନମ୍ବର ୪୬୪/୨୪ ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଛନ୍ତି । ଏପଟେ ଅଧକ୍ଷା,ଧାମନଗର ଥାନାରେ କର୍ଯ୍ୟନିର୍ବାହୀ ଅଧିକାରିଙ୍କ ନାମରେ ମଧ ପାଲଟା ଅଭିଯୋଗ କରିଛନ୍ତି ।



ବାତ୍ୟା 'ଦାନା' ଆସୁଥିବାରୁ ମୁଁ ବିଭିନ୍ନ ୱାର୍ଡ଼ ବୁଲି ବିଭିନ୍ନ ଲୋକଙ୍କୁ ନିଜ ନିଜର ଜୀବନ ରକ୍ଷା ଓ ସୁରକ୍ଷା ପାଇଁ ସଚେତନତା କରି ସରକାରଙ୍କ ତରଫରୁ ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ମାଗଣା ଖାଦ୍ୟ, ପାନୀୟ ବ୍ୟବସ୍ଥା ବାବଦରେ ଲୋକଙ୍କ ସହ ଆଲୋଚନା କରିବାରୁ ଜାଣିବାକୁ ପାଇଲି ଯେ ଆମ୍ଭ ବିଜ୍ଞାପିତ ଅଂଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦୁର୍ନୀତି ମନୋଭାବ ରଖି କ୍ଷତିଗ୍ରସ୍ତ ପାଇଁ ଉଦ୍ଦିଷ୍ଟ ସରକାରୀ ସୁବିଧାରୁ ବଂଚିତ କରାଉଛନ୍ତି । ଏନେଇ ସାଧାରଣ ଲୋକ, ମୋ ନିକଟରେ ଅଭିଯୋଗ କରିଥିଲେ । ସାଧାରଣ ଲୋକଙ୍କ ସମସ୍ୟାକୁ ସମାଧାନ କରିବାକୁ ଯାଇ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଗତ ତା ୨୬.୧୦.୨୦୨୪ ରିଖ ସମୟ ପ୍ରାୟ ଦିବା ୧୧/୧୨ ଘଟିକା ସରକାରୀ କାର୍ଯ୍ୟାଳୟକୁ ଡ଼କାଇ ସରକାରୀ ସୁବିଧାସୁଯୋଗ କିପରି ବାତ୍ୟା କ୍ଷତିଗ୍ରସ୍ତ ପାଇ ପାରିବେ ସେ ନେଇ ଆଲୋଚନା କରିବା ସମୟରେ କାର୍ଯ୍ୟନିର୍ବାହୀ ଅଧିକାରୀ ମୋ କଥାକୁ ଗୁରୁତ୍ୱ ନ ଦେଇ ଅତି ଉତ୍କ୍ଷିପ୍ତ ହୋଇ ଆମକୁ ଗାଳି କରିଥିଲେ । ମୁଁ ମୋର ଘରଦ୍ୱାର ଛାଡ଼ି ଏଠାରେ ରହୁଛି କିଛି ଟଙ୍କା ରୋଜଗାର ପାଇଁ ମୁଁ ଯଦି ରୋଜଗାର ନକରେ ମୋର କ'ଣ ଲାଭ ହେବ ବୋଲି କହିଲେ । ମୁଁ ଏପରି କାମ କରିବାକୁ ଦେବି ନାହିଁ ବୋଲି କହିଥିଲି । ଖୁବ ରାଗିଯାଇ ନିର୍ବାହୀ ଅଧିକାରୀ ମୋତେ ମନ୍ଦ ଉଦ୍ଦେଶ୍ୟରେ ଏକ ଧକା ମାରିଲେ । ମୁଁ ଉକ୍ତ ଧକ୍କା ଫଳରେ ଚିତ୍କାର କରିବାରୁ ନିର୍ବାହୀ ଅଧିକାରୀ ମୋତେ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ମୋ ତଣ୍ଟିକୁ ଚିପି ଅଣନିଶ୍ୱାସୀ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଛନ୍ତି । ଏହା ଫଳରେ ମୁଁ ଚିତ୍କାର ଶୁଣି ମୋ କାର୍ଯ୍ୟାଳୟରେ ଥିବା କିଛି ଲୋକ ହସ୍ତକ୍ଷେପ ଫଳରେ ମୁଁ ରକ୍ଷା ପାଇ ପାରିଥିଲି ବୋଲି ମଙ୍ଗଳବାର ସନ୍ଧ୍ୟାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଛି । ଏହା କେଶ ନମ୍ବର ୪୬୬/୨୪ ।

ତିଥି : (ଚତୁର୍ଦ୍ଦଶୀ) : (ଚିତ୍ରା କନ୍ୟା)
ଦୀପାବଳି, ଶ୍ୟାମକାଳୀ ପୂଜା
ଅମୃତବେଳା: ଦି ଘ ୬।୩୬ ମଧ୍ୟେ ଦିଘ ୧୦।୨୩ ଗତେ

## ଆଜିର ଅନୁଚିନ୍ତନ

ଇନ୍ଦ୍ରିୟ ଗଣଙ୍କ ଠାରେ ଶ୍ରେଷ୍ଠ ଅଟେ ମନ
ମନ ଠାରୁ ବୁଦ୍ଧି ଶ୍ରେଷ୍ଠ ଏ ଶାସ୍ତ୍ର ବଚନ।।
- ଶ୍ରୀମଦ୍ ଭଗବଦ୍ ଗୀତା

## ଦୀପାବଳି ଅନୁଚିନ୍ତା

ସାଧାରଣ ବାଣଟିଏ ଯେଉଁଠି ବି ଫୁଟେ ତାହା ଉତ୍ତାପ, କାର୍ବନ ଡାଇଅକ୍ସାଇଡ ସାଙ୍ଗକୁ ବହୁ କ୍ଷତିକାରକ ଉପାଦାନ ପରିବେଶକୁ ଛାଡ଼େ ଏବଂ ଏହାଦ୍ୱାରା ବାୟୁମଣ୍ଡଳରେ ଉତ୍ତାପ ସହିତ ନକାରାତ୍ମକ ତତ୍ତ୍ୱମାନ ବଢେ। ପ୍ରଦୂଷିତ ବାୟୁ ବିଶ୍ୱତାପନକୁ ଆଉ ଟିକିଏ ଇନ୍ଧନ ଯୋଗାଏ। ପରିବେଶ ପ୍ରତି କ୍ଷତିସାଧନ କରୁଥିବା ଜୀବମାନଙ୍କ ମଧ୍ୟରେ ମନୁଷ୍ୟ ନାମଧାରୀ ଜୀବର ଭୂମିକା ସର୍ବାଧିକ ଥାଏ, ଏହା ସର୍ବଜନବିଦିତ। ପୂର୍ବରୁ ଥିବା ବିଷ ସହିତ ବିଶ୍ୱ ଯୋଡ଼ିବାରେ ମଣିଷ କିଭଳି ମାହିର ସର୍ବତ୍ର ପରିଲକ୍ଷିତ। ବାଣ ଫୁଟାଇବା ପରେ ତାହାର ଅବଶେଷ ରହେ ମାଟିରେ। ସଂପୂର୍ଣ୍ଣ ରୂପେ ମିଳାଇପାରେନାହିଁ। ଅନବରତ ତାହାର ଆଖପାଖ ବାୟୁ, ଜଳ ଓ ମୃତ୍ତିକାକୁ ପ୍ରଦୂଷିତ କରିଥାଏ। ସାଧାରଣ ଜଳ ବଣ୍ଟନ ବ୍ୟବସ୍ଥାକୁ ପରବର୍ତ୍ତୀ ସମୟରେ ପ୍ରଭାବିତ କରିଥାଏ। ସୁତରାଂ ଆମେ ଗ୍ରହଣ କରୁଥିବା ଜଳରେ ତାହାର ଅବଶେଷ ରହୁନାହିଁ ବୋଲି ଆମେ ଏଡ଼ାଇ ପାରିବା କି ? ସହଜେ ବାଣର ଧୂଆଁ ହୃଦ୍‌ରୋଗ ଓ ଫୁସ୍‌ଫୁସ୍ ରୋଗକୁ କେତେ ମାତ୍ରାରେ ପ୍ରଭାବିତ କରେ, ତାହା କହିବା ଅନାବଶ୍ୟକ। ଏ ସବୁ ସତ୍ତ୍ୱେ ବାଣ ଫୁଟାଇବାକୁ ଯେଉଁମାନେ ଆଗଭର ହୁଅନ୍ତି ସେମାନେ ପରିବେଶ ପ୍ରତି ସହାୟକ ଅବା ଘାତକ ତାହା ସେମାନେ ଚିନ୍ତା କରନ୍ତି। ସହଜେ କଳକାରଖାନାରୁ ନିର୍ଗତ ଧୂଆଁ, ସହରୀଆବର୍ଜନା, ଜନଜୀବନକୁ କେତେ ପ୍ରଭାବିତ କରୁଛି ତାହାର ଦୃଷ୍ଟାନ୍ତ ଖୋଦ୍ ରାଜଧାନୀ ଦିଲ୍ଲୀ ସମେତ ଅନ୍ୟାନ୍ୟ ବଡ଼ ବଡ଼ ସହରରୁ ମିଳିଯାଏ।

ଆମେ ରାଜ୍ୟ ସରକାରଙ୍କ ପକ୍ଷରୁ ନିକଟରେ ଜାରି ରହିଛି ଦୀପାବଳି ମାର୍ଗଦର୍ଶିକା। ଏଥିରେ କୁହାଯାଇଛି ଦୀପାବଳି ରାତି ୭ଟାରୁ ୯ ଯାଏଁ ବାଣ ଫୁଟାଯାଇପାରିବ। ପୁଣି ୧୨୫ ଡେସିବଲ୍‌ରୁ ଅଧିକ ଧ୍ୱନି ସୃଷ୍ଟିକାରୀ ବାଣ ଫୁଟାଯାଇପାରିବ ନାହିଁ। ଏମିତି ନାନା କଥା। ଚିନ୍ତା କରନ୍ତୁ ତ କେଉଁଠି ବି ଏହି ମାର୍ଗଦର୍ଶିକାରେ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡ ବା କାର୍ଯ୍ୟାନୁଷ୍ଠାନ ସଂପର୍କରେ ଧାଡ଼ିଟିଏ ଲେଖାଯାଇଛି କି ? ଏହା ପରୋକ୍ଷରେ ସୂଚାଉଛି ଯେ ମାର୍ଗଦର୍ଶିକାଗୁଡ଼ିକ ଯିଏବି ଚାହିଁଲେ ଉଲ୍ଲଘଂନ କରିବେ ତହିଁରେ ବାଡ଼ବତା ନାହିଁ, ଆଣ୍ଟିବାକୁ କେହି ନାହିଁ। ଏହା ଦର୍ଶାଉଛି ସରକାରଙ୍କ ମନୋଭାବ ହିଁ ଏମିତି।

ଦୀପାବଳି କେବଳ ହିନ୍ଦୁଧର୍ମରେ ସୀମିତ ନୁହେଁ। ଅନ୍ୟ କେତେକ ଧର୍ମାବଲମ୍ବୀ ମଧ୍ୟ ପାଳନ କରିଥାନ୍ତି। ଦୀପ ଜଳାଇଲେ ବିଚ୍ଛୁରିତ ହୋଇଥାଏ ଆଲୋକ ବା ଜ୍ୟୋତି। ପରିବେଶରେ ସୃଷ୍ଟି କରିଥାଏ ସକାରାତ୍ମକ ଭାବ। ଅନ୍ଧାରରୁ ଆଲୋକ ଆଡକୁ ନିଏ ବୋଲି ଉପନିଷଦ କୁହେ ହୃଦୟର ଅଜ୍ଞାନ ଅନ୍ଧକାରରେ ଦୀପ ହେଉଛି ଜ୍ଞାନର ବର୍ତ୍ତିକା। ଦୀପ ଜଳାଇବାର ଅର୍ଥ ଅଗ୍ନିଦେବକୁ ଆମନ୍ତ୍ରଣ। ଅଗ୍ନି ଓ ଜଳର କ୍ରୀଡ଼ାରୁ ଜୀବ ଜଗତର ଉତ୍ପତ୍ତି ଘଟିଥିବା ବେଦ ବର୍ଣ୍ଣନା କରେ। ସୃଷ୍ଟି, ସ୍ଥିତି, ସଂପର୍କ, ସୌହାର୍ଦ୍ଦ୍ୟର ପ୍ରତୀପ ଦୀପ ସହିତ ପାଞ୍ଚଗୋଟି ମହାଭୂତର ଥାଏ ସମ୍ବନ୍ଧ। ତେଣୁ ଘରେ ଗୋଘୃତ ମାଟି ଦୀପରେ ନେଇ ଜଳାଇବା ଦ୍ୱାରା ପରିବେଶ ପ୍ରତି ହିତକାରକ ହୋଇଥାଏ। କେବଳ ଏତିକି କରି ଦୀପାବଳି କ'ଣ ପାଳନ କରିହେବ ନାହିଁ !

## କମ୍ବୁକଟକରେ ଶ୍ୟାମାକାଳୀ ଉପାସନା

### ପଣ୍ଡିତ ଦୈତାରି ମହାପାତ୍ର

ପରବର୍ତ୍ତୀ ସମୟରେ ଅର୍ଥାତ୍ ୧୫୯୯ ମସିହାରେ ମୋଗଲରାଜା ଆକବରଙ୍କ ହିନ୍ଦୁ ସେନାପତି ମାନସିଂହଙ୍କ ସାନଭାଇ ମଧୁସିଂହ ମା' ଶ୍ୟାମାକାଳୀଙ୍କ ପାଇଁ ଏକ ସ୍ୱତନ୍ତ୍ର ମନ୍ଦିର ନିର୍ମାଣ କରିଥିଲେ।

ଗଜପତି ମହାରାଜାଙ୍କ ଇଷ୍ଟଦେବୀ ଥିଲେ ମା' ଶ୍ୟାମାକାଳୀ। ଆହୁରି ମଧ ଜେମାମଣି, ପୁରୁଷୋତ୍ତମ ଦେବ ଏହି ପୀଠରୁ ଆଜ୍ଞାମାଳ ନେଇ ଖୋର୍ଦ୍ଧାଗଡ଼ରେ ଅଭିଷିକ୍ତ ହୋଇଥିଲେ। ଗଜପତି ପୁରୁଷୋତ୍ତମ ଦେବଙ୍କ ରାଜଗୁରୁ ତ୍ରିଲୋଚନ ଦେବ ଏହି ପୀଠରେ ଥିଲେ ପରମ ଉପାସକ। ତାଙ୍କ ପତ୍ନୀ ରତ୍ନାଦେବୀ ଥିଲେ ମା'ଙ୍କର ପରମ ଉପାସକା। ସେ ସମୟରେ ସମସ୍ତ ରାଜା ମା'ଙ୍କ ଅଜ୍ଞାତରେ ଶାସନ କରୁଥିବାର ଅନେକ ଦୃଷ୍ଟାନ୍ତ ରହିଛି। ଏପରିକି ଜୟୀ ରାଜଗୁରୁ ଥିଲେ ମା' ଶ୍ୟାମାକାଳୀଙ୍କ ପରମ ଉପାଶକ। ସେଥିପାଇଁ ମା'ଙ୍କୁ "ରାଷ୍ଟ୍ରଦେବୀ" ରୂପେ ପୂଜା କରାଯାଏ। ଏକଦା ମା' ଶ୍ୟାମାକାଳୀ ମନ୍ଦିର ରାଣୀନବର ଠାରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଶଙ୍ଖମର୍ମର ପଥରରେ ଖଚିତ ଏକ ସ୍ୱତନ୍ତ୍ର ସୁଡ଼ଙ୍ଗ ଥିଲା।



ମା'ଙ୍କ ବିଗ୍ରହ ବାସ୍ତବରେ ସ୍ୱତନ୍ତ୍ର। କାକଶକୁନ ଶୃଗାଳ ପ୍ରଭୃତି ଶ୍ମଶାନ ତଥା ଶବପ୍ରେମୀ ଅଶୁଭ ପଶୁପକ୍ଷୀଙ୍କର ପ୍ରତିକୃତି ଖୋଦିତ କୃଷ୍ଣ ମୁଗୁନି ପଥରରେ ନିର୍ମାଣ ଏହା ଏକ ଅନନ୍ୟା ବିଗ୍ରହ। ଏହାର ଉଚ୍ଚତା ପ୍ରାୟ ୪ ଫୁଟ। ଏହି ଦେବୀଙ୍କର କମନୀୟ ମୁଖଶ୍ରୀରେ ଅଭୟ ପ୍ରଦାୟିନୀ ବରଦାନର ମମତ୍ୱ ପ୍ରସ୍ଫୁଟିତ ହୋଇଥାଏ। ଚତୁର୍ଭୂଜ ମା' ଶ୍ୟାମାକାଳୀଙ୍କର ବାମ ପାର୍ଶ୍ୱସ୍ଥ ନିଜ ହସ୍ତରେ ମଣିଷର ଛିନ୍ନ ମୁଣ୍ଡ ଓ ଉର୍ଦ୍ଧ୍ୱ ହସ୍ତରେ ଖଡ଼ଗ୍ ଶୋଭା ପାଉଥିବା ବେଳେ ଦକ୍ଷିଣ ପାର୍ଶ୍ୱସ୍ଥ ନିମ୍ନ ହସ୍ତରେ ବିରହ ମୁଦ୍ରା ଓ ଉପର ହସ୍ତରେ ଅଭୟ ମୁଦ୍ରାରେ ଅଙ୍ଗୁଳି ସମୂହ ଉନ୍ମୁକ୍ତ ଶୋଭା ପାଇଥାଏ। ଲୋଳମାନ ଜିହ୍ୱା ବିଶିଷ୍ଟ ମା' ଶ୍ୟାମାକାଳୀଙ୍କ ଶରୀର ଭୂଗୋଳରେ ଅତ୍ୟନ୍ତ ଶୋଭନୀୟ ପ୍ରକଟିତ ହୋଇଥାଏ। ମା' ଶ୍ୟାମାକାଳୀ, ମା' ଦକ୍ଷିଣକାଳୀ ଦେବଦେବ ମହାଦେବଙ୍କ ବକ୍ଷରେ ଦକ୍ଷପାଦ ଓ ଦକ୍ଷିଣ ଦ୍ୱାର ଉପରେ ବାମପାଦ ଦଣ୍ଡାୟମାନ ଥିବାର ଦୃଶ୍ୟମାନ ହେଉଥିଲେ ହେଁ ଶ୍ରୀକ୍ଷେତ୍ରରେ ମା' ବିରଜା ରୂପରେ ଦୃଶ୍ୟମାନ ହେଉଛନ୍ତି। ମା'ଙ୍କୁ ତନ୍ତ୍ର, ମନ୍ତ୍ର, ଯନ୍ତ୍ର ଏବଂ ସୂତ୍ର ପଦ୍ଧତିରେ ଉପାସନା କରାଯାଉଥିଲେ ମଧ ତାନ୍ତ୍ରିକ ବାମାଚାରୀ ଜ୍ୱଳନ୍ତ ନିଦର୍ଶନ ଦେଖିବାକୁ ମିଳିଥାଏ।

ଶ୍ୟାମାକାଳୀ ବା ଦକ୍ଷିଣକାଳୀଙ୍କ ମାହାତ୍ମ୍ୟ ବାସ୍ତବରେ ସ୍ୱତନ୍ତ୍ର। ଶ୍ରୋତ୍ରୀୟ ବ୍ରାହ୍ମଣମାନେ ମନ୍ତ୍ର ମାଧ୍ୟମରେ ମା'ଙ୍କର ପୂଜାର୍ଚ୍ଚନା କରିଥାନ୍ତି। ଆଶ୍ୱିନରେ ଦୁର୍ଗାପୂଜା, କାର୍ତ୍ତିକ ଅମାବାସ୍ୟାରେ ଶ୍ୟାମପୂଜା ମା'ଙ୍କର ସ୍ୱତନ୍ତ୍ର ଉପାସନା। ଏପରିକି ଶ୍ୟାମାକାଳୀଙ୍କ ମାଛ ବେସର ଭୋଗ ପ୍ରସାଦ ସେବନ ପାଇଁ ଭକ୍ତମାନେ ଚାହିଁ ବସିଥାନ୍ତି। ଅପୁତ୍ରୀ ପୁତ୍ର ଲାଭକରିବା, ରିଷ୍ଟ ଖଣ୍ଡନ ହେବା, ମହାମାରୀ ଆଦି ରୋଗରୁ ମୁକ୍ତି ପାଇବା ପାଇଁ ମା' ଶ୍ୟାମାକାଳୀ/ମା' ଦକ୍ଷିଣକାଳୀ ପୂଜା ଉପାସନା କରାଯାଇଥାଏ। ବିଶେଷକରି ସର୍ବବିଧ ମଙ୍ଗଳ ନିମିତ୍ତ ଏହି ପୂଜାର ଅନେକ ପ୍ରୟୋଜନ ରହିଛି। ପ୍ରତ୍ୟେକ ମଙ୍ଗଳବାର ଏବଂ ଶନିବାର ଦିନ ମା'ଙ୍କ ଠାରେ ବିଧି ବିଧାନର ସହିତ ପୂଜାର୍ଚ୍ଚନା କରାଯାଇଥାଏ। ଗଜପତୀ ମହାରାଜଙ୍କର ମା' ଶ୍ୟାମାକାଳୀ ଇଷ୍ଟଦେବୀ ଥିଲେ। ରାମକୃଷ୍ଣ ପରମହଂସଙ୍କର ମା ଉପାସ୍ୟ ଦେବୀ ଥିଲେ ମା ଦକ୍ଷିଣକାଳୀ। ମା' ଦକ୍ଷିଣକାଳୀଙ୍କ ନିମିତ୍ତ ଖଣ୍ଡୁଆ ପଟନୀ ସହିତ ଆନୁଷଙ୍ଗିକ ପୂଜା ସାମଗ୍ରୀ ଲାଗି କରାଯାଏ।

ମା' ଶ୍ୟାମାକାଳୀଙ୍କର ଅନ୍ୟନାମ ହେଉଛି ମା' ଦକ୍ଷିଣକାଳୀ ଏବଂ ପରମେଶ୍ୱର ଶିବଙ୍କୁ ଏକତ୍ର ପୂଜା କରାଯାଉ ଥିବାରୁ ମା'ଙ୍କର ଅନ୍ୟନାମ ହେଉଛି "ମା' ଦକ୍ଷିଣେଶ୍ୱରକାଳୀ"। ମା'ଙ୍କର ନାମ ଉଚ୍ଚାରଣ ମାତ୍ରେ ସର୍ବବିଧ ମଙ୍ଗଳ ହୋଇଥାଏ ଏବଂ ମା'ଙ୍କୁ ଦର୍ଶନ କରି ଯାତ୍ରା କଲେ କାର୍ଯ୍ୟ ଶୁଭ ହୋଇଥାଏ। ମା' ଦକ୍ଷିଣେଶ୍ୱରକାଳୀଙ୍କୁ ପୂଜାର୍ଚ୍ଚନା କଲେ ସର୍ବ ଦେବଦେବୀଙ୍କ ଆଶୀର୍ବାଦ ମିଳିଥାଏ ବୋଲି ବିଶ୍ୱାସ କରାଯାଏ।**(ଶେଷ ଭାଗ)**

ଭୁବନେଶ୍ୱର,
ମୋ-୮୭୬୩୫୪୩୨୦୨

# ଦୀପାବଳି ଓ ଧ୍ୱନି ପ୍ରଦୂଷଣ

### ନାରାୟଣ ଚନ୍ଦ୍ର ବିଶ୍ୱାଳ

" **ବାଣଗୁଡ଼ିକରେ ୭୫ ପ୍ରତିଶତ ପୋଟାସିୟମ୍ ନାଇଟ୍ରେଟ୍, ୧୫ ପ୍ରତିଶତ କାର୍ବନ (ଅଙ୍ଗାରକ) ଓ ୧୦ ପ୍ରତିଶତ ସଲ୍‌ଫର (ଗନ୍ଧକ) ଥାଏ। ଶୀତ ଋତୁରେ ଦୀପାବଳି ପାଳନ ହୋଇଥାଏ ଏବଂ ଏହି ଋତୁରେ ପବନର ପ୍ରସାର ହ୍ରାସ ପାଇବା ଯୋଗୁଁ ନିର୍ଗତ ହୋଇଥିବା ବିଷାକ୍ତ ବାଷ୍ପଗୁଡ଼ିକ ବାୟୁମଣ୍ଡଳରେ ୧୫ରୁ ୨୦ ଦିନ ପର୍ଯ୍ୟନ୍ତ ରହିଯାଏ ଯାହାଦ୍ୱାରା ପ୍ରଦୂଷଣର ପ୍ରଭାବ ବୃଦ୍ଧି ପାଏ। ଏହିସବୁ ବିଷାକ୍ତ ବାଷ୍ପ ଯୋଗୁଁ ଫୁସ୍‌ଫୁସ୍ ଜନିତ ରୋଗ, ବ୍ରୋଙ୍କାଇଟିସ୍, ଚକ୍ଷୁ, ଗଳାଜନିତ ରୋଗ, ହୃଦ୍‌ରୋଗ ଆଦିର ଶିକାର ମନୁଷ୍ୟ ହୋଇଥାଏ। ଏହା ବ୍ୟତୀତ ଦୀପାବଳି ଅବସରରେ ଧ୍ୱନି ପ୍ରଦୂଷଣ ମଧ ବ୍ୟାପକ ହୋଇଥାଏ। ଧ୍ୱନି ପ୍ରଦୂଷଣ ହୃଦ୍‌ରୋଗୀଙ୍କ ପାଇଁ ଭୟାବହ।**

ଦୀ' ଦୀପାବଳି ଏକ ସର୍ବଭାରତୀୟ ଉତ୍ସବ। ଏହି ଦିନ କେତେକ ସ୍ଥାନରେ ରାତି ଉଜାଗର ରହି ଲକ୍ଷ୍ମୀପୂଜା କରାଯାଏ ଏବଂ ବ୍ୟବସାୟୀମାନେ ଦୋକାନ ପୂଜା କରିବା ସହ ନୂଆ ଖାତା ଖୋଲନ୍ତି। କୁମାର ପୂର୍ଣ୍ଣିମା ପରି ଦୀପାବଳି ରାତିରେ ଉଜାଗର ରହି ତାସ୍ କିମ୍ବା ପଶା ଖେଳର ପରମ୍ପରା ଲକ୍ଷ୍ମୀ ଆରାଧନାର ପ୍ରତୀକ ବୋଲି ମନେ କରନ୍ତି ଅନେକ ଅଞ୍ଚଳର ଲୋକେ। ତାନ୍ତ୍ରିକଙ୍କ ସାଧନା ପାଇଁ ଦୀପାବଳି ଅମାବାସ୍ୟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦୀପାବଳି ସହ ସଂପୃକ୍ତ ଚାରିଟି ପର୍ବ ହେଉଛି ଧନଦା ତ୍ରୟୋଦଶୀ ବା ଧନ୍‌ତେରାସ୍, ନାରକ ଚତୁର୍ଦ୍ଦଶୀ, ଦୀପାବଳି ଓ ଗୋବର୍ଦ୍ଧନ ପୂଜା ପିତୃସତ୍ୟ ପାଳି ଚଉଦ ବର୍ଷ ବନବାସ ସାରି, ରାବଣ ନିଧନ ଓ ସୀତାଙ୍କୁ ଉଦ୍ଧାର କରି ରାମଚନ୍ଦ୍ର ଯେଉଁଦିନ ଅଯୋଧ୍ୟାକୁ ବାହୁଡ଼ି ଆସିଲେ ସେଦିନ ମହାଆନନ୍ଦରେ ରାଜ୍ୟବାସୀ ସୁନ୍ଦର ଦୀପାଲୋକରେ ନଗରୀକୁ ସଜାଇଦେଲେ। ରାମଚନ୍ଦ୍ରଙ୍କ ପ୍ରତ୍ୟାବର୍ତ୍ତନର ସ୍ମୃତି ଉତ୍ସବ ହେଉଛି ଏହି ଦୀପାବଳି ବୋଲି ମଧ୍ୟ କୁହାଯାଇଥାଏ।

ଆହୁରି ପୁରାଣ ଅନୁସାରେ ଭଗବାନ ଶ୍ରୀକୃଷ୍ଣ ମା'ମହାକାଳୀଙ୍କ ସହାୟତାରେ ଅତ୍ୟାଚାରୀ ନାରକାସୁରକୁ ବଧ କରିଥିବାରୁ ଆନନ୍ଦରେ ଅଧୀର ମର୍ତ୍ତ୍ୟବାସୀ ଏହିଦିନ ଦୀପାଲୋକରେ ଘର ସଜାନ୍ତି ଏବଂ ମା'କାଳୀଙ୍କୁ ମଧ୍ୟ ପୂଜା କରନ୍ତି। ପୁଣି ଏହି ଦିନ ଓଡ଼ିଶାରେ ପାଳିତ ହୁଏ ପୟା ଅମାବାସ୍ୟା ଭାବେ। ପିତୃପୁରୁଷଙ୍କୁ ସନ୍ଧ୍ୟାରେ ଶ୍ରାଦ୍ଧଦାନ କରାଯିବା ସହ ବଳିତା ଓ କାଉଁରିଆ କାଠି ଜାଳି ପିତୃପୁରୁଷଙ୍କୁ ଅନ୍ଧାରରେ ଆସି ଆଲୁଅରେ ଯାଅ, ଅମୃତ ଦୃଷ୍ଟିରେ ଆମକୁ ଦେଖୁଥାଅ ବୋଲି ଡାକ ଦେଇ ଆଲୋକ ପ୍ରଦର୍ଶନ କରନ୍ତି। ଆଉ ଏକ ଘଟଣା ହେଲା ଦୀପାବଳି ଦିନ ଶ୍ରାଦ୍ଧ ପରେ ରାତିରେ ଘର ଅଗଣାରେ ଏକ ବୋଇତ ଚିତ୍ର ପଞ୍ଚବର୍ଣ୍ଣ ମୁରୁଜରେ ଆଙ୍କି ସେଥିରେ ବିଭିନ୍ନ କୋଠରିରେ ଘରର ବାସନକୁସନ, ଗହଣାଗାଣ୍ଠି, ଧାନଚାଉଳ ରଖି ପୂଜା କରାଯାଏ। ବାଣ ଫୁଟାଇବା ଆନନ୍ଦ ଉତ୍ସବର ଏକ ପ୍ରତୀକ ହୋଇଥିବାରୁ ବିଭିନ୍ନ ପ୍ରକାର ବାଣ ଫୁଟାଇ ଆଜିକାଲି ଦୀପାବଳି ପାଳନ କରାଯାଉଛି।

ଚଳିତ ବର୍ଷ କେବଳ ଦୀପାବଳି ନୁହେଁ ବର୍ଷ ତମାମ ଅନ୍ୟ ସମୟରେ ବାଣ ଫୁଟା ଓ ବାଣର ବ୍ୟବହାର ଉପରେ ମାନ୍ୟବର ସୁପ୍ରିମକୋର୍ଟ କଟକଣାକୁ କଠୋର କରିଛନ୍ତି। ଖଣ୍ଡପୀଠ କହିଛନ୍ତି ୨୦୨୧ରେ ପ୍ରଦୂଷଣ ସୃଷ୍ଟି କରୁଥିବା ବାଣ ବିକ୍ରି ଓ ଫୁଟାଇବାକୁ ନିଷିଦ୍ଧ କରିବା ପାଇଁ ଯେଉଁ ନିର୍ଦ୍ଦେଶ ରହିଥିଲା ତାହା ଭାରତର ସବୁ ରାଜ୍ୟପାଇଁ ସମାନ ଆଇନ ଭାବେ ନିଷିଦ୍ଧ ରହିବ। କେବଳ ସବୁଜ ବାଣ ବିକ୍ରିକୁ ଅନୁମତି ମିଳିବ ବୋଲି ସୁପ୍ରିମକୋର୍ଟଙ୍କ ଏହି ରାୟ ପରେ ପରିବେଶବିତ୍‌ଙ୍କ ଭିତରେ ସ୍ୱାଭାବିକ ଭାବେ ଆନନ୍ଦ ପ୍ରକାଶ ପାଇଛି। ନିକଟରେ ପ୍ରକାଶ ପାଇଛି ସ୍ୱାସ୍ଥ୍ୟଭିତ୍ତିକ ପତ୍ରିକା ଲାନ୍‌ସେଟ କମିଶନ ଅଫ୍ ହେଲଥ ଆଣ୍ଡ ପଲ୍ୟୁସନ୍ ରିପୋର୍ଟ। ଏଥିରେ ପ୍ରକାଶିତ ତଥ୍ୟ ଅନୁଯାୟୀ ପ୍ରଦୂଷଣଜନିତ ଅପମୃତ୍ୟୁ କ୍ଷେତ୍ରରେ ଭାରତ ସମଗ୍ର ବିଶ୍ୱରେ ସର୍ବାଗ୍ରେ ରହିଛି। ୨୦୨୨ରେ ପ୍ରଦୂଷଣ କାରଣରୁ ସାରା ବିଶ୍ୱରେ ୧୦.୬ ମିଲିଅନ୍ ଲୋକ ମୃତ୍ୟୁବରଣ କରିଥିବା ବେଳେ ଭାରତର ଏହି ସଂଖ୍ୟାରେ ଅଂଶ ହେଉଛି ୪.୮୧ ମିଲିଅନ୍। ପୁଣି ସବୁ ପ୍ରକାରର ପ୍ରଦୂଷଣ ଭିତରେ ବାୟୁ ପ୍ରଦୂଷଣ ହେଉଛି ସବୁଠୁ ବେଶି ମାରାତ୍ମକ। ଏଥିରେ ସେହି ବର୍ଷ ସମଗ୍ର ବିଶ୍ୱର ମୃତ୍ୟୁ ସଂଖ୍ୟା ଥିଲା ୭.୫ ମିଲିଅନ୍ ଏବଂ ଏଥିରେ ଭାରତର ଅଂଶ ଥିଲା ପ୍ରାୟ ୩୨ ପ୍ରତିଶତ ଅର୍ଥାତ୍ ୨.୪ ମିଲିଅନ୍। ସମ୍ବିଧାନର ଧାରା ୨୧ ଓ ୪୮ ଅନୁଯାୟୀ ନାଗରିକମାନଙ୍କୁ ସ୍ୱଚ୍ଛ ବାତାବରଣର ହକ ଦେବାର ଦାୟିତ୍ୱ ସମ୍ପର୍କରେ ଟ୍ରିବ୍ୟୁନାଲ



ସରକାରଙ୍କୁ ସୂଚୀତ କରିଛନ୍ତି। ସରକାର ଲୋକଙ୍କ ଠାରୁ ବଞ୍ଚିବାର ଅଧିକାର ଛଡ଼ାଇ ନେଉଛନ୍ତି ବୋଲି କହିଛନ୍ତି। କେନ୍ଦ୍ରୀୟ ପଲ୍ୟୁସନ୍ କଣ୍ଟ୍ରୋଲ ବୋର୍ଡ଼ର ତଥ୍ୟ ଅନୁଯାୟୀ ବିପଜ୍ଜନକ ଭାବେ ବାୟୁର ମାନ ବଢୁଛି। ଯେଉଁ ପିଏମ୍‌ସ୍ତର କେବଳ ୧୦୦ ହେବା ଆବଶ୍ୟକ ହୋଇଥିବାବେଳେ ତାହା ଗତ ସପ୍ତାହରେ ୯୮୬ ଥିଲା। ସେହିପରି ପିଏମ୍ ୨.୫ର ସ୍ତର ୬୦ ବଦଳରେ ୪୨୦ ହୋଇଯାଉଛି ବୋଲି ଟ୍ରିବ୍ୟୁନାଲ ଦର୍ଶାଇଥିଲେ। ସେହିପରି ୧୦ ବର୍ଷରୁ ପୁରୁଣା ଡିଜେଲ ଗାଡ଼ି ଓ ୧୫ ବର୍ଷର ପୁରୁଣା ପେଟ୍ରୋଲ ଗାଡ଼ିକୁ ଦିଲ୍ଲୀରେ ପ୍ରବେଶର ସୁଯୋଗ ନ ଦେବାକୁ ଟ୍ରିବ୍ୟୁନାଲ କହିଛନ୍ତି। ଗତ ସପ୍ତାହରେ ପଞ୍ଜାବୀବାଗରେ ଏୟାର କ୍ୱାଲିଟି ଇଣ୍ଡେକ୍ସ ୭୯୯ ରେକର୍ଡ଼ କରାଯାଇଥିଲା। ଏ ନେଇ ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଦୀପାବଳି ସହିତ ଶବ୍ଦ ପ୍ରଦୂଷଣର ସମ୍ପର୍କ ରହିଛି। କାରଣ ଆନନ୍ଦ ଓ ଆଲୋକର ମହାପାର୍ବଣ ଭିତରେ ଆମେ ଅଧିକାଂଶ ହୁଏତ ଜାଣି ନଥାନ୍ତି ଯେ ଖୁସି ମନାଉଥିବା ବାଣ ଭିତରେ ଯେଉଁ ଭୟାନକ ରାସାୟନିକ ପଦାର୍ଥ ରହିଥାଏ ତାହା ହେଉଛି ସୋଡ଼ିୟମ ଅକ୍‌ଜାଲେଟ୍, ଆଲୁମିନିୟମ, ଆର୍ସେନିକ୍, ସଲ୍‌ଫର ମାଙ୍ଗାନିଜ୍, ଲୁହାଗୁଣ୍ଡ, ପୋଟାସିୟମ୍, ପରକ୍ଲୋରେଟ୍, ଷ୍ଟ୍ରୋନ୍‌ସିଅମ୍ ନାଇଟ୍ରେଟ୍ ଇତ୍ୟାଦି। ଦହନ ସମୟରେ ପ୍ରଚୁର ପରିମାଣରେ ବିଷାକ୍ତ ବାଷ୍ପ ସଲଫର ଡାଇଅକ୍‌ସାଇଡ ଓ ନାଇଟ୍ରୋଜେନ୍ ଡାଇଅକ୍‌ସାଇଡ୍ ବାୟୁମଣ୍ଡଳରେ ପ୍ରବେଶ କରିଥାଏ। ଗବେଷଣାରୁ ଏହା ଜଣାପଡ଼େ ଯେ ରକେଟ୍ ବାଣ ଓ ଅନାରକଲି ବାଣ ଦ୍ୱାରା ପଲିକ୍ଲୋରିନେଟେଡ୍ ଡାଇଅକ୍ସିନ୍ ଏବଂ ଫ୍ୟୁରୋନ୍ ଭଳି କେତେକ ବିଷାକ୍ତ ରାସାୟନିକ ପଦାର୍ଥ ନିର୍ଗମନ ହୋଇଥାଏ।

ବର୍ଷକ ତମାମ ଭିତରେ ବିଶେଷକରି ଓଡ଼ିଆମାନଙ୍କ ପାଇଁ ପୁଣ୍ୟ କାର୍ତ୍ତିକ ଭିତରେ ଆସିଥାଏ ଏହି ଶୁଭ ଦୀପାବଳି। ଯାହାକି ହେଉଛି ନିଶ୍ଚିନ୍ତ ଭାବରେ ଆମ ସମସ୍ତଙ୍କ ପାଇଁ ଆନନ୍ଦ, ତ୍ୟାଗ, ପ୍ରେରଣା ଓ ଉତ୍ସର୍ଗୀକୃତ ଚିନ୍ତା ଚେତନାର ପବିତ୍ର ସ୍ମୃତି ପୁଣ୍ୟ ତିଥି। ତେବେ ଆମମାନଙ୍କ ଭିତରୁ ଅଧିକାଂଶ ହୁଏତ ଜାଣି ନଥାନ୍ତି ବାଣ ଫୁଟାଇବା ଓ ଆତସବାଜି ଦ୍ୱାରା ବାୟୁମଣ୍ଡଳରେ ବିଷାକ୍ତ ଭାରି ଧାତୁର ମାତ୍ରା ପ୍ରାୟ ୫୦ ରୁ ୧୦୦ଗୁଣ ବୃଦ୍ଧି ପାଇଥିବାର ଦୃଷ୍ଟାନ୍ତ ମିଳେ। ସାଧାରଣତଃ ବାଣଗୁଡ଼ିକରେ ୭୫ ପ୍ରତିଶତ ପୋଟାସିୟମ୍ ନାଇଟ୍ରେଟ୍, ୧୫ ପ୍ରତିଶତ କାର୍ବନ (ଅଙ୍ଗାରକ) ଓ ୧୦ ପ୍ରତିଶତ ସଲ୍‌ଫର (ଗନ୍ଧକ) ଥାଏ। ଶୀତ ଋତୁରେ ଦୀପାବଳି ପାଳନ ହୋଇଥାଏ ଏବଂ ଏହି ଋତୁରେ ପବନର ପ୍ରସାର ହ୍ରାସ ପାଇବା ଯୋଗୁଁ ନିର୍ଗତ ହୋଇଥିବା ବିଷାକ୍ତ ବାଷ୍ପଗୁଡ଼ିକ ବାୟୁମଣ୍ଡଳରେ ୧୫ରୁ ୨୦ ଦିନ ପର୍ଯ୍ୟନ୍ତ ରହିଯାଏ ଯାହାଦ୍ୱାରା ପ୍ରଦୂଷଣର ପ୍ରଭାବ ବୃଦ୍ଧି ପାଏ। ଏହିସବୁ ବିଷାକ୍ତ ବାଷ୍ପ ଯୋଗୁଁ ଫୁସ୍‌ଫୁସ୍ ଜନିତ ରୋଗ, ବ୍ରୋଙ୍କାଇଟିସ୍, ଚକ୍ଷୁ, ଗଳାଜନିତ ରୋଗ, ହୃଦ୍‌ରୋଗ ଆଦିର ଶିକାର ମନୁଷ୍ୟ ହୋଇଥାଏ। ଏହା ବ୍ୟତୀତ ଦୀପାବଳି ଅବସରରେ ଧ୍ୱନି ପ୍ରଦୂଷଣ ମଧ ବ୍ୟାପକ ହୋଇଥାଏ। ଧ୍ୱନି ପ୍ରଦୂଷଣ ହୃଦ୍‌ରୋଗୀଙ୍କ ପାଇଁ ଭୟାବହ। ଧ୍ୱନିର ମାତ୍ରା ଏହି ସମୟରେ ୧୦୦ରୁ ୧୪୦ ଡେସିବେଲ୍ ପର୍ଯ୍ୟନ୍ତ ପହଞ୍ଚିଥାଏ ଯାହାକି ମାରାତ୍ମକ। ଏହାଦ୍ୱାରା ଆମ ଶରୀରରେ ଆଡ୍ରେନାଲିନ୍ ନାମକ ହରମୋନ୍‌ର ମାତ୍ରା ଅଧିକ ହୋଇଥାଏ। ଫଳରେ ରକ୍ତଚାପର ବୃଦ୍ଧି ଘଟିଥାଏ। ତେଣୁ ଏହିସବୁ ବିପଦକୁ ଆମନ୍ତ୍ରଣ କରିବା ଅପେକ୍ଷା କେବଳ ଦୀପ ଜାଳି ଦୀପାବଳି ଉତ୍ସବ ପାଳନ କରିବା ଏବଂ ପରିବେଶକୁ ପ୍ରଦୂଷଣ ମୁକ୍ତ ରଖିବା। ଆମ ସମସ୍ତଙ୍କ ପାଇଁ ମାନବର ଅଙ୍ଗପ୍ରତ୍ୟଙ୍ଗ ଭିତରେ କାନ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଅସଚେତନତା ପାଇଁ ଆମେ ଏହାକୁ ଗୁରୁତ୍ୱ ଦେଇନଥାଉ। ଦୀପାବଳିରେ ବାଣ ଓ ବାହ୍ୟ ଖର୍ଚ୍ଚ ଅପେକ୍ଷା ଆମ ସମସ୍ତଙ୍କ ଭିତରେ ରହିଥିବା ସ୍ୱାର୍ଥପରତା, ମିଥ୍ୟାବାଦିତା ବା ଅନ୍ୟ ଯେକୌଣସି ଗୁଣକୁ ଏହି ପୁଣ୍ୟ ପାର୍ବଣ ଦୀପାବଳିରେ ସମର୍ପଣ କରିପାରିଲେ ଏହା ହିଁ ହେବ ସବୁଠାରୁ ବଡ଼ ସ୍ମରଣ, ଆଲୋକ ଓ ଆନନ୍ଦର ମହାପାର୍ବଣ - ଦୀପାବଳି।

କଟକ,ମୋ: ୯୪୩୮୨୭୬୭୬୦

# କ୍ଷତିକାରକ ବାଣ

### ଡାକ୍ତର ଦିଲ୍ଲୀପ କୁମାର

ଦୀପାବଳିରେ ବାଣଫୁଟାଇ ସମସ୍ତେ ଖୁସି ହେଉଥିବା ବେଳେ ପ୍ରାୟତଃ ପୋଡ଼ାଜଳା ଖବର ଆସିଥାଏ ଯାହା ଏହି ଖୁସିକୁ ପାଣି ଫଟାଇ ଦିଏ। ତେବେ ଏଥିରୁ ୯୫ ପ୍ରତିଶତ ଦୁର୍ଘଟଣାବଶତଃ ହୋଇଥିବାବେଳେ ୮୦ ପ୍ରତିଶତ ପୀଡ଼ିତ ମହିଳା ଏବଂ ଶିଶୁ ହୋଇଥାନ୍ତି। ଏଭଳି ଅଘଟଣ ଘଟିଲେ ଡାକ୍ତରଙ୍କ ପାଖକୁ ନେବା ପୂର୍ବରୁ ତୁରନ୍ତ କିଛି ପ୍ରାଥମିକ ଉପଚାର ସମ୍ପର୍କରେ ଜାଣନ୍ତୁ। ପୋଡ଼ିଯାଇଥିବା ସ୍ଥାନରୁ ପୋଷାକ କାଢ଼ି ଦିଅନ୍ତି। ଏହା ଉପରେ ତୁରନ୍ତ ଥଣ୍ଡା ପାଣି (ଅଧିକ ଥଣ୍ଡା ହୋଇନଥିବ) ଢ଼ାଳି ୩ରୁ ୫ ମିନିଟ ପର୍ଯ୍ୟନ୍ତ ରଖନ୍ତୁ। ଲହୁଣି କିମ୍ବା ଅନ୍ୟ କୌଣସି ଚିକ୍କଣ ପଦାର୍ଥ ବା ପାଉଡର ଏହା ଉପରେ ପକାନ୍ତୁ ନାହିଁ। କାରଣ ଏହାଦ୍ୱାରା ସଂକ୍ରମଣର ଆଶଙ୍କା ବଢ଼ିଯାଏ। ପୋଡ଼ାସ୍ଥାନ ଛୋଟ ହୋଇଥିଲେ ଢ଼ିଲା ଷ୍ଟେରାଇଲ୍ ପ୍ୟାଡ୍ ବାନ୍ଧି ଦେଇପାରନ୍ତି। ତୁରନ୍ତ ଡାକ୍ତରଙ୍କୁ ପଚାରି ଔଷଧ ଲଗାଇବେ। ଆଘାତ ସ୍ଥାନ ଛୋଟ ହୋଇଥିଲେ ସଫା ରଖି ଲଗାତର ଶୀତଳ ପଦାର୍ଥରେ ଚାପ ଦିଅନ୍ତୁ।

ଧାତୁ ବା ସିସାରେ ତିଆରି କୌଣସି ପାତ୍ରରେ ବାଣ ଫୁଟାନ୍ତୁ ନାହିଁ। ଯଦି କୌଣସି ବାଣ ଭଲ ଭାବେ ଫୁଟିନାହିଁ ତେବେ ତାକୁ ଆଉ ଥରେ ଜଳାଇବାର ଚେଷ୍ଟା କରିବେନି। କିଛି ସମୟ ଛାଡ଼ି ଦେଇ ନଜଳିଲେ ସେଥିରେ ପାଣି ପକାଇ ଦିଅନ୍ତୁ। ଶୁଖିଲା ସେହି ବାଣକୁ ଛାଡ଼ିଦେବା ବିପଜ୍ଜନକ। ଘର ଭିତରେ କୌଣସି ପ୍ରକାର ବାଣ ଫୁଟାନ୍ତୁ ନାହିଁ। ପିଲାମାନଙ୍କୁ ପକେଟ୍‌ରେ ବାଣ ରଖିବାକୁ ମନା କରନ୍ତୁ। କାରଣ କେତେକ ବିସ୍ଫୋଟକ ହୋଇଥାଏ ଯାହାକୁ ନଜଳାଇଲେ ମଧ ତାହା ଆପେ ଫୁଟିଯାଏ। ବାଣ ଉପରେ ଲେଖାଥିବା ନିର୍ଦ୍ଦେଶାବଳି ପଢ଼ି ଖୋଲାଜାଗାରେ ଫୁଟାନ୍ତୁ।

ଦୀପାବଳିରେ ପ୍ରତିବର୍ଷ କୋଟି କୋଟି ଟଙ୍କାର ବାଣ ପୋଡ଼ି ଦିଆଯାଏ। ତେବେ ଏଗୁଡ଼ିକ ପରିବେଶ ସହିତ ସ୍ୱାସ୍ଥ୍ୟ ପାଇଁ ବି ବିପଜ୍ଜନକ ହୋଇଥାନ୍ତି। ଏଥିରୁ ବାହାରୁଥିବା ବିଷାକ୍ତ ଗ୍ୟାସ ପଶୁପକ୍ଷୀଙ୍କ ସ୍ୱାସ୍ଥ୍ୟ ଉପରେ ବି ପ୍ରତିକୂଳ ପ୍ରଭାବ ପକାଏ। ଏହି ଧୂଆଁ ମଣିଷର କାନ, ଆଖି, ତ୍ୱଚାକୁ ପ୍ରଭାବିତ କରିବା ସହ ଶ୍ୱାସ ଏବଂ ହୃଦ୍‌ରୋଗୀଙ୍କ ପାଇଁ ଘାତକ ହୋଇପାରେ। ବାଣରୁ ଫସ୍‌ଫରସ, ସଲଫର୍, ପଟାସିୟମ କ୍ଲୋରେଟ୍ ପରି ବିଷାକ୍ତ ଗ୍ୟାସ ବାହାରିଥାଏ। ଏହା ଆଖି ପାଇଁ ଖୁବ୍ କ୍ଷତିକାରକ। ପୁଣି ଜୋର ଆଲୋକ ବାହାରେ। ଫଳରେ ବାଣକୁ ଚାହିଁ ରହିବା ପରେ କିଛି ସମୟ ପର୍ଯ୍ୟନ୍ତ ଆଖିକୁ ଦେଖାଯାଏ ନାହିଁ। ଏହି ତୀବ୍ର ଆଲୋକ ଆଖିରେ କୋମଳ ପିତୁଳା ପ୍ରତି କ୍ଷତିକାରକ ହୋଇପାରେ। ବାଣ ଫୁଟିବା ଦ୍ୱାରା ହେଉଥିବା ଜୋର ଶବ୍ଦରେ କାନର ସ୍ପର୍ଶକାତର ପରଦା ବି ପ୍ରଭାବିତ ହୋଇଥାଏ। ଏଥିରୁ ବାହାରୁଥିବା ସଲଫର୍ ଡାଇଅକସାଇଡ଼, କାର୍ବନ ଡାଇଅକ୍‌ସାଇଡ, କାର୍ବନ ମନୋକ୍‌ସାଇଡ଼ ଆଦି ଗ୍ୟାସ ଫୁସ୍‌ଫୁସ୍‌ରେ ପହଞ୍ଚିବାରୁ ସାଧାରଣ ଲୋକଙ୍କ ବାଦ ଶ୍ୱାସରୋଗୀମାନେ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରନ୍ତି। ଦୀପାବଳି ପରେ ବି ଏହି ରୋଗଗୁଡ଼ିକ କିଛି ଦିନ ବାୟୁମଣ୍ଡଳରେ ରହିଥାଏ। ତେଣୁ ଏହି କିଛି ଦିନ ଶ୍ୱାସରୋଗୀମାନେ ମର୍ଣ୍ଣିଂୱାକ୍ ବନ୍ଦ ରଖିବା ଉଚିତ। ସଲଫର ଡାଇଅକ୍‌ସାଇଡ, କାର୍ବନ ମନୋକ୍‌ସାଇଡ଼, କାର୍ବନ ଡାଇଅକ୍‌ସାଇଡ଼, ନାଇଟ୍ରୋଜେନ ଅକ୍‌ସାଇଡ, ନାଇଟ୍ରସ ଅକ୍‌ସାଇଡ଼ ପରି ଗ୍ୟାସରୁ ଆଜ୍‌ମା, ହୃଦ୍‌ରୋଗ, ବ୍ଲଡ଼ ପ୍ରେସର ଏବଂ ଅନ୍ୟ କେତେକ ରୋଗ ସ୍ଥାୟୀ ଭାବେ ହୋଇପାରେ। ବାଣର ବାରୁଦରେ ବ୍ଲାକ କିମ୍ବା ଫ୍ଲାସ୍ ପାଉଡର ରହିଥାଏ ଯେଉଁଥିରେ ସୋଡ଼ିୟମ, ପଟାସିୟମ, ଆଲୁମିନିୟମ, ଆଇରନ, କପର, ବେରିୟମ ଆଦି ରସାୟନ ଥାଏ ଯାହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ପ୍ରତ୍ୟେକ କ୍ଷେତ୍ରରୁ ବିପଜ୍ଜନକ ତଥା କ୍ଷତିକାରକ ବାଣ। କେବଳ ଦୀପାବଳିରେ ପ୍ରଦୂଷଣ ୩୦ ପ୍ରତିଶତ ବଢ଼ିଯାଏ ଯାହା ପରଦିନ କୁହୁଡ଼ି ଆକାରରେ ଦେଖାଯାଏ। ବାୟୁ ପ୍ରଦୂଷଣ ସହିତ ଶବ୍ଦ ପ୍ରଦୂଷଣ ବି ବଢ଼େ। ପୁଣି ଏଥିରେ ଥିବା କ୍ୟାଡମିୟମ କିଡ଼ନୀ ଖରାପର କାରଣ ହୋଇପାରେ। ବାରୁଦରେ ଥିବା ତତ୍ତ୍ୱରୁ ବାନ୍ତି ହେବା ସହିତ ନାଇଟ୍ରସ କେମିକାଲ ମଣିଷ ମାନସିକ ସନ୍ତୁଳନ ବିଗାଡ଼ିବା ପାଇଁ ଯଥେଷ୍ଟ। ବାଣ ଜଳିଯିବା ପରେ ବି ଏହାର ପ୍ରଭାବ ଶେଷ ହୋଇନଥାଏ। ଏହାକୁ ଫୁଟାଇବା ପରେ ରହିଯାଉଥିବା ଆବର୍ଜନା ମଧ କ୍ଷତିକାରକ। ଖୋଲାରେ ଫିଙ୍ଗି ଦିଆଗଲେ ଏହି ଆବର୍ଜନା ମାଟିରେ ମିଶି ମାଟିରେ କ୍ଷତି କରିବା ସହ ଜଳାଇ ଦିଆଗଲେ ପରିବେଶ ପ୍ରତି କ୍ଷତିକାରକ ହୋଇଥାଏ। ପଶୁପକ୍ଷୀ, ଶିଶୁ ତଥା ନବଜାତକମାନଙ୍କ ପାଇଁ ବି ବାଣ କ୍ଷତି କରେ। ତେଣୁ ଦୀପାବଳିରେ ବାଣ ଫୁଟାଇବା ବ୍ୟତୀତ ଦୀପ ଜଳାଇ ପାଳନ କରିବା ଉଚିତ।

ଦୀପାବଳି ସମୟରେ ଋତୁ ପରିବର୍ତ୍ତନ ହେଉଥିବାରୁ ଶ୍ୱାସରୋଗୀମାନଙ୍କ ସମସ୍ୟା ହଠାତ୍ ବଢ଼ିଯାଏ। ଏହା ସହିତ ଆତସବାଜିର ଧୂଆଁ ସେମାନଙ୍କ ପାଇଁ ଭୟଙ୍କର ପରିସ୍ଥିତି ସୃଷ୍ଟି କରେ। ଏହା ଆଲର୍ଜିକ ରିଆକ୍‌ସନ ସୃଷ୍ଟି କରିବା ସହିତ ଖୁବ୍ କଷ୍ଟଦାୟକ। ତେଣୁ କେତେକ ସତର୍କତାମୂଳକ ପଦକ୍ଷେପ ଶ୍ୱାସରୋଗୀମାନଙ୍କୁ ବାଣଫୁଟା ଠାରୁ ଦୂରରେ ରଖନ୍ତୁ। ପ୍ରଚୁର ପରିମାଣରେ ପାଣି ତଥା ଅନ୍ୟ ତରଳ ପଦାର୍ଥ ପିଇବା ସହିତ ଷ୍ଟିମ୍ ବାଥ୍ ବା ବାମ୍ପ ସ୍ନାନ କରିବା ଉଚିତ। ପ୍ରଦୂଷଣ ମାତ୍ରା ଅଧିକ ମନେହେଲେ ତୁରନ୍ତ ମାସ୍କ ଲଗାନ୍ତୁ। ବାରୁଦ ବାଣ ଅପେକ୍ଷା ଶ୍ୱାସ ସମସ୍ୟା ଥିବା ଲୋକେ ଇଲେକ୍‌ଟ୍ରୋନିକ୍ ବାଣଫୁଟାର ମଜା ନେଇପାରିବେ। ଏହାଦ୍ୱାରା ମଧ ଶବ୍ଦ ଏବଂ ବାୟୁ ପ୍ରଦୂଷଣ ହୋଇନଥାଏ। ଏୟାର ବ୍ୟବହାର ହୋଇଥିବାରୁ ଏହା ପ୍ରଦୂଷଣ କମ୍ କରେ।

ଶିଖରପୁର ଉପରସାହି, କଟକ

## ରାଷ୍ଟ୍ରୀୟ ଏକତା ଦିବସର ଅନୁଚିନ୍ତା

### ଚିତ୍ତରଞ୍ଜନ ପୃଷ୍ଟି

**ଈ**ଶ୍ୱରଙ୍କ ଏହି ମଧୁମୟ ସୃଷ୍ଟିରେ କେହି କାହାରିଠାରୁ ଭିନ୍ନ ନୁହନ୍ତି । ସମସ୍ତେ ଏକତାର ମହାମନ୍ତ୍ରରେ ବନ୍ଧା । ବେଳେବେଳେ ମାନବ ସମାଜ ଏକତାର ମହାମନ୍ତ୍ରକୁ ଭୁଲିଯାଇ ଆପଣାଉଛି ହିଂସାର ମାର୍ଗ । ଅତୀତରେ ଏହି ଏକତାର ଅଭାବରୁ ଏ ଭାରତଭୂମି ପରାଧୀନତାର ଶୃଙ୍ଖଳରେ ଆବଦ୍ଧ ହୋଇଥିଲା । ଗ୍ରୀକ,ଶକ,ହୁଣ, କୁଶାଣ,ମୋଗଲ ସମ୍ରାଟ ଭାରତକୁ ବହୁବାର ଆକ୍ରମଣ କରି ଲୁଟି ନେଇଥିଲେ ଅନେକ ଧନ ସମ୍ପତ୍ତି ।ଶେଷରେ ବିଦେଶୀ ଇଂରେଜ ଜାତି ଭାରତୀୟ ମାନଙ୍କ ମଧ୍ୟରେ ଏକତାର ଅଭାବର ସୁଯୋଗ ନେଇ ଶତାଧିକ ବର୍ଷ ଲୁଣ୍ଠିତ କରି ରଖିଥିଲେ । ପୁଣି ଏକତାର ଅପ୍ରତିହତ ଶକ୍ତି ବଳରେ ଭାରତ ସ୍ୱାଧୀନତା ଲାଭ କଲା । ସେଥିପାଇଁ ଇଂରାଜୀରେ କୁହାଯାଇଛି ଭାରତ ଆଜି ଯେଉଁ ଅଖଣ୍ଡତାକୁ ନେଇ ଗର୍ବ କରୁଛି ତାହାର କର୍ଣ୍ଣଧାର ହେଉଛନ୍ତି ଲୌହ ମାନବ ସର୍ଦ୍ଦାର ଭଲଭଭାଇ ପଟେଲ ।ଅଖଣ୍ଡ ଆଧୁନିକ ଭାରତର ନିର୍ମାତା,ପ୍ରଥମ ଉପପ୍ରଧାନମନ୍ତ୍ରୀ, ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଲୌହ ମାନବ ସର୍ଦ୍ଦାର ଭଲଭଭାଇ ପଟେଲ ୧୮୭୫ ମସିହା ଅକ୍ଟୋବର ୩୧ ତାରିଖରେ ଗୁଜୁରାଟର କ୍ଷୁଦ୍ର ଗ୍ରାମ ନାଡିୟାଡ଼ର ସାଧାରଣ କୃଷକ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ଜନ୍ମତିଥିକୁ ୨୦୧୪ ମସିହାରୁ 'ରାଷ୍ଟ୍ରୀୟ ଏକତା ଦିବସ' ରୂପେ ପାଳନ କରାଯାଉଛି ।ସେ ଜଣେ ମହାନ ବ୍ୟକ୍ତି ଯିଏକି ବିଖଣ୍ଡ ଭାରତକୁ ଏକତ୍ର କରି ଅଖଣ୍ଡ ଭାରତ ବର୍ଷରେ ପରିଣତ କରିଥିଲେ ।୧୯୪୭ ମସିହାର ପ୍ରଥମାର୍ଦ୍ଧ ଭାରତ ଇତିହାସ ପାଇଁ ଥିଲା ଏକ ସଂକଟମୟ ସମୟ ।ବିଦେଶୀ ଶାସନର ଅନ୍ତଃ ଘଟିଥିଲେ ମଧ ଭାରତର ଅଖଣ୍ଡତା ପ୍ରତି ବିପଦ ରହିଥିଲା । ଦେଶର ରାଜନୈତିକ ଅବସ୍ଥା ସଙ୍କଟ ଜନକ ପରିସ୍ଥିତି ଦେଇ ଗତି କରୁଥିବାବେଳେ ଉପ ପ୍ରଧାନମନ୍ତ୍ରୀ ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଭାବେ ସର୍ଦ୍ଦାର ପଟେଲଙ୍କ ଦୃଢ଼ ନେତୃତ୍ୱ ଏବଂ ନିଷ୍ପତ୍ତି ଅଖଣ୍ଡ ଭାରତ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ଗୁଜରାଟର ଗୋଟିଏ ସାଧାରଣ ପରିବାରରୁ ଆସିଥିବା ସର୍ଦ୍ଦାର ପଟେଲ ସ୍ୱାଧୀନ ଭାରତର ଜଣେ ମହାନ ଜନନେତା ହୋଇପାରିଥିଲେ। ତାଙ୍କର ଦୃଢ଼ ନେତୃତ୍ୱ ବଳରେ ଭାରତ ସହିତ ୫୬୫ଟି ସ୍ୱାଧୀନ ଗଡ଼ଜାତ ରାଜ୍ୟ ମିଶିଥିଲେ ।ସ୍ୱାଧୀନତା ସମୟରେ ବିନା ରକ୍ତପାତରେ ଭାରତର ପ୍ରାୟ ସମସ୍ତ ରାଜ୍ୟଗୁଡ଼ିକୁ ଏକାଠି କରିବା, ତାଙ୍କର ଦକ୍ଷତାର ପ୍ରମାଣ ଦିଏ । ତାଙ୍କର ଏହି ବଳିଷ୍ଠ ଅବଦାନ ନିମିତ୍ତ ତାଙ୍କୁ 'ଲୌହ ମାନବ' ର ଉପାଧି ମିଳିଥିଲା । ସ୍ୱାଧୀନତା ପରବର୍ତ୍ତୀ ସମୟରେ ସେ ଅଳ୍ପ ଦିନ ବଞ୍ଚିଥିଲେ । ସେହି ସୀମିତ ଅବଧି ମଧ୍ୟରେ ଦେଶୀୟ ରାଜ୍ୟ ଗୁଡିକର ସମ୍ମିଶ୍ରଣରେ ସର୍ଦ୍ଦାର ପଟେଲ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ଦେଶର ଏକତା କ୍ଷେତ୍ରରେ ପଟେଲଙ୍କ ଯୋଗଦାନକୁ ମନେରଖିବାପାଇଁ ଗୁଜୁରାଟର ନର୍ମଦା ନଦୀ ତଟରେ ତାଙ୍କର ୧୮୨ ମିଟର ଉଚ୍ଚତାର ଏକ ବିଶାଳ ପ୍ରତିମୂର୍ତ୍ତି 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ସ୍ଥାପନ କରାଯାଇଛି।

ଲୌହ ମାନବ ସର୍ଦ୍ଦାର ବଲଭଭାଇ ପଟେଲ ଥିଲେ ଜଣେ ବିଶ୍ୱାସୀ ସଚ୍ଚୋଟ ମଣିଷ । ଭାରତର କୃଷକ,ଶ୍ରମିକ, ଦରିଦ୍ର ଜନସାଧାରଣ ସମସ୍ତେ ତାଙ୍କ ଉପରେ ଅତୁଟ ବିଶ୍ୱାସ ରଖିଥିଲେ । ସମଗ୍ର ମାନବଜାତି ମଧ୍ୟରେ ଶାନ୍ତି,ଏକତା ଏବଂ ଅଖଣ୍ଡତାର ସର୍ବଶ୍ରେଷ୍ଠ ପ୍ରଚାରକ ଥିଲେ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ । ଯେଉଁ ସମୟରେ ଅନେକ ଦେଶୀୟ ରାଜ୍ୟ ବିଭାଜିତ ହୋଇଥିଲା, ସେହି ସମୟରେ ସ୍ୱର୍ଗତ ପଟେଲ ଅଖଣ୍ଡ ଭାରତର ପରିକଳ୍ପନା କରିଥିଲେ। ଇତିହାସରେ 'ଭାରତର ଏକତାକାରୀ' ଭାବେ ପରିଚିତ ଥିଲେ ସର୍ଦ୍ଦାର ପଟେଲ । ଏହି ଦିବସ ଲୌହ ମାନବ ସର୍ଦ୍ଦାର ଭଲଭଭାଇ ପଟେଲ ଓ ଅନ୍ୟମାନଙ୍କ ଦ୍ୱାରା ଦେଶକୁ ଏକଜୁଟ କରିବା ପାଇଁ ହୋଇଥିବା ସଂଗ୍ରାମକୁ ମନେ ପକାଇ ଦେଇଥାଏ। ଏହା ଏକତାକୁ ସୁଦୃଢ଼ କରିବା ସହ 'ବିବିଧତା ମଧ୍ୟରେ ଏକତା'ର ଭାବନାକୁ ପ୍ରୋତ୍ସାହିତ କରେ ଏବଂ ଜାତୀୟ ଅଖଣ୍ଡତା ବଜାୟ ରଖିବାକୁ ଗୁରୁତ୍ୱାରୋପ କରିଥାଏ। ଭାରତ ପରି ବିବିଧତାପୂର୍ଣ୍ଣ ଦେଶରେ ଲୋକମାନଙ୍କ ମଧ୍ୟରେ ଏକତାକୁ ସବୁଠୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ।

ନିମାପଡା, ପୁରୀ,ମୋ-୯୭୭୮୧୭୭୫୦୧

# ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ଉପଲକ୍ଷେ ପଥୋତ୍ସବ

ପାରଳାଖେମୁଣ୍ଡି, ୩୦।୧୦ (ନିପ୍ର): ଜିଲ୍ଲାସ୍ତରୀୟ ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ଉପଲକ୍ଷେ ପାରଳାଖେମୁଣ୍ଡି ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ପଥଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଉତ୍ସବରେ ଜିଲ୍ଲାରେ ଭୋଟର ତାଲିକାର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ୨୦୨୫ ପାଇଁ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଆଜି ୱାକଥାନ୍ ଓ ପଥ ଉତ୍ସବ ଜିଲ୍ଲା ପ୍ରଶାସନ ତରଫରୁ ଅନୁଷ୍ଠିତ ହୋଇଯାଇଅଛି । ଏହି ଅବସରରେ ମହାରାଜଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଏକ ୱାକଥନ୍ ସଚେତନତା ରାଲୀ ଅନୁଷ୍ଠିତ ହୋଇଥିଲା। ଏହି ରାଲୀ କୁ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜଗନ୍ନାଥ ମନ୍ଦିର ଠାରେ ଅନୁଷ୍ଠିତ ହେଉଥିବା ପଥ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ରାଜେନ୍ଦ୍ର ମିଞ୍ଜଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଡ଼.ଗୁଣନିଧି ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ,ଆରକ୍ଷୀ ଅଧିକ୍ଷକ ଗଜପତି ଜତିନ୍ଦ୍ର କୁମାର ପଣ୍ଡା, ଉପଜିଲ୍ଲାପାଳ ଅନୁପ ପଣ୍ଡା,ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ, ନିର୍ବାହୀ ଅଧିକାରୀ ପୌରପରିଷଦ ଗୋରା ଚନ୍ଦ୍ର ପଟ୍ଟନାୟକ, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଦିଲ୍ଲୀପ କୁମାର ବେହେରା,ଡେପୁଟି କଲେକ୍ଟର ପ୍ରାଣକୃଷ୍ଣ ପ୍ରାଣିଗ୍ରହୀ, ସ୍ଥାନୀୟ ତହସିଲଦାର ନାରାୟଣ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ପଥ ଉତ୍ସବର ଉଦ୍ଦେଶ୍ୟ ହେଲା ଯେଉଁ ନାଗରିକଙ୍କ ବୟସ ୧୮ ବର୍ଷ ହେଉଥିବ ସେମାନେ ସ୍ଥାନୀୟ ବିଏଲଓ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ,ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କିମ୍ବା ଅନଲାଇନ୍ ମାଧ୍ୟମରେ ମଧ୍ୟ ଆବେଦନ କରିପାରିବେ ବୋଲି କହିଥିଲେ। ଏହା ସହିତ ସଚେତନତା ମାଧ୍ୟମରେ ନାଗରିକଙ୍କ ନିକଟରେ ଭୋଟର ତାଲିକା ସଂଶୋଧନ, ନୂତନ ପଞ୍ଜୀକରଣ, ମୃତ ବ୍ୟକ୍ତିଙ୍କ ନାମ ତାଲିକାରୁ ବାଦ୍ ଦେବା, ଏକାଧିକ ଥର ନାମ ପଞ୍ଜୀକରଣ ହୋଇଥିଲେ ଗୋଟିଏ ସ୍ଥାନରେ ନାମ ରଖି ଅନ୍ୟତ୍ର ବାଦ୍ ଦେବା ଆଦି କର୍ତ୍ତବ୍ୟ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ । ପରେ ପରେ ବିଭିନ୍ନ ଅନୁଷ୍ଠାନ କଳାକାର ତଥା ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।




# ଭୂସ୍ଖଳନ ଅଞ୍ଚଳବାସୀ ଚିନ୍ତାରେ

କାଶୀନଗର,୩୦।୧୦ (ନିପ୍ର); ଅତୀତରେ ଗଜପତି ଜିଲ୍ଲା ଏକ ସୁନ୍ଦର ଘଞ୍ଚ ଜଙ୍ଗଲ ତଥା ପାହାଡିଆ ଅଞ୍ଚଳ ଓ ଏହାର ଏକ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ସ୍ଥାନ ବୋଲି ଏକ ପରିଚୟ ପାଇଥିଲା। କିନ୍ତୁ ବର୍ତ୍ତମାନ ଅବାଧ ଗଛ କଟା ଓ ପୋଡୁ ଚାଷ ପାଇଁ ଏହି ସୁନ୍ଦର ଜଙ୍ଗଲ ସବୁ କ୍ଷୟ ହୋଇ ଏହାର ଚିତ୍ର ବଦଳି ଯାଇଛି। ବର୍ତ୍ତମାନ ଗଜପତି ଜିଲ୍ଲାରେ ୧୨୯ଟି ସ୍ଥାନ ଭୂସ୍ଖଳନ ପ୍ରବଣ ଅଞ୍ଚଳ ଚିହ୍ନଟ ହେବା ପରେ ଗଜପତି ଅଞ୍ଚଳ ମଧ୍ୟରେ ବସବାସ କରି ରହୁଥିବା ଅଞ୍ଚଳ ବାସୀ ଚିନ୍ତାପ୍ରକଟ କରି ସରକାର ଶୀଘ୍ର ଏହାର ପ୍ରତିକାର ପାଇଁ ଉଚିତ ପଦକ୍ଷେପ ନେବା ପାଇଁ ଦାବି କରିଛନ୍ତି। ସରକାରଙ୍କ ତରଫରୁ ନୂତନ ଜଙ୍ଗଲ ସୃଷ୍ଟି କରିବା ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି । କିନ୍ତୁ ସେ ସବୁ କାଗଜ କଲମରେ ସୀମିତ ହୋଇ ରହିଯାଉଛି ବୋଲି ବୁଦ୍ଧିଜୀବୀ ମାନେ ମତ ବ୍ୟକ୍ତ କରି ଚିନ୍ତାପ୍ରକଟ କରିଛନ୍ତି। ବର୍ତ୍ତମାନ ଭୂସ୍ଖଳନ ଅଞ୍ଚଳବାସୀଙ୍କ ସୁରକ୍ଷା ସରକାର ସ୍ତରରେ ଏକ ସ୍ୱତନ୍ତ୍ର ପଦକ୍ଷେପ ନେବା ଜରୁରୀ ହୋଇ ପଡିଛି ନ ହେଲେ ଆଗାମୀ ଦିନରେ ଏକ ବଡ଼ ପ୍ରାକୃତିକ ବିପଦର ଆଶଙ୍କାକୁ ସମ୍ମୁଖୀନ ହେବାକୁ ପଡିବ। ତେଣୁ ସରକାର ଓ ପ୍ରଶାସନ ଯଥାଶୀଘ୍ର ଏହି ପ୍ରାକୃତିକ ବିପର୍ଯ୍ୟୟ ଆସିବା ଆଶଙ୍କା ଉପରେ ଗୁରୁତ୍ୱ ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ ବ୍ୟାପକ ଜନସଚେତନା ସୃଷ୍ଟି କରିବାକୁ ସାଧାରଣରେ ମତ ପ୍ରକାଶ ପାଇଛି।

# ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ

ହିଞ୍ଜିଳିକାଟୁ,୩୦।୧୦ (ନିପ୍ର); ଗତ ୧୯୯୯ ମସିହାରେ ଓଡ଼ିଶାରେ ଅନୁଭୂତ ହୋଇଥିଲା ପ୍ରଳୟଙ୍କାରୀ ମହାବାତ୍ୟା। ଏହାର ଭୟଙ୍କର ପ୍ରଭାବରେ ରାଜ୍ୟର ମାନବ ସମ୍ବଳ, ଆର୍ଥିକ ସ୍ଥିତି ଦୋହଲି ଯାଇ ଏକ ବଡ ବିପର୍ଯ୍ୟୟ ଆଡକୁ ଟାଣି ନେଇଥିଲା। ସେହି ସମୟର ବାତ୍ୟାର ବିଭୀଷିକା ଓ କରୁଣ ଦୃଶ୍ୟର ଛବି ମାନସ ପଟରେ ରୋମନ୍ଥନ ହେଲେ ଏବେ ବି ଏକ ଅଜଣା ଭୟର ଶିହରଣ ସୃଷ୍ଟି କରିଥାଏ। ସେହି ସମୟରୁ ଆଜି ପର୍ଯ୍ୟନ୍ତ ଓଡ଼ିଶା ବିଭିନ୍ନ ସମୟରେ ବନ୍ୟା , ବାତ୍ୟା ଭଳି ବହୁ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ମହାବାତ୍ୟା ଅନୁଭୂତ ହେବାର ୨୫ ବର୍ଷ ଅତିବାହିତ ହୋଇଯାଇଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ବିପର୍ଯ୍ୟୟ ପରିଚାଳନା ସକାଶେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ହିଞ୍ଜିଳିକାଟୁ ପଞ୍ଚାୟତ ସମିତି ପକ୍ଷରୁ ମଙ୍ଗଳବାର ରାଳବ ପଞ୍ଚାୟତ ସଭା କକ୍ଷରେ ଏକ ବ୍ଲକସ୍ତରୀୟ ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ଅବସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଅରୁଣ କୁମାର ପ୍ରଧାନଙ୍କ ସଂଯୋଜନରେ ଆୟୋଜିତ ବୈଠକରେ ସରପଞ୍ଚ ରଶ୍ମିତା ପ୍ରଧାନ, ନାଏବ ସରପଞ୍ଚ ଶଙ୍କର ପୋଲେଇ, ମକରଝୋଳ ସରପଞ୍ଚ ଗଣପତି ସାହୁ ପ୍ରମୁଖ ମଞ୍ଚସୀନ ଥିଲେ।

# ବାତ୍ୟା ଆଶ୍ରୟସ୍ଥଳୀ ଗୁଡିକର ରକ୍ଷଣାବେକ୍ଷଣ ଖର୍ଚ୍ଚ ପ୍ରଦାନ ଦାବି

ଶେରଗଡ,୩୦।୧୦ (ନିପ୍ର):ଶେରଗଡରେ ୪ ଟି ଜାଗାରେ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ହୋଇଛି। ସେଗୁଡିକ ହେଲା ପିତ୍ତଳ, ତହଁର,ବ୍ରାହ୍ମଣଛାଇ, ଲକ୍ଷ୍ମୀପୁର। ଉକ୍ତ ଆଶ୍ରୟସ୍ଥଳୀ ଗୁଡିକ ପ୍ରତିବର୍ଷ ବର୍ଷା ସମୟରେ ସତର୍କ ରହିବା ସହ ପ୍ରତିବର୍ଷ ବାତ୍ଯା ଆଶ୍ରୟସ୍ଥଳୀ ଗୁଡିକର ଦାୟିତ୍ୱ ନିର୍ବାହ କରି ଆସୁଛନ୍ତି। ପ୍ରତିବର୍ଷ ସେପଟମ୍ବର, ଅକ୍ଟୋବର, ନଭେମ୍ବର ମାସରେ ଉକ୍ତ ଆଶ୍ରୟସ୍ଥଳୀ ଗୁଡିକ ମକଡ୍ରିଲ କରିବା ସହ ଆଶ୍ରୟସ୍ଥଳୀ ଗୁଡିକରେ ଥିବା ଆସବାବ ପତ୍ର ଗୁଡିକ ତଦାରଖ ସହ ରକ୍ଷାଣ ବେକ୍ଷଣ କରି ଆସୁଛନ୍ତି। ଏଗୁଡିକ ରକ୍ଷା ବେକ୍ଷଣ ପରିଚାଳନା କରିବାକୁ ଅର୍ଥ ର ନିହାତି ଦରକାର ଥିବା ବେଳେ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ପ୍ରତିବର୍ଷ ପରିଚାଳନା ଅର୍ଥ ପ୍ରଦାନ କରିବା କଥା। ପରନ୍ତୁ ବହୁବାର ବାର୍ଷିକ ରକ୍ଷଣାବେକ୍ଷଣ ପରିଚାଳନା ଅର୍ଥ ପ୍ରଦାନ ଦାବି କଲେ ମଧ ପ୍ରଦାନ କରୁନାହାନ୍ତି। ଏଣୁ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବା ସହ ବାର୍ଷିକ ରକ୍ଷଣାବେକ୍ଷଣ ଖର୍ଚ୍ଚ ତୁରନ୍ତ ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି।

# ଓସିଏସ ପାଇଥିବା ଗାୟତ୍ରୀଙ୍କୁ ସମ୍ବର୍ଦ୍ଧନା

ରମ୍ଭା,୩୦।୧୦ (ନିପ୍ର): ରମ୍ଭା ସ୍ଥାନୀୟ ଥାନା ଇଲାକା ପାଲିବନ୍ଧ ପଞ୍ଚାୟତ ପୋଡ଼ମ୍ପେଟା ଗ୍ରାମର ମତ୍ସ୍ୟଜୀବୀପରିବାରର ଚଳିତ ପ୍ରଶାସନିକ ସେବାରେ ଓଏସ ପାଇଥିବା ଗାୟତ୍ରୀଙ୍କୁ ଲବଣ ଶ୍ରମିକ ଉଚ୍ଚ ବିଦ୍ୟାଳୟ, ପଞ୍ଚାୟତବାସୀ, ଏବଂ ଲୋକଚେତନା ସଂସ୍କୃତିକ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ଅବସରରେ ଏକ ସମ୍ବର୍ଦ୍ଧନା ସଭା ବାତ୍ୟାଆଶ୍ରୟ ସ୍ଥଳୀ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ମହାନ୍ତି ସଭାପତିତ୍ୱ କରିଥିବା ବେଳେ କାର୍ଯ୍ୟକ୍ରମ କୁ ପୂର୍ବତନ ସରପଞ୍ଚ ଦିଲ୍ଲୀପ ଛୋଟରାୟ ସଂଯୋଜନା କରିଥିଲେ । ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ବିଜୟ କୁମାର ବିଶ୍ୱାଳ ,ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ ବେହେରା ,ମହିଳା ସଭାନେତ୍ରୀ ରଞ୍ଜିତା ସାହୁ,ଗଂଜାମ ପ୍ରେସ୍ କ୍ଲବ୍ ସଭାପତି ଶବର କୁମାର ତରାଇ , ରାମଚନ୍ଦ୍ର ଗୌଡ଼,ରାମଚନ୍ଦ୍ର ନାୟକ, ଅବସର ପ୍ରାପ୍ତ କଲେଜ ଅଧକ୍ଷ ଦଣ୍ଡପାଣି ମହାପାତ୍ର, ମହେଶ୍ୱର ବରଡ଼ା, ପୂର୍ଣ୍ଣଚନ୍ଦ୍ର ପଣ୍ଡା,ଶିବ ପ୍ରସାଦ ସ୍ୱାଇଁ, ସିଆରସିସି ସନ୍ତୋଷ ତ୍ରିପାଠୀ,ଶିକ୍ଷକ ଶେଷ ଦେବ ପ୍ରଧାନ,ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ପାତ୍ରଙ୍କ ସମେତ ପ୍ରମୁଖ ଶିକ୍ଷକ ମଞ୍ଚାସିନ ଥିଲେ । ନୂତନ ଭାବେ ଓଡିଶା ପ୍ରଶାସନିକ ସେବା ପାଇଥିବା ଗାୟତ୍ରୀ ଉକ୍ତ ଲବଣ ଶ୍ରମିକ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରୀ ଥିଲେ ।



ଏଣୁ ଏହି ସ୍କୁଲରେ ପାଠ ପଢି ଓଏସ ପାଇଥିବା ଗାୟତ୍ରୀଙ୍କ ଅନୁସରଣ କରିବା ପାଇଁ ଅନ୍ୟ ଛାତ୍ର ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ ।

# ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ

ପାରଳାଖେମୁଣ୍ଡି ,୩୦।୧୦ (ନିପ୍ର): ଜିଲ୍ଲା ଶ୍ରମ ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଓଡ଼ିଶା କୋଠାବାଡ଼ି ଓ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ରାଶି ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରମିକ ମାନଙ୍କୁ ସହାୟତା ବଣ୍ଟନ କରିଥିଲେ । ଏହି ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନରେ ଜିଲ୍ଲାରେ ମୋଟ ୭୮ ଜଣଙ୍କୁ ବିବାହ ,ପ୍ରସୂତି, ମୃତ୍ୟୁ ଓ ଅନ୍ତିମ ସଂସ୍କାର ଭଳି ବିଭିନ୍ନ ସୁବିଧା ବଣ୍ଟନ କରାଯାଇଛି। ସେଥି ମଧ୍ୟରେ ମୋଡ ମାଧ୍ୟମରେ ହିତାଧୀକାରୀ ମାନଙ୍କ ଆକାଉଣ୍ଟକୁ ୫୧,୪୫,୦୦୦/- ଟଙ୍କା ସିଧାସଳଖ ପଠାଯାଇଛି। ଯାହା ମୃତ୍ୟୁକାଳୀନ ସହାୟତା ବାବଦକୁ ୩୬ ଲକ୍ଷ ଟଙ୍କା ୧୮ ଜଣଙ୍କୁ ଦିଆଯାଛି ଓ ଅନ୍ତ୍ୟେଷ୍ଟି କ୍ରିୟା ସହାୟତା ବାବଦକୁ ୧୮ ଜଣଙ୍କୁ ୯୦ ହଜାର ଟଙ୍କା ପ୍ରଦାନ କରାଯାଇଛି । ବିବାହ କାଳୀନ ସହାୟତା ବାବଦକୁ ୨୭ ଜଣଙ୍କୁ ୧୩ ଲକ୍ଷ ୫୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି ଏବଂ ପ୍ରସୂତି ସହାୟତା ବାବଦକୁ ୧୫ ଜଣଙ୍କୁ ୧ ଲକ୍ଷ ୫ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଶ୍ରମ ଅଧିକାରୀ ଭାରତୀ ବେହେରା, ସଂଯୋଜକ ସୁକାନ୍ତ କୁମାର ପଣ୍ଡା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସମେତ ଅନ୍ୟ ଶ୍ରମ ବିଭାଗୀୟ କର୍ମଚାରୀ ଓ ନିର୍ମାଣ ଶ୍ରମିକ ପ୍ରମୁଖ ଉପସ୍ଥିତ ଥିଲେ ।

# ବିପର୍ଯ୍ୟୟ ହ୍ରାସ ଦିବସ ପାଇଁ ପାଳିତ

ନବରଙ୍ଗପୁର,୩୦।୧୦(ନି.ପ୍ର): ଜିଲ୍ଲା ସଦର ମହକୁମା ଠାରେ ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଓ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ଗଣଦୌଡ ସଦାଶିବ ପାର୍କ ଠାରୁ ଆରମ୍ଭ ହୋଇ ପୁରୁଣା ମଣ୍ଡେଇ ପଡିଆ ଏବଂ ପୁରୁଣା ମଣ୍ଡେଇ ପଡିଆଠାରୁ ମିଶନ ଶକ୍ତି ସଭା ଗୃହ ପର୍ଯ୍ୟନ୍ତ ଆୟୋଜନ କରାଯାଇଥିଲା । ଏହାକୁ ଆନୁଷ୍ଠାନିକ ଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଜିଲ୍ଲାପାଳ ଡଃ. ଶୁଭଙ୍କର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ନାୟକ,ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ନବୀନ ଚନ୍ଦ୍ର ନାୟକ,ଜିଲ୍ଲା ମୁଖ୍ୟ ଉନ୍ନୟନ ଏବଂ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ବିରଞ୍ଚି ନାରାୟଣ ଦରଓ୍ୱାନ,ଉପ ଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର,ପୌରପରିଷଦ ଅଧ୍ୟକ୍ଷ କୁନୁ ନାୟକଙ୍କ ଉପସ୍ଥିତିରେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଶୋଭାଯାତ୍ରା ସ୍ଥାନୀୟ ମିଶନ ଶକ୍ତି ସଭାଗୃହରେ ପହଂଚିବା ପରେ ଜିଲ୍ଲାପାଳ ଶ୍ରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ବୈଠଖ ଆୟୋଜନ କରି ବିପର୍ଯ୍ୟୟ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଉପସ୍ଥିତ ଥିବା ସମସ୍ତ ମଞ୍ଚାସୀନ ଅତିଥି ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରି ମହାବାତ୍ୟାରେ ପ୍ରାଣ ହରାଇଥିବା ସମସ୍ତଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ପୂର୍ବକ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ସ୍ୱାଗତ ଭାଷଣ ଦେଇଥିଲେ । ବିଧାୟକ ଶ୍ରୀ ମାଝୀ ୧୯୯୯ ମସିହା ଅକ୍ଟୋବର ୨୯ତାରିଖ ଦିନ ରାଜ୍ୟରେ ଘଟିଥିବା ମହାବାତ୍ୟାକୁ ମନେ ପକାଇବା ସହ ସମ୍ଭାବ୍ୟ ବନ୍ୟା ବାତ୍ୟା ଓ ମରୁଡି ଭଳି ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ସଜାଗ ରହି ରାଜ୍ୟ ସରକାର ସବୁବେଳେ ଚେଷ୍ଟିତ ଏବଂ ଦାନା ଭଳି ଭୟଙ୍କର ବାତ୍ୟାର ସଫଳ ମୁକାବିଲା ଦିଗରେ ସଫଳତା ହାସଲ କରିଛନ୍ତି ବୋଲି କହିଥିଲେ । ଜିଲ୍ଲାପାଳ ଡା. ମହାପାତ୍ର ନିଜ ବକ୍ତବ୍ୟରେ ଜିଲ୍ଲା ବିପର୍ଯ୍ୟୟ ସମୟରେ ନିଜକୁ ରକ୍ଷା କରିବା ସହ ଅନ୍ୟକୁ ରକ୍ଷା କରିବାର ଆବଶ୍ୟକତା ସହ ଉପସ୍ଥିତ ଛାତ୍ର ଛାତ୍ରୀଙ୍କୁ ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟ ସମୟରେ କିଭଳି ନିଜକୁ ରକ୍ଷା କରିବେ ।ପ୍ରାଥମିକ ଚିକିତ୍ସା,ବଜ୍ରପାତ,ସାପ କାମୁଡା,ଭୂମିକମ୍ପ,ବନ୍ୟା ରେ ପ୍ରଥମ ପଦକ୍ଷେପ କଣ ରହିବା ତା ସମ୍ପର୍କରେ ବୁଝାଇଥିଲେ । ମହାବାତ୍ୟା ପରେ ଓଡିଶା ରାଜ୍ୟ ସରକାରଙ୍କ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ବିଶେଷ କରି ଧନ ଜୀବନ ସୁରକ୍ଷା ରେ ଅଭୁତ ପୂର୍ବ ସଫଳତା ପାଇଁ ଜାତୀୟ ସ୍ତରରେ ପ୍ରଶଂସିତ ହୋଇଥିବା ସମ୍ପର୍କରେ ଆଲୋଚନା ହୋଇଥିଲା । ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧରେ କେବଳ ପ୍ରଶାସନ ନୁହେଁ ସମସ୍ତ ଜନ ପ୍ରତିନିଧି ସ୍ୱେଚ୍ଛାସେବୀ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କର ପ୍ରମୁଖ ଭୂମିକା ରହିଥିବା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମ ରେ ଅନ୍ୟମାନଙ୍କ ଢ଼ଧ୍ୟରେ ସ୍ୱଚ୍ଛ ସାଥି,ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ, ଅଙ୍ଗନବାଡି, ଏନସିସି, ଜୁନିୟର ରେଡକ୍ରସ,ଏନଏସଏସ ସଙ୍ଗଠନ ଙ୍କ ସହିତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ରାଧେ ଶ୍ୟାମ ଲାଇକ, ଜିଲ୍ଲା ଲୋକସମ୍ପର୍କ ଓ ସୂଚନା ଅଧିକାରୀ ମନୋଜ କୁମାର ବେହେରା,ନିର୍ବାହୀ ଅଧିକାରୀ ପୌରପାଳିକା ନବରଙ୍ଗପୁର ସମରେଶ ମହାନ୍ତି,ଓଡିଶା ରାଜସ୍ୱ ଅମଲା ସଂଘର ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର ,ନବରଙ୍ଗପୁର ମହାବିଦ୍ୟାଳୟର ଏବଂ ମହିଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ବିପର୍ଯ୍ୟୟ ପ୍ରଶମନ ସମ୍ବନ୍ଧରେ ପୂର୍ବରୁ ହୋଇଥିବା ବକ୍ତୃତା ପ୍ରତିଯୋଗୀତାରେ କୃତକାର୍ଯ୍ୟ ହୋଇଥିକା ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# ବାସଗୃହ ଛାତରେ ବଗିଚା ସୃଷ୍ଟି କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ପ୍ରାଣକୃଷ୍ଣ

ଖଣ୍ଡପଡା,୩୦।୧୦ (ନିପ୍ର): ଖଣ୍ଡପଡା ସହର ୨ ନଂ ୱାର୍ଡ ବାସିନ୍ଦା ପ୍ରାଣକୃଷ୍ଣ ଦାସ(୭୫) ତାଙ୍କ ବାସଗୃହ ଛାତ ଉପରେ ଏକ ଫୁଲ ଫଳ ବଗିଚା ସୃଷ୍ଟି କରି ଏବେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି । ଦୁଇ ବଖରା ଘର ଛାତ ଉପରେ କୁଣ୍ଡରେ ବିଭିନ୍ନ ପ୍ରକାର ଫୁଲ ଫଳ ଓ ଔଷଧୀୟ ଗଛ ସେ ଲଗାଇଛନ୍ତି। ଜୈବିକ ସାର ପ୍ରୟୋଗ କରି ଛୋଟ ଛୋଟ ଗଛରେ ବାଇଗଣ, ଶିମ୍ବ, ଲେମ୍ବୁ, କାକୁଡି, ଭେଣ୍ଡି, ଜହ୍ନି ମଟର ଆଦି ଫଳ ଫଳା ଇବାରେ ମଧ ପ୍ରାଣକୃଷ୍ଣ ସକ୍ଷମ ହୋଇଛନ୍ତି। ସେହିପରି ବିଭିନ୍ନ କିସମର ଫୁଲ ଓ ଜୀବନ ରକ୍ଷାକାରୀ ଔଷଧୀୟ ବୃକ୍ଷ ମଧ୍ୟ ଛାତ ଉପରେ ଲଗାଯାଇଥିବା ଜଣାଯାଇଛି। ପରିଣତ ବୟସରେ ଶ୍ରୀ ଦାସ ଛାତ ଉପରେ ଏକ ସୁନ୍ଦର ବଗିଚା ସୃଷ୍ଟି କରି ପାରିଥିବା ବେଳେ ଏଥି ନିମନ୍ତେ ଦୈନିକ ସେ ୩ରୁ ୪ଘଣ୍ଟା ଅକ୍ଳାନ୍ତ ପରିଶ୍ରମ କରନ୍ତି ବୋଲି ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତ । ସାହି ପଡ଼ିଶା ଓ ଆଖପାଖ ଅଂଚଳର ଜନସାଧାରଣ ଫୁଲ ଫଳ ବଗିଚାକୁ ଦେଖିବା ନିମନ୍ତେ ଶ୍ରୀ ଦାସଙ୍କ ବାସଗୃହରେ ଏବେ ଭିଡ ଜମାଇଥିବା ଜଣାପଡିଛି। ଶ୍ରୀ ଦାସ ପେସାରେ ଜଣେ ରାଜମିସ୍ତ୍ରୀ ହୋଇଥିଲେ ହେଁ ଗଛ ଲଗାଇବାର ନିଶା ଦୀର୍ଘ ବର୍ଷ ହେଲା ତାଙ୍କୁ ଘାରିଛି। ବାସଗୃହ ଛାତ ଉପରେ ଏବେ ସେ ୧ ହଜାରରୁ ଉର୍ଦ୍ଧ୍ୱ ଛୋଟ ବଡ଼ ଗଛ ଲଗାଇଥିବା ଜଣାପଡିଛି । ଶ୍ରୀ ଦାସଙ୍କ ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି ।



# ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ

ପାରଳାଖେମୁଣ୍ଡି,୩୦।୧୦ (ନିପ୍ର): ଜିଲ୍ଲାସ୍ତରୀୟ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ଗଜପତି ଜିଲ୍ଲା ସଦର ମହକୁମାଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ମିନି ମାରାଥନ୍ ରାଲୀ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ ଆନୁଷ୍ଠାନିକ ଭାବେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ମିନି ମାରାଥନ୍ ରାଲୀ ସହରର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗଦେଇ ହାତରେ ପ୍ଲାସ କାର୍ଡ ଧରି ସ୍ଲୋଗାନ ଦେଇ ଗଜପତି ଷ୍ଟାଡିୟମ୍ ପର୍ଯ୍ୟନ୍ତ ଯାଇଥିଲେ । ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜଙ୍କ ଅଧକ୍ଷତାରେ ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି ଡ଼.ଗୁଣନିଧି ନାୟକ, ବିବେକ କୁମାର ପାଣ୍ଡେ, କମାଣ୍ଡର ଏନଡିଆରଏଫ୍ ମୁଣ୍ଡଳି, ଉପଜିଲ୍ଲାପାଳ ଅନୁପ ପଣ୍ଡା, ଉପଖଣ୍ଡ ପୋଲିସ ଅଧିକାରୀ ମାଧବ ନନ୍ଦ ନାୟକ ଓ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଜଗନ୍ନାଥ ପାଢୀ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଥିଲେ। ସେହିପରି ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ଠାରେ ଏନଡିଆରଏଫ୍ ବିଭାଗ ତରଫରୁ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରଶମନର ଜନସାଧରଣଙ୍କୁ ବିପର୍ଯ୍ୟୟ ସମୟରେ କିପର ରକ୍ଷା କରାଯାଇ ପାରିବ ତାହାର ଏକ ମୋକ ଡ୍ରିଲ ଏନଡିଆରଏଫ୍ କମାଣ୍ଡର ବିବେକ କୁମାର ପାଣ୍ଡେଙ୍କ ତ୍ୱତବଧାନରେ ମୋକ ଡ୍ରିଲ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଓ ସତର୍କତା ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ଓ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ସମସ୍ତ ଅତିଥି ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ସତର୍କତା ଅବଲମ୍ବନ କରାଯାଇପାରିବ ସେ ସମ୍ପର୍କରେ ସଚେତନତାର ବାର୍ତ୍ତା ଦେଇଥିଲେ ।

# ପାରାଦୀପ ବନ୍ଦର ପକ୍ଷରୁ ଜାତୀୟ ଏକତା ଦିବସ

ପାରାଦୀପ,୩୦।୧୦ (ନିପ୍ର): ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୪୮ତମ ଜନ୍ମ ଦିବସ ଅବସରରେ ସାରା ଦେଶରେ ଜାତୀୟ ଏକତା ଦିବସ ପାଳନ କରାଯାଉଅଛି । ଅକ୍ଟୋବର ମାସ ୩୧ ତାରିଖରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜନ୍ମ ଗ୍ରହଣ କରିଥିଲେ । ଚଳିତ ବର୍ଷ ଦୀପାବଳି ପର୍ବ ପାଳନ ହେଉଥିବାରୁ ଅକ୍ଟୋବର ମାସ ୨୯ ତାରିଖରେ ଏକତା ପାଇଁ ଗଣ ଦୌଡ ଆୟୋଜନ କରିବାକୁ ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ । ସେଥିପାଇଁ ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ମଙ୍ଗଳବାର ଦିନ ଏକତା ପାଇଁ ଗଣ ଦୌଡ ଆୟୋଜିତ ହୋଇଥିଲା ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କ ପରଲୋକ

ଖଣ୍ଡପଡା,୩୦।୧୦ (ନିପ୍ର): ଖଣ୍ଡପଡ଼ା ବ୍ଲକ୍‌ର ବନମାଳୀପୁର ପଞ୍ଚାୟତ ଅଧୀନ ରାମଚନ୍ଦ୍ରପୁର ପ୍ରାଥମିକ(କ) ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନଶିକ୍ଷୟତ୍ରୀ ଜ୍ୟୋତ୍ସ୍ନା ମଞ୍ଜରୀ ମହାପାତ୍ର (୫୭)ଙ୍କର ସୋମବାର ରାତିରେ ପରଲୋକ ହୋଇଯାଇଛି। ଦୀର୍ଘବର୍ଷ ଧରି ସେ କର୍କଟ ରୋଗରେ ପୀଡ଼ିତ ଥିଲେ। ତାଙ୍କ ବିୟୋଗରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଶୋକ ପ୍ରକାଶ କରିଥିବା ବେଳେ ଖଣ୍ଡପଡ଼ା ବ୍ଲକ୍‌ର ଶିକ୍ଷକ ମହଲରେ ଶୋକ ପ୍ରକାଶ ପାଇଛି। ସ୍ୱର୍ଗତା ମହାପାତ୍ର ବନମାଳୀପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ପ୍ରମୋଦ କୁମାର ସାହୁଙ୍କ ପତ୍ନୀ ଅଟନ୍ତି। ସ୍ଥାନୀୟ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ଦକ୍ଷତାର ସହ ବିପର୍ଯ୍ୟୟ ପରିଚାଳନା

ଖଣ୍ଡପଡା,୩୦।୧୦ (ନିପ୍ର) ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳନ ଅବସରରେ ଖଣ୍ଡପଡ଼ା ବ୍ଲକ୍‌ରେ କାର୍ଯ୍ୟରତ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅନିତ୍ କୁମାର ବଡ଼ସେଟ୍‌ଙ୍କୁ ଦକ୍ଷତାର ସହ ବାତ୍ୟା 'ଦାନା' ପରିଚାଳନା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିବା ଜଣାପଡ଼ିଛି। ପ୍ରକାଶଥାଉକି ଖଣ୍ଡପଡ଼ା ବ୍ଲକ୍ ପ୍ରଶାସନର ନିର୍ଦ୍ଦେଶକ୍ରମେ ଚଳିତ ବର୍ଷ ବାତ୍ୟା ସମୟରେ ସମ୍ପୃକ୍ତ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ବିଭିନ୍ନ ପଂଚାୟତକୁ ଗସ୍ତକରି ଜନସାଧାରଣଙ୍କୁ ଭେଟିବାସହ ୭ଟି ବାତ୍ୟା ଆଶ୍ରୟସ୍ଥଳର ସୁ-ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ଜଣାପଡ଼ିଛି। କାର୍ଯ୍ୟକ୍ରମରେ ଜିଲ୍ଲାପ୍ରଶାସନର ସମସ୍ତ ବରିଷ୍ଠ ଅଧିକାରୀଙ୍କ ସହ ଜିଲ୍ଲାପରିଷଦ ଅଧକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ – ୨୦୨୫ ପଥ ଉତ୍ସବ

ଭବାନୀପାଟଣା,୩୦।୧୦ (ନିପ୍ର): ଭାରତ ନିର୍ବାଚନ ଆୟୋଗ ଓ ମୁଖ୍ୟ ନିର୍ବାଚନ ଅଧିକାରୀ ଓଡ଼ିଶାଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ସଂକ୍ଷିପ୍ତ କାର୍ଯ୍ୟକ୍ରମ ୨୦୨୫ ଅବସରରେ କଳାହାଣ୍ଡି ଜିଲ୍ଲାସ୍ତରୀୟ ପଥ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ପତାକା ଦେଖାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏହି ପଥ ଉତ୍ସବର ଶୁଭାରମ୍ଭ କରିଥିଲେ । ପଥ ଉତ୍ସବ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ଜିଲ୍ଲା କାରାଗାର ଛକ, ନୂଆ ବସଷ୍ଟାଣ୍ଡ, ଘୋଡାଘାଟ ଛକ, ପୁରୁଣା ବସଷ୍ଟାଣ୍ଡ ଦେଇ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ( ସାଧାରଣ ) ତନ୍ମୟ କୁମାର ଦରଓ୍ୱାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଦୟାମୟ ପାଢି, ଭାରତୀୟ ପ୍ରଶାସନିକ ସେବା (ପ୍ରୋବେସନ) ଅଧିକାରୀ କସ୍ତୁରୀ ପଣ୍ଡା, ଉପ ଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, ଅତିରିକ୍ତ ଅରକ୍ଷୀ ଅଧିକ୍ଷକ ଆନନ୍ଦ ବର୍ଦ୍ଧନ ଗୁରୁ, ପିଡିଡୁଡ଼ା ମୁନୀନ୍ଦ୍ର ହୋନନାଗା, ଡି. ଡି., ଡି ପି ଏମ ୟୁ, ଶ୍ରୀକାନ୍ତ ଦଳେଇ, ଡି ଏସ ଆର ଦୀପ୍ତିମୟୀ ପ୍ରଧାନ, ଡେପୁଟି ଜିଲ୍ଲାପାଳ ଚନ୍ଦ୍ରଦାସ ମହାନନ୍ଦିଆ, ପୌରପାଳିକା ନିର୍ବାହୀ ଅଧିକାରୀ ସତ୍ୟସମ୍ପର୍ଣ୍ଣା ରାଉତ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚନ୍ଦନ ଭୋଇଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ , ବିଦ୍ୟାଳୟ, ମହାବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଅଧାପକ, ଛାତ୍ରଛାତ୍ରୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରେ ଭାରତ ନିର୍ବାଚନ ଆୟୋଗ ଓ ମୁଖ୍ୟ ନିର୍ବାଚନ ଅଧିକାରୀ ଓଡ଼ିଶାଙ୍କ ନିର୍ଦ୍ଦେଶକ୍ରମେ ଭୋଟର ତାଲିକା ସଂକ୍ଷିପ୍ତ ସଂଶୋଧନର ଡ୍ରାଫ୍ଟ ରୋଲ ପ୍ରକାଶିତ କରାଗଲା, ଏହି ଡ୍ରାଫ୍ଟ ରୋଲ କଳାହାଣ୍ଡି ଜିଲ୍ଲାର ପାଞ୍ଚ ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀର ୧୪୧୩ ଟି ବୁଥ ( ପୋଲିଂ ଷ୍ଟେସନ୍ ) ରେ ପ୍ରକାଶିତ କରାଯାଇଛି । ସମସ୍ତ ବୁଥ ପାଇଁ ଜଣେ ଜଣେ ବୁଥ ଲେଭେଲ ଅଧିକାରୀ ନିଯୁକ୍ତି କରାଯାଇଅଛି । ଯେଉଁ ମାନେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟରେ ନିଯୋଜିତ ହୋଇଛନ୍ତି। ନୂତନ ଭାବରେ ଭୋଟ ଦାତା ହେବାକୁ ଥିବା ଯୋଗ୍ୟ ବ୍ୟକ୍ତି ଫର୍ମ ନମ୍ବର ୬ ରେ ଆବେଦନ କରିପାରିବେ, ବାଦ ପାଇଁ ଫର୍ମ ନମ୍ବର ୭ ଏବଂ ସଂଶୋଧନ ପାଇଁ ଫର୍ମ ନମ୍ବର ୮ ରେ ଆବେଦନ କରିପାରିବେ । ଆବେଦନ ପାଇଁ ନିର୍ବାଚନ ଆୟୋଗ ୪ ଟି ସ୍ୱତନ୍ତ୍ର ପ୍ରଚାର ଦିବସ ନିର୍ଦ୍ଧାରଣ କରିଛନ୍ତି : ଯଥା ନଭେମ୍ବର ଏକ ତାରିଖ, ଦସ ତାରିଖ, ଷୋହଳ ତାରିଖ ଓ ଚବିଶ ତାରିଖ ଏହି ଦିନ ମାନଙ୍କରେ ବୁଥ ଲେଭେଲ ଅଧିକାରୀମାନେ ନିଜ ନିଜ ବୁଥରେ ରହିବେ ଓ ଯୋଗ୍ୟ ବିବେଚିତ ବ୍ୟକ୍ତିଙ୍କ ଠାରୁ ଫର୍ମ ସଂଗ୍ରହ କରିବେ । ଏହା ବ୍ୟତୀତ ଯୋଗ୍ୟ ବ୍ୟକ୍ତି ଭୋଟର ହେଲ୍ପଲାଇନ ଆପ ଏବଂ ଜନସେବା କେନ୍ଦ୍ରରେ ଅନଲାଇନ ମାଧ୍ୟମରେ ମଧ ଆବେଦନ କରିପାରିବେ । ନିର୍ବାଚନ ଆୟୋଗ ଓ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ନିର୍ଦ୍ଦେଶକ୍ରମେ କଳାହାଣ୍ଡି ଜିଲ୍ଲାରେ ପଥ ଉତ୍ସବ ଓ ୱାକଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥି ପାଇଁ ଜିଲ୍ଲା ମହାକୁମା ଠାରେ ରଙ୍ଗୋଲୀ ପ୍ରତିଯୋଗିତା, ବାଲୁକା କଳା ପରିଦର୍ଶନ, ସଚେତନତା କେନ୍ଦ୍ର, ସେଲଫି ପଏଣ୍ଟ ଓ ସାସ୍କୃତିକ କାର୍ଯ୍ୟକ୍ରମ ଗୁଡିକ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ବକ୍ତୃତା, ଚିତ୍ରାଙ୍କନ ଓ ରଙ୍ଗୋଲୀ ପ୍ରତିଯୋଗିତା କରାଯାଇଥିଲା ଓ କୃତୀ ପ୍ରତିଯୋଗୀମାନଙ୍କୁ ଉତ୍ସବରେ ପୁରସ୍କୃତ କରାଯାଇଥିଲା । ଏହି କ୍ରମରେ ନିର୍ବାଚନ ଆୟୋଗ ସୋସିଆଲ ମିଡିଆ କନଟେଷ୍ଟ ଲଞ୍ଚ କରିଛନ୍ତି , ଯେଉଁଥିରେ ଅଠର ବର୍ଷ କିମ୍ବା ଅଠର ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ନିଜେ ରୀଲ ତିଆରି କରି ଡିଷ୍ଟ୍ରିକ୍ଟ ସୋସିଆଲ ମିଡିଆ ହେଣ୍ଡେଲ ଏବଂ ସିଇଓ ଓଡ଼ିଶା ରେ ଟ୍ୟାଗ କରିପାରିବେ । ଜିଲ୍ଲାର ସମସ୍ତ ଜନସାଧାରଣ ବିଶେଷ କରି ଯୁବ ଭୋଟର ସଚେତନ ହୋଇ ଭୋଟର ତାଲିକାରେ ପଞ୍ଜୀକରଣ କରି ଗଣତନ୍ତ୍ରର ଏହି ବୃହତ କାର୍ଯ୍ୟକ୍ରମରେ ସାମିଲ ହୋଇ ଏକ ସୁଦୃଢ ଓ ବିକଶିତ ରାଷ୍ଟ୍ର ଗଠନରେ ଭାଗୀଦାର ହେବା ପାଇଁ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଆହ୍ୱାନ ଦେଇଥିଲେ ।




# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

ରାୟଗଡା,୩୦।୧୦ (ନିପ୍ର); ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୪ ପାଳନ ଅବସରରେ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଶପଥ ପାଠ କରାଯାଇଥିଲା । ସ୍ଥାନୀୟ ଓସ୍ୱାନହଲଠାରେ ଆୱ୍ୱାସି ମାଧ୍ୟମରେ ସିଧା ପ୍ରସାରଣରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତ କର୍ମଚାରୀଙ୍କୁ ଦୁର୍ନୀତି ନିବାରଣ ଉପରେ ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତି' ଏହି ମୂଳମନ୍ତ୍ର ଜିଲ୍ଲାପାଳଙ୍କ ସମେତ ଜିଲ୍ଲାର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଆଭାସୀ ମାଧ୍ୟମରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଉପଲକ୍ଷେ ଶପଥ ପାଠ କରଖଇଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆରମ୍ଭ କରି ପ୍ରତ୍ୟେକ ବ୍ଲକର ଓସ୍ୱାନ ହଲ ସହିତ ସିଧାସଳଖ ଯୋଡିହୋଇ କର୍ମଚାରୀମାନେ ଶପଥ ପାଠ କରିଥିଲେ। ରାୟଗଡ ଜିଲ୍ଲାପାଳ ପାରୁଲ ପଟାୱ୍ୱରୀ ବିଷମ କଟକ ବ୍ଲକରେ ରେ ଯୁଗ୍ମ ଅଭିଯୋଗ ଶିବିର ଥିବାରୁ ଆରକ୍ଷୀ ଅଧୀକ୍ଷକ ରାୟଗଡ ସ୍ୱାତୀ ଏସ. କୁମାର, ଅନ୍ୟନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହିତ ବିଷମ କଟକ ବ୍ଲକରେ ଶପଥ ପାଠ କରିଥିଲେ। ସେହିପରି ଜିଲ୍ଲା ସଦର ମୋହକୁମାରେ ଅତିରକ୍ତ ଜିଲ୍ଲାପାଳ ଭାସ୍କର ରଇତ, ଉପଜିଲ୍ଲାପାଳ ରାୟଗଡ କଲ୍ୟାଣୀ ସଂଘମିତ୍ରା, ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଉପ-ଆରୋକ୍ଷୀ ଅଧିକ୍ଷକ, ଦୁର୍ନୀତି ନିବାରଣ ଶାଖା, ରାୟଗଡ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ମଧୁମିତା ବେହେରା, ସହକାରୀ ଜିଲ୍ଲାପାଳ ଭଂଜନ କହଁର, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ଶାଖାର ଅଧିକାରୀ, ସେକ୍ସନ ଅଫିସର,ବିଭିନ୍ନ କାର୍ଯ୍ୟାଳୟର କର୍ମଚାରୀ ମାନେ ଶପଥ ଗ୍ରହଣ କରିଥିଲେ ।

# ଚୀନ୍‌କୁ ଦୀପାବଳି ଝଟ୍‌କା: ଦେଢ଼ ଲକ୍ଷ କୋଟିର କ୍ଷତି

ନୂଆଦିଲ୍ଲୀ,୩୦।୧୦: ଗତ କିଛି ବର୍ଷ ଧରି ଭାରତୀୟ ବଜାରରେ ଦୀପାବଳି ଏବଂ ଧନତେରାସରେ ଚୀନ୍ ଉତ୍ପାଦର ଚାହିଦା ହ୍ରାସ ପାଉଛି । ବିଶେଷ କରି ସାଜସଜ୍ଜା ସାମଗ୍ରୀର ବିକ୍ରିରେ ବହୁତ ହ୍ରାସ ଘଟିଛି । ଏହି କାରଣରୁ ଚୀନ୍‌ରୁ ଆମଦାନୀ ମଧ୍ୟ ହ୍ରାସ ପାଇଛି । ଯେଉଁ କାରଣରୁ ଘରୋଇ ଦ୍ରବ୍ୟର ବିକ୍ରି ବୃଦ୍ଧି ପାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଭୋକାଲ୍ ଫର୍ ଲୋକାଲ୍' ଅଭିଯାନର ପ୍ରଭାବ ବର୍ତ୍ତମାନ ସ୍ପଷ୍ଟ ଦେଖାଯାଉଛି । ଚଳିତ ବର୍ଷ ଦୀପାବଳିରେ ଅଧିକାଂଶ ଲୋକ 'ମେଡ୍ ଇନ୍ ଇଣ୍ଡିଆ' ଦେଖିବା ପରେ ସାଜସଜ୍ଜା ସାମଗ୍ରୀ କିଣୁଛନ୍ତି ।



ଏକ ଆକଳନ ଅନୁଯାୟୀ ଚୀନ୍ ଉତ୍ପାଦର ଚାହିଦା ହ୍ରାସ ଯୋଗୁ ଚୀନ୍ ପ୍ରାୟ ଦେଢ଼ ଲକ୍ଷ କୋଟି ଟଙ୍କା କ୍ଷତି ସହିଛି । ଲୋକମାନେ ମାଟି ଦୀପ ଏବଂ ସାଜସଜ୍ଜାର ସ୍ଥାନୀୟ ଉତ୍ପାଦକୁ ପସନ୍ଦ କରୁଛନ୍ତି । ଯେଉଁ କାରଣରୁ କୁମ୍ଭକାର ଏବଂ ଛୋଟ କାରିଗରମାନେ ମଧ୍ୟ ଉପକୃତ ହେଉଛନ୍ତି । ବାଣିଜ୍ୟ ସଂଗଠନ କନଫେଡେରେସନ୍ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି) ସ୍ଥାନୀୟ କାରିଗର, କୁମ୍ଭକାର ଏବଂ ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ବିକ୍ରୟକୁ ପ୍ରୋତ୍ସାହିତ କରିବାକୁ ବ୍ୟବସାୟୀମାନଙ୍କୁ ନିବେଦନ କରିଛି । କ୍ୟାଟ୍ ସାଧାରଣ ସମ୍ପାଦକ ପ୍ରବୀଣ ଖଣ୍ଡେଲୱାଲ କହିଛନ୍ତି ଯେ ଚଳିତ ବର୍ଷ 'ଭୋକାଲ୍ ଫର୍ ଲୋକାଲ୍' ଅଭିଯାନର ବ୍ୟାପକ ପ୍ରଭାବ ବଜାରରେ ଦେଖାଯାଉଛି । ଭାରତୀୟ ପରମ୍ପରା ଅନୁଯାୟୀ, ଲୋକମାନେ ଧନତେରାସ ଏବଂ ଦୀପାବଳିରେ ବହୁତ ସପିଂ କରୁଛନ୍ତି । ଲୋକମାନେ ସୁନା ଓ ରୂପା ଅଳଙ୍କାର, ବାସନ, ଯାନ, ପୋଷାକ, ଇଲେକ୍ଟ୍ରୋନିକ୍ସ ଏବଂ ଅନ୍ୟାନ୍ୟ ଦ୍ରବ୍ୟ କିଣୁଛନ୍ତି । ଚଳିତ ବର୍ଷ ଧନତେରାସରେ ପ୍ରାୟ ୬୦ ହଜାର କୋଟି ଟଙ୍କା ବ୍ୟବସାୟ ହେବ ବୋଲି ପୂର୍ବରୁ ଆକଳନ କରାଯାଇଥିଲା । ଦୀପାବଳିରେ ଏହି ପରିମାଣ ୧ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିବ ବୋଲି କୁହାଯାଉଛି । ୨୫୦୦ କୋଟି ଟଙ୍କା ମୂଲ୍ୟର ରୂପା ଏବଂ ୨୦ ହଜାର କୋଟି ଟଙ୍କାର ସୁନା ଧନତେରସରେ ବିକ୍ରି ହୋଇଛି, ଏହି କାରଣରୁ ବଜାରରେ ବହୁତ ଉତ୍ସାହ ଦେଖିବାକୁ ମିଳିଥିବା କୁହାଯାଉଛି ।

## ଝଲସିଲା ଅଯୋଧ୍ୟା: ଜଳିଲା ୨୫ ଲକ୍ଷ ଦୀପ

ଅଯୋଧ୍ୟା,୩୦।୧୦: ରାମ ଲାଲାଙ୍କ ପ୍ରାଣ ପ୍ରତିଷ୍ଠା ପରେ ପ୍ରଥମ ଥର ଲାଗି ଅଯୋଧ୍ୟାରେ ଦୀପୋତ୍ସବ ପାଳନ ହୋଇଛି । ଏହି ଅବସରରେ ଅଯୋଧ୍ୟାରେ ଜଳିଛି ୨୫ ଲକ୍ଷ ୧୨ ହଜାର ୫୮୫ ଦୀପ । ଏହା ସହିତ ୧୧୨୧ ବ୍ୟକ୍ତି ପର୍ଯ୍ୟାୟକ୍ରମେ ଆରତି କରିଛନ୍ତି । ଏହି ୨ଟି କାର୍ଯ୍ୟକ୍ରମ ଦ୍ୱାରା ୨ଟି ବିଶ୍ୱ ରେକର୍ଡ ମଧ୍ୟ ସ୍ଥାପନ ହୋଇଛି । ଏଥିପାଇଁ ବୁଧବାର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ୨ଟି ନୂଆ ଗିନିଜ ୱାର୍ଲ୍ଡ ରେକର୍ଡ୍‌ର ପ୍ରମାଣପତ୍ର ମଧ୍ୟ ଗ୍ରହଣ କରିଛନ୍ତି । ଦୀପୋତ୍ସବ ପାଳନ ସମୟରେ ପର୍ଯ୍ୟଟନ ବିଭାଗକୁ ମିଳିଥିବା ଏହି ପ୍ରମାଣପତ୍ରକୁ ମୁଖ୍ୟମନ୍ତ୍ରୀ ଗ୍ରହଣ କରିଥିଲେ ।ଅନ୍ଧାରରେ ଆଲୋକର ବିଜୟ ଉତ୍ସବ ବା ଦୀପାବଳି ଉପଲକ୍ଷେ ସରଜୂ ନଦୀ କୂଳରେ ଏହି ଦୀପୋତ୍ସବ ପାଳିତ ହୋଇଥିଲା, ଯାହା ବେଶ୍ ଆକର୍ଷଣୀୟ ହୋଇଥିଲା ।

## ପଛକୁ ଫେରିଲେ ଉଭୟ ଦେଶର ସେନା

ନୂଆଦିଲ୍ଲୀ,୩୦।୧୦: ପୂର୍ବ ନିର୍ଦ୍ଧାରିତ ସମୟସୀମା ଅନୁଯାୟୀ ଭାରତ ଓ ଚୀନର ସେନା ଲଦାଖର ଦେପସାଙ୍ଗ ଏବଂ ଡେମଚୋକ ସୀମା (ଲାଇନ ଅଫ କଣ୍ଟ୍ରୋଲ)ରେ ପଛକୁ ଫେରିବା କାର୍ଯ୍ୟ ଶେଷ କରିଛନ୍ତି । ଖୁବଶୀଘ୍ର ଦୁଇ ଦେଶର ସେନା ଏହି ଅଞ୍ଚଳରେ ପାଟ୍ରୋଲିଂ କରିବାକୁ ଥିବା ବେଳେ ଗୁରୁବାର ଦୀପାବଳି ଅବସରରେ ଉଭୟ ପକ୍ଷର ସୈନିକ ମିଠା ଖୁଆ ଖୁଇ ହୋଇ ବନ୍ଧୁତାକୁ ବଢ଼ାଇବେ ବୋଲି ସୂଚନା ମିଳିଛି । ଭାରତୀୟ ସେନାର ସୂତ୍ରରୁ ପ୍ରକାଶ ଯେ ବୁଧବାର ଯାଞ୍ଚ ପ୍ରକ୍ରିୟା ଚାଲିଛି ଏବଂ ପାଟ୍ରୋଲିଂ କିପରି ହେବ ତାହାର ନିଷ୍ପତ୍ତି ଗ୍ରାଉଣ୍ଡ କମାଣ୍ଡୋମାନେ ନେବେ । ସେପଟେ ଭାରତରେ ଚାଇନାର ରାଷ୍ଟ୍ରଦୂତ ଜୁ ଫିହୋଙ୍ଗ ବୁଧବାର କୋଲକାତାରେ ଖବରଦାତାମାନଙ୍କୁ କହିଛନ୍ତି ଯେ ଦୁଇ ଦେଶ ଗୁରୁତ୍ୱପୂର୍ଣ୍ଣ ବୁଝାମଣାରେ ପହଞ୍ଚିଛନ୍ତି । ଏଥିସହିତ ସେ କହିଛନ୍ତି ଗତ ସପ୍ତାହରେ ରୁଷିଆରେ ଅନୁଷ୍ଠିତ ହୋଇଥିବା ବ୍ରିକ୍ସ ଶିଖର



ସମ୍ମିଳନୀରେ ରାଷ୍ଟ୍ରପତି ସି ଜିନପିଙ୍ଗ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଥିଲା । ବର୍ତ୍ତମାନ ଦୁଇ ନେତା ଗୁରୁତ୍ୱପୂର୍ଣ୍ଣ ବୁଝାମଣାରେ ପହଞ୍ଚି ସାରିଛନ୍ତି । ତେଣୁ ସେମାନେ ଆମର ଦୁଇ ଦେଶ ମଧ୍ୟରେ ସମ୍ପର୍କର ପରବର୍ତ୍ତୀ ବିକାଶ ପାଇଁ ନିର୍ଦ୍ଦେଶାବଳୀ ହେବେ । ମୁଁ ଆଶା କରୁଛି ଯେ ଏହି ସହମତିର ମାର୍ଗଦର୍ଶନରେ ଭବିଷ୍ୟତରେ ଆମର ସମ୍ପର୍କ ସୁରୁଖୁରୁରେ ଆଗକୁ ବଢିବ ଏବଂ ଆମର ଦୁଇ ପକ୍ଷ ମଧ୍ୟରେ ନିର୍ଦ୍ଦିଷ୍ଟ ମତଭେଦ ଦ୍ୱାରା ସେମାନେ ସୀମିତ କିମ୍ବା ବାଧାପ୍ରାପ୍ତ ହେବେ ନାହିଁ ବୋଲି ରାଷ୍ଟ୍ରଦୂତ କହିଛନ୍ତି । ସେ କହିଛନ୍ତି, ଦୁଇ ପଡୋଶୀ ଦେଶ ଭାବରେ ଆମର ସ୍ୱାଭାବିକ କଥା ଯେ ଆମର କିଛି ମତଭେଦ ରହିଛି ଏବଂ ଏହାର ସମାଧାନ ଏବଂ ସମାଧାନ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା । ଏହି ମତଭେଦକୁ କିପରି ମୁକାବିଲା କରାଯିବ ସେନେଇ ଦୁଇ ନେତାଙ୍କ ବୈଠକ ଆମ ପାଇଁ ଏକ ଉତ୍ତମ ଉଦାହରଣ ସୃଷ୍ଟି କରିଛି ବୋଲି ସେ କହିଛନ୍ତି ।

# ନ୍ୟୁୟର୍କରେ ଦୀପାବଳି ପାଇଁ ଐତିହାସିକ ଘୋଷଣା, ପ୍ରଥମ ଥର ପାଇଁ ସ୍କୁଲ ଛୁଟି

ନ୍ୟୁୟର୍କ, ୩୦/୧୦: ଆମେରିକାରେ ଏକ ଐତିହାସିକ ପଦକ୍ଷେପ ଅନ୍ତର୍ଗତ ନ୍ୟୁୟର୍କ ସହରର ବିଦ୍ୟାଳୟଗୁଡ଼ିକ ନଭେମ୍ବର ୧ ତାରିଖ ଦିନ ଦୀପାବଳି ପାଇଁ ବନ୍ଦ ରହିବ । ପ୍ରଥମ ଥର ପାଇଁ ସହରର ବିଦ୍ୟାଳୟଗୁଡ଼ିକ ଦୀପାବଳି ପାଇଁ ଛୁଟିଦିନକୁ ସ୍ୱୀକୃତି ଦେଇଛନ୍ତି । ମେୟରଙ୍କ କାର୍ଯ୍ୟାଳୟର ଡେପୁଟି କମିଶନର ଦିଲୀପ ଚୌହାନ କହିଛନ୍ତି ଯେ ଚଳିତ ବର୍ଷର ଦୀପାବଳି ସ୍ୱତନ୍ତ୍ର । ନ୍ୟୁୟର୍କ ସହର ଇତିହାସରେ ପ୍ରଥମ ଥର ପାଇଁ ଦୀପାବଳି ପର୍ବ ଲାଗି ନଭେମ୍ବର ୧ ଶୁକ୍ରବାର ଦିନ ସ୍କୁଲ ବନ୍ଦ ରହିବ । ନ୍ୟୁୟର୍କ ସହରରେ ୧.୧ ମିଲିୟନ ଛାତ୍ରଛାତ୍ରୀ ବିଦ୍ୟାଳୟରେ ପଢୁଛନ୍ତି । ଏଭଳି ପରିସ୍ଥିତିରେ ବିଦ୍ୟାଳୟରେ ସାଧାରଣ ଛୁଟି ଘୋଷଣା କରିବା ସହଜ ନିଷ୍ପତ୍ତି ନ ଥିଲା । ଚେ?ହାନ କହିଛନ୍ତି ଯେ ବହୁ ସମ୍ପ୍ରଦାୟର ନେତା ଦୀର୍ଘ ଦିନ ଧରି ଏହା ଦାବି କରିଆସୁଥିଲେ । ଶେଷରେ, ନ୍ୟୁୟର୍କ ସିଟି ମେୟର ଏରିକ ଆଡାମସଙ୍କ ପ୍ରଶାସନର ନିର୍ଦ୍ଦେଶ ଅନୁସାରେ ସେମାନେ ଏହା ଘୋଷଣା କରିଛନ୍ତି । ନଭେମ୍ବର ୧ ଶୁକ୍ରବାର ଦିନ ସ୍କୁଲ ଛୁଟି ହେବ ବୋଲି ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି । ଏହା ବ୍ୟତୀତ ଚୌହାନ କହିଛନ୍ତି ଯେ ଏଠାରେ ସମ୍ପ୍ରଦାୟର ନେତା ତଥା ଅଧିକାରୀମାନେ ଦୀର୍ଘ ବର୍ଷ ଧରି ଏହା ପାଇଁ ଦାବି କରିଆସୁଥିଲେ । ଲୋକଙ୍କ ଚାହିଦାକୁ ଦର୍ଶାଇ ସେ ଏହି ନିଷ୍ପତ୍ତି ଉପରେ ଗୁରୁତ୍ୱାରୋପ କରିଥିଲେ । ଚେ?ହାନ କହିଛନ୍ତି ଯେ ଦୀପାବଳି ବର୍ତ୍ତମାନ ଏକ ସ୍ୱୀକୃତିପ୍ରାପ୍ତ ଛୁଟି ହୋଇଥିବାରୁ ଛାତ୍ରଛାତ୍ରୀମାନେ ଆଉ ଅସୁବିଧାର ସମ୍ମୁଖୀନ ହେବେ ନାହିଁ । ଅକ୍ଟୋବର ୩୧ ତାରିଖ ଦୀପାବଳି ରାତି ହୋଇଥିବାରୁ ପରଦିନ ସ୍କୁଲ ଯିବାର ଚାପ ସେମାନଙ୍କ ଉପରେ ଆଉ ରହିବ ନାହିଁ । ଦୀପାବଳିକୁ ସର୍ବସାଧାରଣ ଛୁଟିଦିନ ଘୋଷଣା କରାଯାଇଥିବାରୁ ଚୌହାନ ମେୟର ଏରିକ ଆଡାମସଙ୍କୁ ଧନ୍ୟବାଦ ଜଣାଇଛନ୍ତି । କହିଛନ୍ତି ଯେ ଆମେ ବହୁତ ଗର୍ବିତ ଯେ ମେୟର ଏରିକ୍ ଆଡାମସ୍ ଏହା ଘୋଷଣା କରିଛନ୍ତି । ତେଣୁ, ଆମେ ସମସ୍ତେ ତାଙ୍କ ନିକଟରେ କୃତଜ୍ଞ । ଜୁନ୍ ପ୍ରାରମ୍ଭରେ, ନ୍ୟୁୟର୍କ ସିଟି ଆନୁଷ୍ଠାନିକ ଭାବରେ ଦୀପାବଳିକୁ ଏକ ସରକାରୀ ବିଦ୍ୟାଳୟ ଛୁଟି ଘୋଷଣା କରିଥିଲା । ଏହା ହେଉଛି ଆଲୋକର ପର୍ବ ଏବଂ ହିନ୍ଦୁ, ଜୈନ, ଶିଖ ଏବଂ ବୌଦ୍ଧଧର୍ମାବଲମ୍ବୀଙ୍କ ଦ୍ୱାରା ପାଳନ କରାଯାଉଥିବା ଏକ ପ୍ରମୁଖ ପର୍ବ । ଭାରତୀୟ-ଆମେରିକୀୟମାନଙ୍କୁ ଏଥିରେ ଯୋଗଦେବାକୁ ଆମନ୍ତ୍ରଣ କରିଥିଲେ ।

# କାନାଡା ପରେ ଭାରତୀୟ କୂଟନୀତିଜ୍ଞଙ୍କୁ ବହିଷ୍କାର କରିବ ଆମେରିକା !

ନୂଆଦିଲ୍ଲୀ/ୱାଶିଂଟନ୍,୩୦/୧୦: ଶିଖ୍ ବିଚ୍ଛିନ୍ନତାବାଦୀ ହରଦୀପ ସିଂହ ନିଜର ହତ୍ୟା ମାମଲାରେ ଭାରତ ଓ କାନାଡା ମଧ୍ୟରେ ସମ୍ପର୍କ ସବୁଠାରୁ ଖରାପ ପର୍ଯ୍ୟାୟରେ ପହଞ୍ଚିଛି । ଏଥିପାଇଁ ଉଭୟ ଦେଶର କୂଟନୀତିଜ୍ଞଙ୍କୁ ବହିଷ୍କାର କରାଯାଇଛି । ସେପଟେ ଏବେ ଆମେରିକା ମଧ୍ୟ ଭାରତୀୟ କୂଟନୀତିଜ୍ଞଙ୍କୁ ବହିଷ୍କାର କରିବାକୁ ଯାଉଛି ବୋଲି ଅନେକ ଗଣମାଧ୍ୟମ ରିପୋର୍ଟରେ ଦାବି କରାଯାଉଛି । ଭାରତ ଓ କାନାଡା ମଧ୍ୟରେ ତିକ୍ତ ସମ୍ପର୍କ ମଧ୍ୟରେ ୱାସିଂଟନ୍ ଭାରତୀୟ କୂଟନୀତିଜ୍ଞଙ୍କୁ ବହିଷ୍କାର କରିବାକୁ ଚିନ୍ତା କରୁଛି ବୋଲି ଆମେରିକା ବୈଦେଶିକ ବିଭାଗ ଦାବିକୁ ଖଣ୍ଡନ କରିଛି । ଏକ ସାମ୍ବାଦିକ ସମ୍ମିଳନୀରେ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ମାଥ୍ୟୁ ମିଲର କହିଛନ୍ତି, ସେ ଏଭଳି କୌଣସି ରିପୋର୍ଟ ବିଷୟରେ ଅବଗତ ନୁହଁନ୍ତି । ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂ ନିଜରଙ୍କ ହତ୍ୟା ମାମଲାର ତଦନ୍ତରେ କାନାଡା ସରକାର ଜଣେ ଭାରତୀୟ କୂଟନୀତିଜ୍ଞଙ୍କୁ ସମ୍ପୃକ୍ତ ବ୍ୟକ୍ତି ଭାବେ ଘୋଷଣା କରିବା ପରେ ଚଳିତ ମାସ ପ୍ରାରମ୍ଭରେ ଭାରତ କାନାଡାର ୬ ଜଣ କୂଟନୀତିଜ୍ଞଙ୍କୁ ଫେରାଇ ଆଣିଥିଲା । ଖଲିସ୍ତାନୀ ଆତଙ୍କବାଦୀ ଗୁରପତୱନ୍ତ ସିଂ ପନ୍ନୁଙ୍କୁ ହତ୍ୟା ଷଡ଼ଯନ୍ତ୍ରରେ ଭୂମିକା ଗ୍ରହଣ କରିଥିବା ଜଣେ ପୂର୍ବତନ ଭାରତ ସରକାରୀ କର୍ମଚାରୀ ବିକାଶ ଯାଦବଙ୍କ ମାମଲା ଉପରେ ମଧ୍ୟ ଆମେରିକା ପ୍ରତିକ୍ରିୟା ରଖିଛି । ଯାଦବଙ୍କ ସମ୍ଭାବ୍ୟ ପ୍ରତ୍ୟର୍ପଣ ସମ୍ପର୍କରେ ପଚରାଯିବାରୁ ମିଲର କହିଛନ୍ତି, ପ୍ରତ୍ୟର୍ପଣ ଆମେରିକାର ନ୍ୟାୟ ବିଭାଗର ଅଧିକାର । ଆମେରିକା ଏହି ପ୍ରସଙ୍ଗରେ ଭାରତ ସରକାରଙ୍କ ସହ କଥାବାର୍ତ୍ତା କରୁଛି । ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର କହିଛନ୍ତି, ଭାରତ ଏହାର ତଦନ୍ତସ୍ଥିତି ବିଷୟରେ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ପାଇଁ ଦୁଇ ସପ୍ତାହ ପୂର୍ବରୁ ଏକ ପ୍ରତିନିଧି ଦଳ ଆମେରିକା ପଠାଇଥିଲା । ଏହି ମାମଲାରେ ପ୍ରକୃତ ଉତ୍ତରଦାୟିତ୍ୱ ରହିବ ବୋଲି ଆମେରିକା ଭାରତୀୟ ପ୍ରତିପକ୍ଷଙ୍କୁ ସ୍ପଷ୍ଟ କରିଛି ବୋଲି ସେ କହିଛନ୍ତି ।

# ହାତ ମିଶାଇଲେ ରୁଷିଆ-ପାକିସ୍ତାନ: ଚିନ୍ତାରେ ଭାରତ

ଇସଲାମାବାଦ୍,୩୦/୧୦:ପାକିସ୍ତାନ ଆଜିକାଲି ରୁଷିଆ ସହ ନିଜର ସମ୍ପର୍କକୁ ସୁଦୃଢ଼ କରିବାରେ ଲାଗିପଡିଛି । ଉପପ୍ରତିରକ୍ଷା ମନ୍ତ୍ରୀ କର୍ଣ୍ଣେଲ ଜେନେରାଲ ଆଲେକଜାଣ୍ଡର ଭି ଫୋମିନଙ୍କ ନେତୃତ୍ୱରେ ରୁଷିଆର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ପାକିସ୍ତାନ ଗସ୍ତରେ ଅଛନ୍ତି । ରୁଷିଆର ଉପସୁରକ୍ଷା ମନ୍ତ୍ରୀ କର୍ଣ୍ଣେଲ ଜେନେରାଲ ଆଲେକଜାଣ୍ଡର ଭି ଫୋମିନ୍ ପାକିସ୍ତାନର ରାଜଧାନୀ ଇସଲାମାବାଦରେ ପାକିସ୍ତାନର ତିନି ସେନା ମୁଖ୍ୟଙ୍କ ସହ ପୃଥକ୍ ଭାବେ ସାକ୍ଷାତ କରିଥିଲେ ।

ଏହି ବୈଠକରେ ରଷିଆ ଓ ପାକିସ୍ତାନ ପ୍ରତିରକ୍ଷା ଓ ନିରାପତ୍ତା କ୍ଷେତ୍ରରେ ପରସ୍ପର ସହ ସହଯୋଗ ବଢ଼ାଇବାକୁ ସଂକଳ୍ପ ନେଇଛନ୍ତି । ସୂଚନାଯୋଗ୍ୟ, କିଛିଦିନ ତଳେ ପାକିସ୍ତାନକୁ ଏକ ବଡ଼ ଝଟକା ଲାଗିଥିଲା । ରଷିଆର କଜାନରେ ଆୟୋଜିତ ବ୍ରିକ୍ସ ଶିଖର ସମ୍ମିଳନୀ ୨୦୨୪ପାଇଁ ପାକିସ୍ତାନକୁ ନିମନ୍ତ୍ରଣ ମଧ୍ୟ ମିଳିନଥିଲା । ତେବେ ବ୍ରିକ୍ସ ଶିଖର ସମ୍ମିଳନୀର ମାତ୍ର କିଛି ଦିନ ପରେ ରୁଷୀୟ ପ୍ରତିନିଧି ମଣ୍ଡଳର ପାକିସ୍ତାନ ଗସ୍ତ ଚର୍ଚ୍ଚାର ବିଷୟ ପାଲଟିଛି । ରୁଷିଆ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ବୈଠକକୁ ନେଇ ଏକ ବିବୃତି ଜାରି କରିଛି । ସେନା ମୁଖ୍ୟ ଜେନେରାଲ ଅସୀମ ମୁନିରଙ୍କ ନେତୃତ୍ୱରେ ରଷୀୟ ପ୍ରତିନିଧି ଦଳ ସହ ହୋଇଥିବା ବୈଠକରେ ଉଭୟ ପକ୍ଷ ଆଞ୍ଚଳିକ ନିରାପତ୍ତା ଏବଂ ପାରସ୍ପରିକ ସ୍ୱାର୍ଥ ସମ୍ବନ୍ଧୀୟ ପ୍ରସଙ୍ଗଉପରେ ଗଭୀର ମତ ବିନିମୟ କରିଥିଲେ । ଏଥିରେ ଦ୍ୱିପାକ୍ଷିକ ପ୍ରତିରକ୍ଷା ଓ ନିରାପତ୍ତା ସହଯୋଗ ବୃଦ୍ଧି ଉପରେ ମଧ୍ୟ ଆଲୋଚନା ହୋଇଛି । ଅନ୍ୟପକ୍ଷରେ ଜେନେରାଲ ଅସୀମ ମୁନିର ରୁଷିଆ ସହ ପାରମ୍ପରିକ ପ୍ରତିରକ୍ଷା ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ପାକିସ୍ତାନର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି ।

ମିଳିତ ସାମରିକ ଅଭ୍ୟାସ ଏବଂ ପିଏଏଫ୍ ଉପକରଣ ପାଇଁ ବୈଷୟିକ ସହାୟତା ମାଧ୍ୟମରେ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ସୁଦୃଢ଼ କରିବାର ନୂତନ ଉପାୟ ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ନିକଟ ଅତୀତରେ ରଷିଆ ଓ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ବ୍ୟାପକ ଭାବେ ବୃଦ୍ଧି ପାଇଛି । ଗତ୨୦୨୩ରେ ରୁଷିଆ ଓ ପାକିସ୍ତାନ ମଧ୍ୟରେ ବାର୍ଷିକ ଦ୍ୱିପାକ୍ଷିକ ବାଣିଜ୍ୟ ପ୍ରାୟ ୫୦ ପ୍ରତିଶତ ବୃଦ୍ଧି ପାଇଛି । ଯାହା କି ୧ ବିଲିୟନ ଡଲାର ଅତିକ୍ରମ କରିଛି । ରଷିଆ-ୟୁକ୍ରେନ ଯୁଦ୍ଧର ଏକ ବର୍ଷରୁ ଅଧିକ ସମୟ ପରେ ରୁଷ୍ ଆର୍ଥିକ ସଂକଟରେ ପଡ଼ିଥିଲା । ପାଶ୍ଚାତ୍ୟ ଦେଶଗୁଡ଼ିକ ଦ୍ୱାରା ଲାଗୁ କରାଯାଇଥିବା ଧାରା ଯୋଗୁଁ ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଥିବା ରୁଷିଆ ଏବେ ଏହି ସମସ୍ୟାର ମୁକାବିଲା ପାଇଁ ନୂଆ ସହଯୋଗୀ ଖୋଜୁଛି । ୨୦୨୩ ଶେଷ ସୁଦ୍ଧା ପାକିସ୍ତାନକୁ ରଷିଆର ରପ୍ତାନିରେ ଏହାର ଅଂଶ ୨୦ ପ୍ରତିଶତରୁ ଅଧିକ ହୋଇଛି । ଉଲ୍ଲେଖଯୋଗ୍ୟ, ଭାରତ ଓ ରଷିଆ ମଧ୍ୟରେ ବନ୍ଧୁତା ଦଶନ୍ଧି ପୁରୁଣା ଏବଂ ରଷିଆ ପାକିସ୍ତାନ ସହ ଏଭଳି କୌଣସି ପ୍ରତିରକ୍ଷା ଚୁକ୍ତି କରିନାହିଁ, ଯାହା କି ଭାରତ ପାଇଁ ଚିନ୍ତାର ବିଷୟ ହୋଇପାରେ ।

# ତାଲିବାନର ନୂଆ କଟକଣା: ପାଟି କରି କୁରାନ ପଢ଼ିବେନି ମହିଳା

ନୂଆଦିଲ୍ଲୀ,୩୦।୧୦: ଆଫଗାନିସ୍ତାନରେ ଶାସକ ତାଲିବାନ ପକ୍ଷରୁ ନୂଆ କଟକଣା ଜାରି କରାଯାଇଛି । ମହିଳାମାନେ ଏକାଠି ବସି କୁରାନ ପାଠ କରୁଥିଲେ, ଜଣେ ମହିଳା ଅନ୍ୟ ଜଣେ ମହିଳାଙ୍କ ସ୍ୱର ଯେପରି ନ ଶୁଣନ୍ତି ତାହା ଉପରେ କଟକଣା ଲାଗୁ କରିଛି । ଅର୍ଥାତ ସର୍ବସାଧାରଣ ସ୍ଥାନରେ ମହିଳାମାନେ ପାଟି କରି କୁରାନ ପଢ଼ିପାରିବେ ନାହିଁ । ତାଲିବାନ ମନ୍ତ୍ରୀ ମହମ୍ମଦ ଖଲିଦ ହନାଫି ଗତ ସପ୍ତାହରେ ଏକ ଅଡିଓ ବାର୍ତ୍ତା ଜାରି କରି ଏହା କହିଛନ୍ତି । ସେ କହିଛନ୍ତି, ଏକାଧିକ ମହିଳା ଗୋଟିଏ ସ୍ଥାନରେ ଏକତ୍ର ହୋଇଥିଲେ ସେହି ସ୍ଥାନରେ ଜଣେ ମହିଳା ପାଟି କରି କୁରାନ ପଢ଼ିପାରିବେ ନାହିଁ । ଯଦି ମହିଳାଙ୍କୁ ତକବିର ପ୍ରଦର୍ଶନ ପାଇଁ ଅନୁମତି ନାହିଁ, ତେବେ ସେମାନଙ୍କୁ କିପରି କୁରାନ ଗାନ କରିବାକୁ ଅନୁମତି ମିଳିବ ଇସଲାମରେ ମହିଳାଙ୍କ ସ୍ୱରକୁ ଆୱ୍ରା(ଅନ୍ତରଙ୍ଗ ଅଂଶ) ବୋଲି ବିବେଚନା କରାଯାଏ, ଯାହାକୁ ସର୍ବଦା ଘୋଡ଼ାଇ ରଖାଯାଏ ଏବଂ ସର୍ବସାଧାରଣ ସ୍ଥାନରେ ତାହା ଶୁଭିବା ଅନୁଚିତ । ଏପରି କି ଅନ୍ୟ ଜଣେ ମହିଳା ବି ଶୁଣିବା ଉଚିତ ନୁହେଁ ବୋଲି ହନାଫି କହିଛନ୍ତି । ସୂଚନାଯୋଗ୍ୟ, ୨୦୨୧ରେ ତାଲିବାନ ଆତଙ୍କବାଦୀ ସଂଗଠନ ଆଫଗାନିସ୍ତାନରେ କ୍ଷମତାକୁ ଫେରିବା ପରେ ମହିଳାଙ୍କ ଉପରେ ବହୁ କଟକଣା ଲାଗୁ କରିଛି ।

## ପୁଣି ଏୟାର ଇଣ୍ଡିଆର ୩୨ ବିମାନକୁ ବୋମା ଧମକ

ନୂଆଦିଲ୍ଲୀ,୩୦/୧୦: ଗତ ୧୬ ତାରିଖ ସୁଦ୍ଧା ୫୦୦ ରୁ ଅଧିକ ଘରୋଇ ଏବଂ ଅନ୍ତର୍ଜାତୀୟ ବିମାନ କମ୍ପାନିକୁ ବୋମା ଧମକ ମିଳିଛି । କେବଳ ମଙ୍ଗଳବାର (ଅକ୍ଟୋବର ୩୦, ୨୦୨୪) ରେ ୧୦୦ରୁ ଅଧିକ ବିମାନ ପ୍ରତି ବିପଦ ଥିବା ସୂଚନା ମିଳିଥିଲା । ବିମାନ ସେବା ପ୍ରଦାନକାରୀ ସଂସ୍ଥା ଏୟାର ଇଣ୍ଡିଆକୁ ପୁଣି ବୋମା ଧମକ ମିଳିଛି । ଏକାସାଥୀରେ ୩୨ଟି ବିମାନକୁ ଏହି ଧମକ ମିଳିଥିବା ସୂଚନା ରହିଛି । ଦେଶର ବିଭିନ୍ନ ସଂଗଠନ ତଥା ଅନୁଷ୍ଠାନ ଯୋଗାଉଥିବା ବିଭିନ୍ନ ବିମାନ ସେବା ବୋମା ବିସ୍ଫୋରଣରେ ପୁଣି ଏକ ସମାନ ଘଟଣା ଘଟିଛି । ଇଣ୍ଡିଆଗୋ (୬ ଆକ୍) ଏବଂ ଭିସ୍ତାରା (ୟୁକେ) ସମାନ ସମସ୍ୟାର ସମ୍ମୁଖୀନ ହୋଇଥିବାବେଳେ ଏୟାର ଇଣ୍ଡିଆକୁ ବୋମା ଧମକ ପରେ ମୁମ୍ବାଇ ପୁଲିସ ୧୪ଟି ଏଫ୍‌ଆଇଆର ପଂଜୀକୃତ କରି ଅକ୍ଟୋବରରୁ ତଦନ୍ତ ଆରମ୍ଭ କରିଥିଲା । ପୂର୍ବରୁ କୋଲକାତା ଏବଂ ସାତୋଟି ବିମାନ ସୋସିଆଲ ମିଡିଆରେ ବୋମା ବିସ୍ଫୋରଣର ଧମକ ଦେଇଥିଲା । ତେବେ ଅନୁସନ୍ଧାନ ପରେ ଏହା କେବଳ ଏକ ଗୁଜବ ବୋଲି ଜଣାପଡିଛି । ଏହି ବିଷୟରେ ଏକ ଭୟାବହତା ଚାଲିଛି ଏବଂ ଆଉ ତିନିଟି ଏୟାର ଇଣ୍ଡିଆ ବିମାନ ବୋମା ବିସ୍ଫୋରଣରେ ଆକ୍ରାନ୍ତ ହୋଇଛି; ମିଳିଥିବା ବିମାନ ମଧ୍ୟରୁ କେତେକ ଭାରତରେ ଏବଂ କେତେକ ବିଦେଶ ଯାଇଛନ୍ତି । ଧମକ ପରେ ବିମାନଗୁଡିକ ସତର୍କତାମୂଳକ ପଦକ୍ଷେପ ଭାବରେ ଯାଞ୍ଚ କରାଯାଇଥିଲା ।

## ବ୍ରିଟେନରେ ଥିବା ବ୍ୟାଙ୍କ ଅଫ୍ ଲଣ୍ଡନରୁ ସୁନା ଫେରାଇ ଆଣିଲା ଭାରତ

ନୂଆଦିଲ୍ଲୀ,୩୦।୧୦ : ଭାରତୀୟ ରିଜର୍ଭ ବ୍ୟାଙ୍କ କହିଛି ଯେ ବ୍ରିଟେନରେ ଥିବା ବ୍ୟାଙ୍କ ଅଫ୍ ଲଣ୍ଡନରୁ ୧୦୨ ଟନ ସୁନା ଫେରାଇ ଆଣି ସୁରକ୍ଷିତ ସ୍ଥାନକୁ ପଠାଇ ଦିଆଯାଇଛି । ବିଦେଶୀ ମୁଦ୍ରାଭଣ୍ଡାରର ପ୍ରବନ୍ଧନର ନୂଆ ରିପୋର୍ଟ ମୁତାବକ ସେପ୍ଟେମ୍ବର ଶେଷ ସୁଦ୍ଧା ରିଜର୍ଭବ୍ୟାଙ୍କ ପାଖରେ ଥିବା ୮୫୫ ଟନ ସୁନା ମଧ୍ୟରୁ ୫୧୦ ଟନ୍ ସୁନାକୁ ସୁରକ୍ଷିତ ସ୍ଥାନରେ ରଖାଯାଇଛି । ସେପ୍ଟେମ୍ବର ୨୦୨୨ ପରେ ବିଦେଶରେ ବନ୍ଧକ ଥିବା ଦେଶର ସୁନା ମଧ୍ୟରୁ ୨୧୪ ଟନ ସୁନା ଫେରାଇ ଅଣାଯାଇଛି । ସାରା ବିଶ୍ୱରେ ବଢୁଥିବା ଯୁଦ୍ଧ ବିଭୀଷିକା ମଧ୍ୟରେ ଭାରତ ସରକାର ସୁନାକୁ ସୁରକ୍ଷିତ ସ୍ଥାନରେ ରଖିବାକୁ ଯୋଜନା କରିଛନ୍ତି । ସେପଟେ ଏହା ପୂର୍ବରୁ ଚଳିତବର୍ଷ ମେ'ମାସରେ ମଧ୍ୟ ୧୦୦ ଟନ୍ ସୁନା ଭାରତ ସରକାର ଫେରାଇଆଣିଥିଲେ । ୧୯୯୦ ଦଶକ ପ୍ରାରମ୍ଭରେ ଭାରତର ଆର୍ଥିକ ସ୍ଥିତି ଦୁର୍ବଳ ହୋଇଥିଲା । ଏହି କାରଣରୁ ବିଭିନ୍ନ ସମୟରେ ଭାରତ ସରକାରଙ୍କୁ ବିଭିନ୍ନ ଦେଶରେ ସୁନା ବନ୍ଧକ ପକାଇଥିଲେ । ରିଜର୍ଭ ବ୍ୟାଙ୍କ କହିଛି ଯଦି ଆଗାମୀ ଦିନରେ ଭାରତର ଆର୍ଥିକ ସ୍ଥିତି ଖରାପ ହୁଏ କିମ୍ବା ରାଜନୈତିକ ଅସ୍ଥିରତା ଦେଖାଦିଏ ତେବେ ଏଥିରୁ ମୁକୁଳିବା ପାଇଁ ବିଦେଶରେ ରଖାଯାଇଥିବା ସୁନା କାମରେ ଆସିବ ।

## ୩ ମହାକାଶଚାରୀଙ୍କୁ ମହାକାଶ ପଠାଇଲା ଚୀନ

ବେଜିଂ,୩୦।୧୦: ଅନ୍ତରୀକ୍ଷ ଗବେଷଣା କ୍ଷେତ୍ରରେ ଆଉ ପାଦେ ଆଗେଇଛି ଚୀନ । ଚୀନର ତିନି ଜଣ ମହାକାଶଚାରୀ ନୂତନ ଅନୁଧ୍ୟାନ ପାଇଁ ମହାକାଶ ଉପଲକ୍ଷେ ଉଡାଣ ଆରମ୍ଭ କରିଛନ୍ତି । ତିନି ଜଣ ମହାକାଶଚାରୀଙ୍କ ମଧ୍ୟରେ ଜଣେ ୩୪ ବର୍ଷୀୟ ମହିଳା ମହାକାଶଚାରୀ ମଧ୍ୟ ରହିଛନ୍ତି । ଏମାନେ ମହାକାଶରେ ଚୀନର ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେସନ୍ ତିୟାଙ୍ଗଗୋଙ୍ଗ ସ୍ପେସ୍ ଷ୍ଟେସନ୍‌ରେ ରହି ଚନ୍ଦ୍ରମା ଉପରେ କାମ କରିବେ । ୨୦୩୦ ସୁଦ୍ଧା ଚନ୍ଦ୍ରକୁ ମହାକାଶଚାରୀଙ୍କୁ ପଠାଇବାର ଯୋଜନା କରୁଛି ଚୀନ । ଏହି ଦିଗରେ ଅଧିକ ଅନୁଧ୍ୟାନ କରିବେ ଏହି ତିନି ମହାକାଶଚାରୀ । ଚୀନର ଏହି ସ୍ପେସ୍ ମିଶନ୍‌ର ନାମ ରହିଛି ଶେନହାଓ ଏଇଟ୍ । ୪୩ ବର୍ଷୀୟ କମାଣ୍ଡର ୟେ ଗୁଆଙ୍ଗଫୁଙ୍କ ନେତୃତ୍ୱରେ ୩୪ ବର୍ଷୀୟ ହି କାଙ୍ଗ ଏବଂ ୩୬ ଲି ଗୁଆଙ୍ଗସୁ ମହାକାଶକୁ ନିଜ ଯାତ୍ରା ଆରମ୍ଭ କରିଛନ୍ତି । ପ୍ରଥମେ ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେସନ୍‌ରେ ରହି ଆବର୍ଜନା ସଂରକ୍ଷଣ ଉପକରଣ ସ୍ଥାପନ କରିବେ ।

## ଭାରତ- ଚୀନ୍ : ଏଲଏସି ଚୁକ୍ତି ଉପରେ ଆମେରିକାର ତୀକ୍ଷ୍ଣ ନଜର

ୱାଶିଂଟନ,୩୦/୧୦: ଭାରତ ଏବଂ ଚୀନ୍ ମଧ୍ୟରେ ଏଲଏସି ଚୁକ୍ତି ଉପରେ ଆମେରିକା ନଜର ରଖିଛି । ଏନେଇ ଆମେରିକା ବଡ଼ ମନ୍ତବ୍ୟ ଦେଇଛି । ଆମେରିକା କହିଛି ସୀମା ତିକ୍ତତା ହ୍ରାସକୁ ଆମେ ସ୍ୱାଗତ କରୁଛୁ । ଆମେରିକାର ବୈଦେଶିକ ବିଭାଗ ମୁଖପାତ୍ର ମାଥ୍ୟୁ ମିଲର ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ଏହା କହିଛନ୍ତି । ସେ କହିଛନ୍ତି, 'ଆମେ ଘଟଣାଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖିଛୁ । ଆମେ ବୁଝିପାରୁଛୁ ଯେ କଣ୍ଟ୍ରୋଲ୍ ଲାଇନ୍‌ରେ ଥିବା ଉତ୍ତେଜନାପୂର୍ଣ୍ଣ ପଏଣ୍ଟରୁ ଉଭୟ ଦେଶ ନିଜର ସୈନ୍ୟ ବାହିନୀ ପ୍ରତ୍ୟାହାର କରିବାକୁ ପ୍ରାରମ୍ଭିକ ପଦକ୍ଷେପ ନେଇଛନ୍ତି । ଯେତେବେଳେ ତାଙ୍କୁ ପଚରାଗଲା ଯେ ଏହି ପ୍ରସଙ୍ଗରେ ଆମେରିକାର କୌଣସି ଭୂମିକା ଅଛି କି, ସେ ଉତ୍ତର ଦେଲେ, ନା, ଆମେ ଭାରତୀୟ ଭାଗିଦାରୀଙ୍କଠାରୁ ଏହି ବିଷୟରେ ସୂଚନା ନେଇଛୁ । କିନ୍ତୁ ଏଥିରେ ଆମର କୌଣସି ଭୂମିକା ନାହିଁ । ଏହାପୂର୍ବରୁ ମଙ୍ଗଳବାର ପ୍ରତିରକ୍ଷା ସୂତ୍ରରୁ ଜଣାପଡ଼ିଥିଲା ଯେ ଉଭୟ ଦେଶର ସୈନିକମାନେ ପୂର୍ବ ଲଦାଖର ଡେପସାଙ୍ଗ ସମତଳ ଅଞ୍ଚଳରେ ଏବଂ ଡେମୋକୋକରେ ଅସ୍ଥାୟୀ ସଂରଚନା ହଟାଇ ଦେଇଛନ୍ତି । ସୈନିକମାନେ ବର୍ତ୍ତମାନ ପଛ ଅଞ୍ଚଳରେ ନିୟୋଜିତ ହୋଇଛନ୍ତି ଏବଂ ୧୦ ରୁ ୧୫ ସୈନିକଙ୍କୁ ନେଇ ଛୋଟ ଦଳରେ



ପାଟ୍ରୋଲିଂ କରାଯିବ । ସୂଚନାଯୋଗ୍ୟ ଯେ ଜୁନ୍ ୨୦୨୦ ଠାରୁ ଭାରତ ଏବଂ ଚୀନ୍ ମଧ୍ୟରେ ଏଲଏସି ଉପରେ ତିକ୍ତତା ଦେଖାଦେଇଛି । ତା'ପରେ ଗଲୱାନ ଘାଟିରେ ଦୁଇ ଦେଶର ସୈନିକଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା ଏବଂ ଉଭୟ ପାର୍ଶ୍ୱରୁ କେତେକ ଯବାନ ମଧ୍ୟ ଆହତ ହୋଇଥିଲେ । ୧୬ ତମ ବ୍ରିକ୍ସ ଶିଖର ସମ୍ମିଳନୀ ପୂର୍ବରୁ ଏଲଏସି ପାଟ୍ରୋଲିଂ ଚୁକ୍ତି ଘୋଷଣା କରାଯାଇଥିଲା । ୨୨ରୁ ୨୪ଅକ୍ଟୋବର ମଧ୍ୟରେ ରୁଷିଆର କାଜାନରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଅଂଶଗ୍ରହଣ କରିଥିଲେ ।

# ଏଣିକି ହେବ ଡିଜିଟାଲ ଜନଗଣନା ! ମୋବାଇଲରେ ଲୋକେ ଦେବେ ତଥ୍ୟ

ନୂଆଦିଲ୍ଲୀ,୩୦।୧୦: ଭାରତ ସରକାର ୨୦୨୫ରେ ଡିଜିଟାଲ ଜନଗଣନା କରିବାକୁ ଯାଉଛନ୍ତି । ଏହି ଜନଗଣନା ୨୦୧୧ରେ ହୋଇଥିବା ଜନଗଣନାଠାରୁ ଭିନ୍ନ ହେବ । ସୂଚନାଯୋଗ୍ୟ ଯେ, ୨୦୧୧ରେ ହୋଇଥିବା ଜନଗଣନାରେ, ଜନଗଣନା ଅଧିକାରୀମାନେ ଲୋକଙ୍କ ଘରକୁ ଘର ଯାଇ ପରିବାର ସଦସ୍ୟଙ୍କ ବିଷୟରେ ତଥ୍ୟ ସଂଗ୍ରହ କରୁଥିଲେ । କିନ୍ତୁ ଏଥର ତାହା ଘଟିବ ନାହିଁ । ଏଥର ଏହି କାର୍ଯ୍ୟ ଡିଜିଟାଲ ଭାବରେ କରାଯିବ । ଡିଜିଟାଲ ଜନଗଣନା କିପରି କରାଯିବ ଏବଂ ଏଥିରେ ଲୋକମାନେ କିପରି ଗଣାଯିବେ ତାହା ସଂପର୍କରେ ସୂଚନା ଦିଆଯାଇଛି । ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ସ୍ମାର୍ଟଫୋନ ବ୍ୟବହାର କରୁଥିବା ଭାରତର ପ୍ରତ୍ୟେକ ନାଗରିକ ଅନଲାଇନ ମାଧ୍ୟମରେ ଏକ ଫର୍ମ ପାଇବେ । ଯେଉଁଥିରେ ସେମାନଙ୍କୁ ସଠିକ ତଥ୍ୟ ପୂରଣ କରିବାକୁ ପଡିବ । ଏହା ପରେ ଏହି ଫର୍ମ ଅନଲାଇନରେ ସବମିଟ୍ କରିବା ପରେ ରେଜିଷ୍ଟ୍ରାର ଜେନେରାଲ ଅଫ ଇଣ୍ଡିଆଙ୍କ କାର୍ଯ୍ୟାଳୟକୁ ପଠାଯିବ । କୁହାଯାଉଛି ଯେ, ଏହାଦ୍ୱାରା ଶୀଘ୍ର ଜନଗଣନା ହେବା ସହ ସଠିକ୍ ତଥ୍ୟ ମଧ୍ୟ ମିଳି ପାରିବ । ତେବେ ଦେଶରେ ଏପର୍ଯ୍ୟନ୍ତ ଅନେକ ଗାଁ ଅଛି ଯେଉଁଠାରେ ଇଣ୍ଟରନେଟ ଉପଲବ୍ଧ ନାହିଁ କିମ୍ବା ନେଟୱର୍କ ଚାଲୁନାହିଁ । ଏହା ବ୍ୟତୀତ ଅନେକ ସ୍ଥାନରେ ଲୋକମାନେ ସ୍ମାର୍ଟଫୋନ କିପରି ବ୍ୟବହାର କରିବେ ଜାଣନ୍ତି ନାହିଁ । ଏବେ ପ୍ରଶ୍ନ ଉଠୁଛି ଯେ, ଏହି ଲୋକମାନେ କିପରି ଏହି ଡିଜିଟାଲ ଜନଗଣନାରେ ଅଂଶଗ୍ରହଣ କରିବେ । ସରକାର ଏପର୍ଯ୍ୟନ୍ତ ଏ ବିଷୟରେ କିଛି ସ୍ପଷ୍ଟ କରିନାହାଁନ୍ତି । କିନ୍ତୁ କୁହାଯାଉଛି ଯେ ଯେଉଁ ସ୍ଥାନରେ ଇଣ୍ଟରନେଟ ନାହିଁ କିମ୍ବା ଲୋକମାନେ ସ୍ମାର୍ଟଫୋନ କିପରି ବ୍ୟବହାର କରିବେ ଜାଣନ୍ତି ନାହିଁ, ସେଠାରେ ୨୦୧୧ ଭଳି ଜନଗଣନା ଅଧିକାରୀମାନେ ସେଠାକୁ ଯାଇ ତଥ୍ୟ ସଂଗ୍ରହ କରିବେ । ସୂଚନାଯୋଗ୍ୟ, ଶେଷ ଜନଗଣନା ୨୦୧୧ରେ ଭାରତରେ କରାଯାଇଥିଲା । ଏହାପରେ ଜନଗଣନା ୨୦୨୧ରେ କରାଯିବ ବୋଲି କୁହାଯାଇଥିଲା । କିନ୍ତୁ କୋଭିଡ କାରଣରୁ ଏହା ହୋଇପାରିଲା ନାହିଁ । ବର୍ତ୍ତମାନ ଡିଜିଟାଲ ଜନଗଣନା ଘୋଷଣା କରାଯାଇଛି ଏବଂ ଖୁବ ଶୀଘ୍ର ଦେଶର ଆନୁମାନିକ ୧୩୬ କୋଟି ଜନସଂଖ୍ୟାର ତଥ୍ୟ ସଂଗ୍ରହ କରାଯିବ । ଇଣ୍ଟରନେଟରେ ଉପଲବ୍ଧ ସୂଚନା ଅନୁଯାୟୀ, ସାମାଜିକ-ଅର୍ଥନୈତିକ ସ୍ଥିତିର ୩୫ ମାପ ପାରାମିଟର ଉପରେ ସରକାର ଏହି ତଥ୍ୟ ଯାଞ୍ଚ ଏବଂ ଅଡିଟ କରିବେ ।

## ମହାରାଷ୍ଟ୍ରରେ ୮ ଜନସଭା କରିବେ ମୋଦି

ମୁମ୍ବାଇ,୩୦/୧୦: ମହାରାଷ୍ଟ୍ରରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ନାମାଙ୍କନ ପ୍ରକ୍ରିୟା ଶେଷ ହୋଇଛି । ବର୍ତ୍ତମାନ ସମସ୍ତ ରାଜନୈତିକ ଦଳର ଧ୍ୟାନ ନିର୍ବାଚନ ପ୍ରଚାର ଉପରେ ରହିଛି । ଶିବସେନା ସିନ୍ଦେ ଦଳ ସହିତ କ୍ଷମତାରେ ଥିବା ଭାରତୀୟ ଜନତା ପାର୍ଟି ମଧ୍ୟ ଏହାର ପ୍ରଚାର ପାଇଁ ଏକ ମାଷ୍ଟରପ୍ଲାନ ପ୍ରସ୍ତୁତ କରିଛି । ଏହା ଅଧୀନରେ ଦଳ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପ୍ରଚାରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଅନ୍ୟ ବଡ଼ ନେତାମାନଙ୍କୁ ମଧ୍ୟ ସ୍ଥାନ ଦେବ ।




ବିଜେପିର ଏହି ବଡ ନେତାମାନେ ରାଜ୍ୟରେ ୫୦ରୁ ଅଧିକ ଜନସଭା କରିବେ ଏବଂ ଦଳ ସପକ୍ଷରେ ଲୋକଙ୍କଠାରୁ ଭୋଟ୍ ମାଗିବେ । ପ୍ରଧାନମନ୍ତ୍ରୀ ମୋଦିଙ୍କ ବ୍ୟତୀତ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ମଧ୍ୟ ଅନେକ ସାଧାରଣ ସଭାକୁ ସମ୍ବୋଧିତ କରିବେ । ଯଦି ଭାରତୀୟ ଜନତା ପାର୍ଟି ସୂତ୍ରକୁ ବିଶ୍ୱାସ କରାଯାଏ, ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମ ମହାରାଷ୍ଟ୍ର, ବିଦର୍ଭ, ମୁମ୍ବାଇ-କୋଙ୍କଣ, ଉତ୍ତର ମହାରାଷ୍ଟ୍ର ଏବଂ ମରାଠୱାଡା ଠାରେ ମୋଟ ୮ଟି ସଭା କରିବାକୁ ଯୋଜନା କରିଛନ୍ତି । ଅନ୍ୟପକ୍ଷରେ, ଅଧିକ ସାଧାରଣ ସଭାର ଦାୟିତ୍ୱ ଦେବେନ୍ଦ୍ର ଫଡନାଭିସ୍, ନିତିନ ଗଡକରୀ ଏବଂ ଚନ୍ଦ୍ରଶେଖର ବାୱାନକୁଲେଙ୍କ ଉପରେ ରହିବ । ବିଜେପି ମଧ୍ୟ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସମର୍ଥନ ନେବାକୁ ଯାଉଛି, ପୂର୍ବାଞ୍ଚଳର ଭୋଟର ଓ ବିଶେଷ କରି ମହାରାଷ୍ଟ୍ରରେ ରହୁଥିବା ହିନ୍ଦୁ ଭୋଟରଙ୍କୁ ଆକର୍ଷିତ କରିବ । କୁହାଯାଉଛି ଯେ ଯୋଗୀ ଆଦିତ୍ୟନାଥ ମହାରାଷ୍ଟ୍ରରେ ୧୫ଟି ଜନସଭାକୁ ସମ୍ବୋଧିତ କରିବେ । ନଭେମ୍ବର ୨୦ରେ ମହାରାଷ୍ଟ୍ର ବିଧାନସଭାର ୨୮୮ଟି ଆସନ ପାଇଁ ମତଦାନ ଅନୁଷ୍ଠିତ ହେବ । ଏଠାରେ ନାମାଙ୍କନପତ୍ରର ଶେଷ ତାରିଖ ଥିଲା ୨୯ ଅକ୍ଟୋବର । ନିର୍ବାଚନ ଆୟୋଗଙ୍କ ସୂଚନା ଅନୁଯାୟୀ, ମହାରାଷ୍ଟ୍ର ବିଧାନସଭା ନିର୍ବାଚନର ଫଳାଫଳ ନଭେମ୍ବର ୨୩ରେ ଘୋଷଣା କରାଯିବ । ରାଜନୈତିକ ବିଶେଷଜ୍ଞମାନେ କହିଛନ୍ତି ଯେ ଏଥର ମହାବିକାଶ ଅଘାଡି ଏବଂ ମହାଯୁତି ମିଳିତ ମଞ୍ଚ ମଧ୍ୟରେ ଏକ କଡ଼ା ପ୍ରତିଯୋଗିତା ହେବ ବୋଲି ଆଶା କରାଯାଉଛି ।

## ଝାଡ଼ଖଣ୍ଡ ନିର୍ବାଚନ ପାଇଁ ଓଡ଼ିଶା ନେତାଙ୍କୁ ଡାକରା

ରାଞ୍ଚି,୩୦।୧୦: ଆଉ ମାତ୍ର କିଛି ଦିନ ପରେ ଝାଡ଼ଖଣ୍ଡ ନିର୍ବାଚନ । ଏଥିପାଇଁ ସବୁ ଦଳ ପକ୍ଷରୁ ପ୍ରଚାର ଜୋରଦାର କରାଯାଉଛି । ଝାଡ଼ଖଣ୍ଡରେ ଜେଏମଏମ ନେତୃତ୍ୱାଧୀନ ଶାସକ ଭାରତୀୟ ଜନତା ପାର୍ଟି ଏବଂ ଭାଜପା ନେତୃତ୍ୱାଧୀନ ବିରୋଧୀ ଏନଡିଏ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହେବାର ସମ୍ଭାବନା ରହିଛି । ଅନେକ ଆସନରେ ଦମ୍‌ଦାର ଲଢେଇ ହେବାର ଆଶଙ୍କା ରହିଛି । ନଭେମ୍ବର ୧୩ ଏବଂ ୨୦ରେ ରାଜ୍ୟରେ ୮୧ଟି ବିଧାନସଭା ଆସନ ପାଇଁ ମତଦାନ ହେବ । ତେବେ ଝାଡଖଣ୍ଡ ନିର୍ବାଚନ ପାଇଁ ଭାଜପା ଓଡ଼ିଶା ନେତାଙ୍କୁ ଗୁରୁଦାୟିତ୍ୱ ଦେଇଛି । ନିର୍ବାଚନ ପରିଚାଳନା ପାଇଁ ଭାଜପା କର୍ମକର୍ତ୍ତାମାନେ ଓଡ଼ିଶାରୁ ଯିବେ ।

## ଅଶ୍ଲୀଳ ନାଚକୁ ନେଇ ଯାତ୍ରା ମାଲିକମାନେ ନିଷ୍ପତ୍ତି ନିଅନ୍ତୁ : ଆଇନ ମନ୍ତ୍ରୀ

ଭୁବନେଶ୍ୱର(ନିପ୍ର): ଯାତ୍ରାରେଅଶ୍ଲୀଳ ନାଚକୁ ନେଇ ଚର୍ଚ୍ଚା ହେଉଛି । ଯାତ୍ରାରେ ଏଭଳି ନୃତ୍ୟ.ଓଡ଼ିଆ ସଂସ୍କୃତି ବିରୋଧୀ । ଯାତ୍ରାରେ ଅଶ୍ଲୀଳତା ଯେମିତି ରହିବ ନାହିଁ ସେଥି ପାଇଁ ଯାତ୍ରା ମାଲିକ ମାନେ ନିଷ୍ପତ୍ତି ନିଅନ୍ତୁ । ଯାତ୍ରାରେ ଅଶ୍ଲୀଳ ନାଚକୁ ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ତାଙ୍କ ପ୍ରତିକ୍ରିୟାରେ ଏହା କହିଛନ୍ତି । ସେ କହିଛନ୍ତି ଯେ, ସରକାରି ଏ ଦିଗରେ ତର୍ଜମା କରୁଛନ୍ତି । ଯାତ୍ରା ମାଲିକ ମାନଙ୍କୁ ଅନୁରୋଧ ଏହି ଘଟଣାରେ ଚିନ୍ତା କରି ଖୁବଶୀଘ୍ର ନିଷ୍ପତ୍ତି ନିଅନ୍ତୁ ।

## ରାଗିଂ ଘଟଣା: ୫ସିନିୟର ଛାତ୍ରଙ୍କୁ ଛଅ ମାସ ସସପେଣ୍ଡ

ବ୍ରହ୍ମପୁର : ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଦ୍ୱିତୀୟ ବର୍ଷ ଛାତ୍ରଙ୍କୁ ରାଗିଂ ଘଟଣାରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ରାଗିଂରେ ସମ୍ପୃକ୍ତ ୫ଜଣ ସିନିୟର ଛାତ୍ରଙ୍କୁ ହଷ୍ଟେଲ ଏବଂ କ୍ୟାମ୍ପସରୁ ଛଅ ମାସ ପାଇଁ ବିତାଡିତ କରାଯିବ । ଆଣ୍ଟି ରାଗିଙ୍ଗ ସେଲ୍ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । କଲେଜ ଅଧକ୍ଷ ବୁଧବାର ଏହି ସୂଚନା ଦେଇଛନ୍ତି ।୫ଜଣ ସିନିୟର ଛାତ୍ରଙ୍କ ବିରୁଦ୍ଧରେ ପୁଲିସ ଥାନାରେ ମାମଲା ହେବ ।

## ଅଗ୍ନିକାଣ୍ଡରେ ଦୁଇ ବଖରା ଘର ଭସ୍ମୀଭୂତ

କୋଣାର୍କ(ନିପ୍ର): ରାମଚଣ୍ଡୀ ଥାନା ଅଧୀନ ବାଙ୍ଗର ଗ୍ରାମର କୃଷ୍ଣଚନ୍ଦ୍ର ରାଉତଙ୍କ ଘରେ ବୁଧବାର ଅପରାହ୍ନରେ କୌଣସି କାରଣରୁ ନିଆଁ ଲାଗି ଦୁଇ ବଖରା ଚାଳ ଘର ସଂପୂର୍ଣ୍ଣ ଜଳି ପୋଡି ପାଉଁଶ ହୋଇଯାଇଛି । ଖବରପାଇ କୋଣାର୍କ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥଲେ ମଧ ଘର ସମ୍ପୂର୍ଣ୍ଣ ଜଳି ପୋଡ଼ି ପାଉଁଶ ହୋଇଯାଇଥିଲା । ଅଗ୍ନିକାଣ୍ଡର ସଠିକ୍ କାରଣ ଜଣାପଡିନଥିବା ବେଳେ କୃଷ୍ଣଚନ୍ଦ୍ରଙ୍କ ଘରର ସମସ୍ତ ଆସବାପତ୍ର ସବୁ ପୋଡ଼ି ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି । କୃଷ୍ଣଚନ୍ଦ୍ର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ କୌଣସି ପ୍ରକାରର ସରକାରୀ ସାହାଯ୍ୟ ଯୋଗାଇଦେବା ଲାଗି ଗ୍ରାମବାସୀ ମାନେ ସ୍ଥାନୀୟ ପ୍ରଶାସନକୁ ଗଣମାଧମ ଜରିଆରେ ନିବେଦନ କରିଛନ୍ତି ।

## ମୁଣ୍ଡୁଳିରେ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

କଟକ(ନିପ୍ର): କଟକ ସ୍ଥିତ ମୁଣ୍ଡୁଳିରେ ନିଖୋଜ ଯୁବକଙ୍କ ମୃତ ଦେହ ଉଦ୍ଧାର ହୋଇଛି । ସ୍ଥାନୀୟ ଲୋକେ ଏକ ଡଙ୍ଗା ସାହାଯ୍ୟରେ ନଦୀରେ ମାଛ ମାରିବାକୁ ଯାଉଥିବାବେଳେ ମୃତଦେହକୁ ଦେଖିଥିଲେ । ଏହାପରେ ମୃତଦେହକୁ ନଦୀପଠାକୁ ଆଣିଥିଲେ । ସୂଚନାଯୋଗ୍ୟ, ୨୮ ତାରିଖ ସନ୍ଧ୍ୟାରେ ଢ଼େଙ୍କାନାଳ ଜିଲ୍ଲା ଗଅଁନ୍ଦିଆ ଅଂଚଳର ପୀତବାସ ରାଉତଙ୍କ ପୁଅ ତାରିଣୀ ପ୍ରସାଦ ରାଉତ (୩୪) ମୁଣ୍ଡୁଳୀ ବ୍ୟାରେଜରେ ନିଜର ଗାଡ଼ି ରଖି ମହାନଦୀକୁ ଡେଇଁ ନିଖୋଜ ଥିବା ସନ୍ଦେହ କରାଯାଉଥିଲା । ଏହି ଘଟଣାକୁ ନେଇ ବାରଙ୍ଗ ଥାନା ଓ ଅଗ୍ନଶମ ବାହିନୀ ସେଠାରେ ପହଞ୍ଚି ମୁଣ୍ଡୁଳି ବ୍ୟାରେଜରେ ଖୋଜାଖୋଜି ଆରମ୍ଭ କରିଥିଲେ । ତାରିଣୀଙ୍କ ମୃତଦେହ ଠାବ କରାଯାଇଛି । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ ମେଡ଼ିକାଲକୁ ପଠାଇଛି । ଘଟଣାର ତଦନ୍ତ ଜାରି ରହିଛି ।

## ଶିଶୁମୃତ୍ୟୁ ଘଟଣା: ସିଲ୍ ହେବ ହସପିଟାଲ

କଟକ(ନିପ୍ର): ସ୍ଥାନୀୟ ସିଡିଏ ସେକ୍ଟର ୭ ସ୍ଥିତ ଘରୋଇ ହସପିଟାଲରେ ଚିକିତ୍ସା ଅବହେଳାରୁ ଶିଶୁମୃତ୍ୟୁ ଘଟଣାରେ ଜିଲ୍ଲା ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସୁପାରିଶ ହୋଇଛି । କଟକ ଉପଜିଲ୍ଲାପାଳଙ୍କ ନେତୃତ୍ୱରେ ୪ ଜଣିଆ ଟିମ ହସପିଟାଲରେ ପହଞ୍ଚି ଆଜି ତଦନ୍ତ କରିଛନ୍ତି । କୌଣସି ଅନୁମତି ନଥାଇ ବେଆଇନ ଭାବେ ହସପିଟାଲ ଚାଲୁଥିବା ପ୍ରମାଣ ମିଳିବା ପରେ ଉପଜିଲ୍ଲାପାଳ ହସପିଟାଲକୁ ସିଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଯେହେତୁ ୮ ଜଣ ଶିଶୁ ଚିକିତ୍ସିତ ଅବସ୍ଥାରେ ଅଛନ୍ତି ତେଣୁ ୭ ଦିନ ଭିତରେ ଶିଶୁମାନଙ୍କୁ ଅନ୍ୟ ହସପିଟାଲକୁ ସ୍ଥାନାନ୍ତର ପରେ ହସପିଟାଲକୁ ସିଲ କରାଯିବ । ଗତ ଶନିବାର ଠାରୁ ଚିକିତ୍ସା ଅବହେଳା ଅଭିଯୋଗ ନେଇ ପରିବାର ଲୋକଙ୍କ ପକ୍ଷରୁ ମେଡ଼ିକାଲ ସମ୍ମୁଖରେ ଧାରଣା ଦିଆଯାଇଛି ।

## କନେଷ୍ଟବଲ ନିଯୁକ୍ତି ଆବେଦନ ତାରିଖ ବୃଦ୍ଧି କଲେ ହାଇକୋର୍ଟ

କଟକ(ନିପ୍ର): ଓଡ଼ିଶାର ବିଭିନ୍ନ ବାଟାଲିୟନରେ କନେଷ୍ଟବଲ/ ସିପାହୀ ନିଯୁକ୍ତି ଆବେଦନ ତାରିଖ ବୃଦ୍ଧି ପାଇଛି । ଆବେଦନ ପାଇଁ ବୁଧବାର ଥିବା ଶେଷ ତାରିଖକୁ ହାଇକୋର୍ଟ ବୃଦ୍ଧି କରିଛନ୍ତି । ନଭେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଗତ ୬ ବର୍ଷ ନିଯୁକ୍ତି ବନ୍ଦ ଥିବାରୁ ମାମଲା ହାଇକୋର୍ଟ ଯାଇଛି । ସର୍ବାଧିକ ବୟସ ସୀମା କୋହଳ ପାଇଁ ଆଶାୟୀମାନେ ଆବେଦନ କରିଥିବାବେଳେ ଏ ସଂପର୍କିତ ଶୁଣାଣି ନଭେମ୍ବର ୧୧ରେ କରିବାକୁ ଧାର୍ଯ୍ୟ କରାଯାଇଛି । ସୂଚନାଯୋଗ୍ୟ, ନିକଟରେ ଓଡ଼ିଶା ପୋଲିସ ଷ୍ଟେଟ ସିଲେକ୍ସନ ବୋର୍ଡ଼ (ଏସଏସବି)ପକ୍ଷରୁ ହେବାକୁ ଥିବା କନେଷ୍ଟବଲ ନିଯୁକ୍ତି ୨୦୨୪ ପାଇଁ ପଦବୀ ସଂଖ୍ୟା ବୃଦ୍ଧି କରାଯାଇଛି । ଓଡ଼ିଶା ପୋଲିସ ପକ୍ଷରୁ ପ୍ରକାଶ ପାଇଥିବା ସବିଶେଷ ବିଜ୍ଞପ୍ତି ଅନୁଯାୟୀ ଏହି ନିଯୁକ୍ତି ପ୍ରକ୍ରିୟାରେ ଅତିରିକ୍ତ ୭୨୦ ପଦବୀ ଯୋଗ କରାଯାଇଛି । ଫଳରେ ନିଯୁକ୍ତି ହେବାକୁ ଥିବା ପଦବୀ ୧୩୬୦ ରୁ ୨୦୩୦କୁ ବୃଦ୍ଧି ପାଇଛି ।

### ଆନାସ୍ଥେସିଆ ଦେଇ ପତ୍ନୀକୁ ହତ୍ୟା

# ଦୁଇ ବାନ୍ଧବୀ ସମେତ ସ୍ୱାମୀ ଗିରଫ

ଭୁବନେଶ୍ୱର: ଦୁଇ ନର୍ସ ବାନ୍ଧବୀଙ୍କ ସହ ମିଶି ଆନାସଥେସିଆ ଓଭରଡୋଜ୍ ଦେଇ ସ୍ତ୍ରୀକୁ ଫାର୍ମାସିଷ୍ଟ ସ୍ୱାମୀ ହତ୍ୟା କରିଥବା ଘଟଣା ସାଧାରଣରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ରାଜଧାନୀ ଭୁବନେଶ୍ୱରରୁ ଆସିଛି ଏଭଳି ଚାଞ୍ଚଲ୍ୟକର ଖବର । ଖୋର୍ଦ୍ଧା ବିଜେବି ନଗର ଅଞ୍ଚଳର ଶୁଭଶ୍ରୀ ନାୟକ ସହ ରହୁଥିଲା ଜହ୍ଲାଦ ସ୍ୱାମୀ ପ୍ରଦ୍ୟୁମ୍ନ କୁମାର । ଫାର୍ମାସିଷ୍ଟ ଭାବେ ଏକ ଘରୋଇ ହସ୍ପିଟାଲରେ କାମ କରନ୍ତି । ଶୁଭଶ୍ରୀଙ୍କ ପରିବାରର ଅଭିଯୋଗ ଉଭୟେ ପ୍ରେମ ବିବାହ କରିଥିଲେ ବି ଦୁହିଁଙ୍କ ଭିତରେ ସଂପର୍କ ଭଲ ନଥିଲା । ପ୍ରଦ୍ୟୁମ୍ନଙ୍କ ମାଡଗାଳି ସହି ନ ପାରି ଶୁଭଶ୍ରୀ ତାଙ୍କ ବାପଘରକୁ ଚାଲି ଯାଇଥିଲେ । ତେବେ ଗତ ୨୭ ତାରିଖରେ ଖୋର୍ଦ୍ଧା ଯାଇ ସମସ୍ତ ତିକ୍ତତା ତୁଟାଇବା ସହ ଉଭୟଙ୍କ ଭିତରେ ଭଲ ସଂପର୍କ ରଖି ଚଳିବାକୁ କହି ଶୁଭଶ୍ରୀଙ୍କୁ ଭୁବନେଶ୍ୱର ନେଇ ଆସିଥିଲେ ପ୍ରଦ୍ୟୁମ୍ନ । ହେଲେ ୨୯ ତାରିଖରେ ମିଳିଲା ଶୁଭଶ୍ରୀଙ୍କ ମଲା ଖବର । ସନ୍ଦେହରେ ପୋଲିସ ଶବବ୍ୟବଚ୍ଛେଦ ରିପୋର୍ଟ ଘାଣ୍ଟିବାରୁ ପଦାକୁ ଆସିଥିଲା ଚାଞ୍ଚଲ୍ୟକର ତଥ୍ୟ । ପୋଲିସର ସୂଚନା ଅନୁସାରେ ଗତ ୨୮ ତାରିଖରେ ଶୁଭଶ୍ରୀ ଆତ୍ମହତ୍ୟା ଉଦ୍ୟମ କରିଥିବା କହି ତାଙ୍କୁ ଅଚେତ୍ ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ ପ୍ରଦ୍ୟୁମ୍ନ । ହେଲେ ବ୍ୟବଚ୍ଛେଦ ରିପୋର୍ଟରୁ ଶୁଭଶ୍ରୀଙ୍କ ଶରୀରରେ ଆନାସଥେସିଆ ଥିବା ଜଣା ପଡ଼ିବା ପରେ ସିଧା ପ୍ରଦ୍ୟୁମ୍ନଙ୍କୁ ଧରିଥିଲା ପୋଲିସ୍ । ଆଉ ପଚରାଉଚରାରୁ ସବୁ ସତ ଓଗାଳିଥିଲା ପ୍ରଦ୍ୟୁମ୍ନ । କହିଥିଲା ଶୁଭଶ୍ରୀ ସହ ତିକ୍ତତାରୁ ସେ ଏକାବେଳେ ଦୁଇ ନର୍ସ ଅଜିତା ଭୂୟାଁ ଓ ରୋଜି ପାତ୍ରଙ୍କ ସଂପର୍କରେ ଆସିଥିଲେ । ଆଉ ଶୁଭଶ୍ରୀଙ୍କୁ ରାସ୍ତାରୁ ହଟାଇବାର ହୋଇଥିଲା ଯୋଜନା । ମାମଲାରେ ଭରତପୁର ଥାନା ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏନେଇ ଅଧିକ ତଥ୍ୟ ହାସଲ ପାଇଁ ମୁଖ୍ୟ ଅଭିଯୁକ୍ତ ପ୍ରଦ୍ୟୁମ୍ନକୁ ରିମାଣ୍ଡରେ ଆଣି ପୁଣି ଥରେ ପଚରା ଉଚରା କରିବା ବୋଲି ସୂଚନା ଦେଇଛି କମିଶନରେଟ୍ ପୋଲିସ୍ ।

### ଶ୍ରୀଜିଉମାନଙ୍କର ସରିଲା ବନକଲାଗି

## ପୟାଶ୍ରାଦ୍ଧ ଲାଗି ଶ୍ରଦ୍ଧାଳୁଙ୍କ ଭିଡ଼

ପୁରୀ(ନିପ୍ର): ବୁଧବାର ଶ୍ରୀମନ୍ଦିରରେ ଶ୍ରୀଜିଉମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହୋଇଯାଇଛି ।ଦ୍ୱିତୀୟ ଭୋଗ ମଣ୍ଡପ ପରେ ଦତ୍ତ ମହାପାତ୍ର ସେବାୟତମାନେ ଶ୍ରୀମନ୍ଦିରର ଗର୍ଭଗୃହ ରେ ପ୍ରବେଶ କରି ରତ୍ନସିଂହାସନ ଉପରେ ଶ୍ରୀଜିଉମାନଙ୍କର ଏହି ନୀତି ସମ୍ପନ୍ନ କରିଥିଲେ ।ଏହା ଗୁପ୍ତ ନୀତି ହୋଇଥିବା ଯୋଗୁଁ ୫ ଟା ଠାରୁ ରାତି ୧୦ ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା ।ବନକଲାଗି ନୀତି ସମ୍ପନ୍ନ ହେବା ପରେ ଶ୍ରୀଜିଉମାନଙ୍କର ଅନ୍ୟାନ୍ୟ ନୀତି ହୋଇଥିଲା । ଦିନକ ପରେ ଆଲୋକର ପର୍ବ ଦୀପାବଳି ପାଳନ ହେତୁ ଶ୍ରୀକ୍ଷେତ୍ର ଚଳଚଞ୍ଚଳ ହୋଇଉଠିଛି । ଦୀପାବଳି ପାଇଁ ସହରର ବିଭିନ୍ନ ସ୍ଥାନରେ ଦୀପ,କାଉଁରିଆ କାଠି ଓ ପୋଲାଙ୍ଗ ତେଲର ପସରା ଖୋଲାଯାଇଛି । ତାଳବଣିଆ ଠାରେ ବାଣ ଦୋକାନ ମଧ ଖୋଲା ଯାଇଛି ।ଦୀପଦାନ ଓ କାଉଁରିଆ କାଠି ଜଳାଇବା ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତ ରୁ ଶ୍ରଦ୍ଧାଳୁ ଭକ୍ତମାନଙ୍କର ସମାଗମ ବୃଦ୍ଧି ପାଇଛି ।ଶାନ୍ତି ଶୃଙ୍ଖଳା ସହ ଯେପରି ପୟାଶ୍ରାଦ୍ଧ କରାଯିବ ସେଥିପାଇଁ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

## ବାର୍‌ହା ଆକ୍ରମଣରେ ଯୁବକ ଗୁରୁତର

ଆଠଗଡ(ନିପ୍ର): ଆଠଗଡ଼ ଥାନା ଅନ୍ତର୍ଗତ ତରଡିଙ୍ଗ ଗ୍ରାମରେ କୂଅରେ ପଡ଼ିଥିବା ବାରହାକୁ ଦେଖି ଗ୍ରାମବାସୀମାନେ ବନବିଭାଗକୁ ଖବର ଦେଲେ । ବନ କର୍ମଚାରୀଙ୍କ ହାତର ବାର୍‌ହାଟି ଖସିଯାଇ ଜନୈକ ଯୁବକଙ୍କୁ ଆକ୍ରମଣ କରି ଗୁରୁତର ଆହତ କରିଥିଲା । ଏଭଳି ଏକ ଅଭାବନୀୟ ଘଟଣା ଏବେ ଆଠଗଡ଼ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି ।ବାରହା ଆକ୍ରମଣରେ ଗୁରୁତର ଆହତ ହୋଇ ଯୁବକ ଜଣକ ପ୍ରଥମେ ଆଠଗଡ ଉପଖଣ୍ଡ ଚିକିତ୍ସାଳୟ ଏବଂ ପରେ ଅବସ୍ଥା ଗୁରୁତର ହେବାରୁ କଟକ ସ୍ଥାନାନ୍ତର କରାଯାଇଥିବା । ବନ ବିଭାଗର କର୍ମଚାରୀମାନେ ବାରହାକୁ କାବୁ କରିଥିଲେ ମଧ କେମିତି ଖସିଗଲା ଏବଂ ଖସିଯାଇଥିବା ବାରହାଟି ସେହି ଗ୍ରାମର ଜଳଧର ଲେଙ୍କା (୪୪) କୁ ଆକ୍ରମଣ କରି ଗୁରୁତର ଆହତ କଲା, ଏହାକୁ ନେଇ ସାଧାରଣରେ ବନ ବିଭାଗର ଖାମଖିଆଲି ମନୋଭାବ ଏବଂ କାର୍ଯ୍ୟ ଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ଚର୍ଚ୍ଚାର ବିଷୟ ପାଲଟିଛି ।

### ||||||||||||||||||||| ତଣ୍ଡାମୁଣ୍ଡା ଡବଲ ମର୍ଡର୍ ମାମଲାର ପର୍ଦ୍ଦାଫାସ |||||||||||||||||||||

# ଝାଡଖଣ୍ଡର ୭ ଓ ବଲାଙ୍ଗିରର ଜଣେ ଗିରଫ

ବଲାଙ୍ଗିର(ନିପ୍ର): ଗତ ୨୪ ତାରିଖରେ ପୁଇଁତଳା ଥାନାନ୍ତର୍ଗତ ତଣ୍ଡାମୁଣ୍ଡା ଜଙ୍ଗଲରୁ ପୁଲିସ୍ ଉଦ୍ଧାର କରିଥିବା ଦୁଇ ଅଜଣା ଯୁବକଯୁବତୀଙ୍କ ଗଳାକଟା ହତ୍ୟାକାଣ୍ଡର ଅଭିଯୁକ୍ତଙ୍କୁ ଧରିବାରେ ବଲାଙ୍ଗୀର ପୁଲିସ୍‌କୁ ସଫଳତା ମିଳିଛି । ଝାଡଖଣ୍ଡର ବୋକାରୋରେ ରିୟେଲ ଇଷ୍ଟେଟ୍ କାରବାରରୁ ଟଙ୍କା ଭାଗବଣ୍ଟାକୁ ନେଇ ଏଠାରେ ଆସି ଲୁଚିଥିବା ଗୋଟିଏ ଗୋଷ୍ଠୀର ଉକ୍ତ ଅପରାଧୀ ଯୁବକ ଓ ତା'ର ପ୍ରେମିକାକୁ ସେହି ଗୋଷ୍ଠୀର ଡନ୍ ସେଠାରୁ ସାଙ୍ଗରେ ଆଣିଥିବା ସହଯୋଗୀ ତଥା ସ୍ଥାନୀୟ ଜଣେ ଅପରାଧୀ ଯୁବକଙ୍କ ସହାୟତାରେ ମିଶି ଟଙ୍କା ମାଗି ନ ଦେବାରୁ ଏହି ହତ୍ୟା କରିଥିବା ପୁଲିସ୍ ସୂଚନା ଦେଇଛି । ବଲାଙ୍ଗୀର ରିଜର୍ଭ ପୁଲିସ୍ ଠାରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ଓ ବଲାଙ୍ଗିର ଏସ୍‌ପି ଋଷିକେଶ ଖିଲାରୀଙ୍କ ସମେତ ସଦର ଏସଡିପିଓ ପ୍ରଦୀପ କୁମାର ସାହୁ ଓ ପୁଇଁତଳା ଥାନାଧିକାରୀ ଶୁଭରାଜ ଧରୁଆଙ୍କ ଗତକାଲି ରାତି ୯ଟାରେ ଏକ ସାମ୍ବାଦିକ ସମ୍ମିଳନୀରେ ତଦନ୍ତକାରୀ ପୁଲିସ୍ ପ୍ରକାଶ କରିଛି । ପୁଲିସର ସୂଚନା ଅନୁସାରେ, ଏହି ହତ୍ୟାକାଣ୍ଡରେ ବଲାଙ୍ଗିର ପୁଲିସ ଝାଡଖଣ୍ଡର ୭ ଓ ବଲାଙ୍ଗିରର ୧ ଅଭିଯୁକ୍ତ ଗିରଫ କରିଛି । ମୁଖ୍ୟ ଅଭିଯୁକ୍ତ ବୋକାରୋର ରିୟେଲ୍ ଇଷ୍ଟେଟ୍ ଡନ୍ ସେଠିକା ବବଲୁ ଓ ବଲାଙ୍ଗିର ସହରର ଡବଲୁର ଷଡଯନ୍ତ୍ର ବୋଲି କୁହାଯାଇଛି । ଏଥିସହ ୭ ଲକ୍ଷ ଟଙ୍କା ନ ସୁଝିବାରୁ ସହଯୋଗୀଙ୍କ ସହାୟତାରେ ଆସି ହତ୍ୟା କରିଛି । ଝାଡଖଣ୍ଡର ବୋକାରୋ ସହରରେ ଅବୈଧ ଭାବେ ଲୋକଙ୍କୁ ଡରାଇ ଧମକାଇ ରିୟେଲ୍ ଇଷ୍ଟେଟ୍ ବା ଜମିବାଡି କିଣାବିକା କରୁଥିବା ଜଣେ ଡନ୍ ଆଶୁତୋଷ ଗୌତମ ଓରଫ ବବଲୁ କିଲ୍ଲୋ(୪୮)ର ସେଠାରେ ସହଯୋଗୀ ଥିବା ମୂଳନିବାସୀ ହାଇଦ୍ରାବାଦ୍‌ର ମହମ୍ମଦ ଜାଭେଦ୍(୨୯) ତା' ନାଁ'ରେ ସେଠାରେ ବହୁ ଅପରାଧିକ ମାମଲା ରୁଜୁ ହେବାରୁ ପଳାଇ ଆସି ଗତ ପ୍ରାୟ ୪ ମାସ ହେବ ସେହି ବୋକାରୋର ତା'ର ପ୍ରେମିକା ପଲକ ମିଶ୍ର (୨୦) ସହିତ ବଲାଙ୍ଗୀର ସହରର ମହାଲକ୍ଷ୍ମୀନଗରରେ ଏକ ଭଡାଘରେ ରହୁଥିଲା । ପୁଲିସ୍ ସୂତ୍ରରୁ ପ୍ରକାଶ ଯେ, ଗତ ଛଅମାସ ତଳେ ସେ ବବଲୁଠାରୁ ୭ ଲକ୍ଷଟଙ୍କା ଉଧାରରେ ଆଣି ଫେରାଉ ନଥିବାରୁ ଗତ ୨୩ ତାରିଖ ବବଲୁ ଓ ତା'ର ୨ ଜଣ ସହଯୋଗୀ ସେଠାକାର ଚନ୍ଦନ କୁମାର(୨୩) ଓ ଗୌରବ କୁମାର(୩୪) ସହ ଟ୍ରେନରେ ଆସି ରାତି ପ୍ରାୟ ୧୧ ଟା ବେଳେ ବଲାଙ୍ଗୀର ଷ୍ଟେସନରେ ପହଞ୍ଚିଥିଲେ । ଏଠାରେ ତାଙ୍କ ସାଙ୍ଗରେ ଆଉ ୪ ଜଣ ସହଯୋଗୀ କୌଶଳ କୁମାର ଓରଫ କୌଶଳ ବିହାରୀ(୨୯) , ବାଦଲ କୁମାର(୨୦), ବୋକାରୋରେ ରହୁଥିବା ବିହାରର ପପୁ ଓରଫ ରାଜୀବ ଗୌତମ (୪୩), ବିହାର ଔରଙ୍ଗାବାଦର ଦେବ ଓରଫ ବିଶାଳ କୁମାର(୨୩) ଓ ବଲାଙ୍ଗିର ସହରର ପ୍ରତାପସାଗର ପଡାର ଡବଲୁ ଓରଫ ରାଜେନ୍ଦ୍ର ସେଠ(୩୧) ମିଶି ଭଡାଘରେ ପ୍ରେମିକା ସହ ରହୁଥିବା ଜାଭେଦ୍ ପାଖକୁ ଯାଇଥିଲେ । ସେଠାରେ ଜାଭେଦ୍ କୁ ବବଲୁ ଟଙ୍କା ମାଗିବାରୁ ଦେବାକୁ ମନା କରିବାରୁ ବଚସା ହୋଇଥିଲା । ଏହାପରେ ସମସ୍ତେ ମିଶି ଜାଭେଦର ପାଟିରେ ଟେପ୍ ଲଗାଇ ବନ୍ଧୁକ ଦେଖାଇ ନିସ୍ତୁକ୍ ମାଡ ମାରିଥିଲେ । ସହି ନପାରି ପଲକ ଚିତ୍କାର କରିବାରୁ ସେମାନେ ଉଭୟଙ୍କୁ ଏକ କାର୍‌ରେ ଆଟଗାଁ ରାସ୍ତାରେ ତଣ୍ଡାମୁଣ୍ଡା ଜଙ୍ଗଲଆଡକୁ ନେଇ ଯାଇଥିଲେ ଓ ସେଠାରେ ଉଭୟଙ୍କର ଏକ ଧାରୁଆ ଛୁରୀରେ ତଣ୍ଟିକାଟି ହତ୍ୟାକରି ଫିଙ୍ଗିଦେଇ ସେହି କାର୍‌ରେ ପଳାଇଥିଲେ , ଯାହା କି ବୁର୍ଲା ଭୀମସାର ପାର୍କିଂସ୍ଥଳରୁ ପୁଲିସ୍ ଜବତ କରିଛି । ଏଥିରେ ସମ୍ବଲପୁରର କେତେକ ଅଭିଯୁକ୍ତ ଅଛନ୍ତି ।

## ବିବାହର ପ୍ରଲୋଭନ ଦେଖାଇ ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ !

ବେଲଗୁଣ୍ଠା(ନିପ୍ର): ବେଲଗୁଣ୍ଠା ଭଗବତ୍ ପାଟଣାର ଜଣେ ଷୋହଳ ବର୍ଷୀୟା ନାବାଳିକାକୁ ବେଲଗୁଣ୍ଠା ହାଟପଦାର ଜଣେ ଯୁବକ ବିଭିନ୍ନ ପ୍ରଲୋଭନ ଦେଖାଇ ଅପହରଣ କରିଥିବା ନେଇ ନାବାଳିକାର ମାଆ ବେଲଗୁଣ୍ଠା ଥାନାରେ ଏତାଲା ଦେଇଥିଲେ । ଗତ ୧୯ ତାରିଖରୁ ନାବାଳିକା ଜଣଙ୍କ କେଉଁଆଡ଼େ ନିଖୋଜ ହୋଇ ଯାଇଥିବା ନେଇ ସେ ଏତାଲା ଦେଇଥିଲେ । ବେଲଗୁଣ୍ଠା ହାଟପଦାର ଦୀପୁ ଓରଫ ସ୍ୱୟମ୍ ବେହେରା (୨୦) ତାକୁ ଅପହରଣ କରିଥିବା କଥା ସେ ପ୍ରକାଶ କରିଥିଲେ । ଏନେଇ ମୋବାଇଲ୍ ଟ୍ରାକିଂ ପରେ ସ୍ୱୟମ୍ ବେହେରା ପ୍ରଥମେ ଫୁଲବାଣୀ ଚକାପାଦରେ ରହି ସେଠାରୁ ପୁରୀ ଯାଇ ଫେରୁଥିବା କଥା ପୋଲିସ୍ ଜାଣିବା ପରେ ଦୀପୁକୁ ଗିରଫ କରିବା ସହ ନାବାଳିକାକୁ ଉଦ୍ଧାର କରି ବେଲଗୁଣ୍ଠା ଆଣିଥିଲେ । ବୁଧବାର ନାବାଳିକାର ୧୬୧ ରେକର୍ଡ଼ କରାଯିବା ପରେ ମାଜିଷ୍ଟ୍ରେଟ୍‌ଙ୍କ ଠାରେ ୧୬୪ ରେକର୍ଡ଼ କରାଯିବ ବୋଲି ପୋଲିସ୍ ପ୍ରକାଶ କରିଛି । ଏନେଇ ନାବାଳିକାର ମାଆଙ୍କ ଏତାଲା କ୍ରମେ ବେଲଗୁଣ୍ଠା ଥାନାରେ ଏକ ମାମଲା ରୁଜୁ କରି ଏସ୍‌ଆଇ ଅଭୟ ପ୍ରଧାନ ଘଟଣାର ତଦନ୍ତ କରୁଛନ୍ତି । ଦୀପୁକୁ ବ୍ରହ୍ମପୁର ପୋକ୍ସୋ କୋର୍ଟ ଚାଲାଣ ଯାଇଥିବା ପୋଲିସ୍ ସୂତ୍ରରୁ ପ୍ରକାଶ ।

## ଉପର ବାଲିଯାତ୍ରା ପଡ଼ିଆକୁ ଯାତ୍ରା ଉଦ୍ଦେଶ୍ୟରେ ବ୍ୟବହାର ନ କରିବାକୁ ହାଇକୋର୍ଟଙ୍କ ପରାମର୍ଶ

### ଆସନ୍ତା ୭ ତାରିଖରେ ନିଷ୍ପତ୍ତି

କଟକ(ନିପ୍ର): ଚଳିତବର୍ଷ ବାଲିଯାତ୍ରା ପାଇଁ କେବଳ ମହାନଦୀ ପଠାକୁ ବ୍ୟବହାର କରାଯାଇ ପାରିବ କି ବୋଲି କଟକ ଜିଲ୍ଲ ପ୍ରଶାସନ ଉଦ୍ଦେଶ୍ୟରେ ଏଭଳି ପ୍ରଶ୍ନ କରିଛନ୍ତି ହାଇକୋର୍ଟ । ଉପର ବାଲିଯାତ୍ରା ପଡ଼ିଆକୁ ଯାତ୍ରା ଉଦ୍ଦେଶ୍ୟରେ ବ୍ୟବହାର କରା ନଯାଉ ବୋଲି ହାଇକୋର୍ଟ ପରାମର୍ଶ ଦେଇଛନ୍ତି । ତେବେ ଏହା ଉପରେ ବିଭିନ୍ନ ବିଭାଗ, ବ୍ୟବସାୟୀ, ଅନୁଷ୍ଠାନ ଓ ହାଇକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆଡ଼ଭୋକେଟ କମିଟି ସହ ବିଚାର ବିମର୍ଶ କରିବା ଲାଗି କଟକ ଜିଲ୍ଲାପାଳଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ, ବୁଧବାର ହାଇକୋର୍ଟରେ କଟକ ସହର ସମସ୍ୟା ସଂପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି ହୋଇଥିଲା । କେବଳ ତଳ ପଡ଼ିଆରେ ବାଲିଯାତ୍ରା ହେବା ସମ୍ଭବ କି ବୋଲି ହାଇକୋର୍ଟ ପ୍ରଶ୍ନ କରିବା ସହିତ ଉପର ବାଲିଯାତ୍ରା ପଡ଼ିଆକୁ ଅନ୍ୟ କାର୍ଯ୍ୟରେ ବ୍ୟବହାର କରିବା ଲାଗି ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଛନ୍ତି । ଏ ନେଇ ୭ ତାରିଖ ସୁଦ୍ଧା ନିଷ୍ପତ୍ତି ନେବା ପାଇଁ ହାଇକୋର୍ଟ କହିଛନ୍ତି । ଆସନ୍ତା ୭ ତାରିଖ ଦିନ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଯାଇଛି । ପ୍ରକାଶ ଥାଉକି, କଟକ ଐତିହାସିକ ବାଲିଯାତ୍ରା ଆସନ୍ତା ମାସ ୧୫ ତାରିଖରୁ ଆରମ୍ଭ ହେବାକୁ ଯାଉଛି । ଏଥିପାଇଁ ଉପର ପଡ଼ିଆ ଓ ତଳ ପଡ଼ିଆର ଅନଲାଇନ ପ୍ଲଟ ବୁକିଂ ପ୍ରକ୍ରିୟା ସରିଲାଣି । ପ୍ରତିଥର ଉପର ଓ ତଳ ପଡ଼ିଆରେ ବାଲିଯାତ୍ରା ଅନୁଷ୍ଠିତ ହୁଏ । ତେଣୁ ହାଇକୋର୍ଟଙ୍କ ପରାମର୍ଶ ମୁତାବକ ଆଗକୁ କ'ଣ ପଦକ୍ଷେପ ନିଆଯାଉଛି ତାହା ଉପରେ ସମସ୍ତଙ୍କ ନଜର ରହିଛି । ତେବେ ହାଇକୋର୍ଟଙ୍କ ଏହି ପରାମର୍ଶ ବାବଦରେ ଜିଲ୍ଲାପାଳଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ ।

## ପୋଖରୀରେ ବୁଡି ଯୁବକ ମୃତ

ହିଞ୍ଜିଳିକାଟୁ(ନିପ୍ର): ହିଞ୍ଜିଳିକାଟୁ ବ୍ଲକ ତଥା ବେଲଗାଁ ଥାନା ଶିଖରପୁର ଗ୍ରାମ ପୋଖରୀ ପାଣିରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ନେଇ ବେଲଗାଁ ଥାନାରେ ଅଭିଯୋଗ ହୋଇଛି । ମୃତ ଯୁବକ ଜଣଙ୍କ ହେଲେ ବେଲଗାଁ ଥାନା ଶିଖରପୁର ଗ୍ରାମର ପ୍ରଶାନ୍ତ କୁମାର ନାହାକ । ଅଭିଯୋଗ ଭିତ୍ତିରେ ବେଲଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ସକାଶେ ପୁରୁଷୋତ୍ତମପୁର ଡାକ୍ତରଖାନାକୁ ପଠାଇ ପୁଲିସ ଘଟଣାର ତଦନ୍ତ ଚଳାଇଛି । ଅଭିଯୋଗ ପ୍ରକାରେ, ବୁଧବାର ସକାଳ ପ୍ରାୟ ୧୦ ଘଣ୍ଟା ସମୟରେ ଶିଖରପୁର ଗ୍ରାମର ପ୍ରଶାନ୍ତ ଘରୁ କେଉଁଆଡେ ଚାଲିଯାଇଥିଲେ । ଦୀର୍ଘ ସମୟ ଧରି ଯୁବକ ଜଣଙ୍କ ଘରକୁ ନଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ ସନ୍ଧାନ ମିଳିପାରିନଥିଲା । ଗ୍ରାମ ନିକଟସ୍ଥ ବୈଷ୍ଣବ ପୋଖରୀ ପାଣିରେ ଜଣେ ଯୁବକଙ୍କ ମୃତ ଦେହ ଭାସୁଥିବା ଖବରପାଇ ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚି ଯୁବକଙ୍କୁ ଚିହ୍ନଟ କରିଥିଲେ । ଖବର ପାଇ ପୁରୁଷୋତ୍ତମପୁର ଅଗ୍ନିଶମ ବାହିନୀର କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ପୋଖରୀ ଭିତରୁ ଯୁବକଙ୍କ ମୃତଦେହକୁ ଉଦ୍ଧାର କରିଥିଲେ । ଘଟଣା ନେଇ ମୃତ ଯୁବକଙ୍କ ମାଆ ଶୋଭା ନାହାକ ବେଲଗାଁ ଥାନାରେ ଅଭିଯୋଗ କରିଥିଲେ ।

## ଜଜ୍‌ଙ୍କୁ ଆକ୍ରମଣ କରି ଦୁଇ ଗିରଫ




ବୋଲଗଡ(ନିପ୍ର): ଦଶପଲ୍ଲା ସିଭିଲ ଜଜ୍ ସୌମ୍ୟରଞ୍ଜନ ପୃଷ୍ଟି ମଧ୍ୟାହ୍ନ ସମୟରେ ନିଜ କାର ଯୋଗେ ନୟାଗଡରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିବା ସମୟରେ ବଲାଙ୍ଗୀର ଖୋର୍ଦ୍ଧା ୫୭ ନମ୍ବର ଜାତୀୟ ରାଜପଥ୦ର ବୋଲଗଡ ରେଳ ଓଭରବ୍ରିଜ ନିକଟ ମିନିବ୍ୟାଙ୍କ ସମ୍ମୁଖରେ ତାଙ୍କୁ ଅଟକାଇ ଦୁଇଜଣ ଯୁବକ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି ଆକ୍ରମଣ କରିବା ସହ ତାଙ୍କଠାରୁ ଏକ ସୁନଚେନ୍ ଓ ଲକେଟ୍ ଛଡାଇ ନେଇଥିବା ବୋଲଗଡ଼ ଥାନାରେ ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ ଜଜ ପୃଷ୍ଟିଙ୍କ କାର ସମ୍ମୁଖରେ ଦୁଇଟି ବାଇକରେ ଦୁଇଜଣ ଯୁବକ ସମାନ୍ତରାଳ ଭାବେ ମଝି ରାସ୍ତାରେ ଯାଉଥିଲେ । ବାରମ୍ବାର କାର ହର୍ଣ୍ଣ ବଜାଇଲେ ମଧ ସେମାନେ ରାସ୍ତା ନ ଛାଡିବା କାରଣରୁ ଜଜ ସେମାନଙ୍କ ପାର୍ଶ୍ୱରେ ରାସ୍ତା ଅତିକ୍ରମ କରିଥିଲେ । ତେବେ ଯୁବକ ଦୁଇଜଣ ପୁନର୍ବାର କାରଟିକୁ ଅତିକ୍ରମ କରି ସମ୍ମୁଖରୁ ଜଗି ଗାଳିଗୁଲଜ କରୁଥିଲେ । ଏହାକୁ ବିରୋଧ କରିବାରୁ ଜଜ୍‌ଙ୍କୁ ଆକ୍ରମଣ କରିବା ସହ ତାଙ୍କ ବେକରୁ ଏକ ସୁନା ଚେନ ଓ ଲକେଟ ଭିଡ଼ି ନେଇଥିଲେ । ଖବର ପାଇ ବୋଲଗଡ଼ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସେଠାରୁ ଫେରାର ହୋଇଥିବା ଯୁବକ ଦ୍ୱୟଙ୍କୁ ଅନୁସନ୍ଧାନ କରି ଗିରଫ କରିଥିଲେ । ଉଭୟ ଯୁବକ ବୋଲଗଡ଼ ଗ୍ରାମର ଅଜୟ କୁମାର ରଥ (୨୬) ଓ ସିଦ୍ଧାର୍ଥ ବେହେରା(୨୩) । ଏ ସଂକ୍ରାନ୍ତରେ ବୋଲଗଡ ଥାନାରେ ମାମଲା ରୁଜୁ କରାଯାଇ ଉଭୟଙ୍କୁ ଗିରଫ କରି ଖୋର୍ଦ୍ଧା କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରି ଅଧିକାରିଣୀ ଏସଆଇ ଲିଲି ପାଢ଼ୀ ସୂଚନା ଦେଇଛନ୍ତି ।

## ହାଇ ରିଟର୍ଣ୍ଣ ଆଶା ଦେଖାଇ ଇନଭେଷ୍ଟରଙ୍କୁ ଠକେଇ: ୨୪ ସାଇବର ଠକକୁ ବାନ୍ଧିଲା କ୍ରାଇମବ୍ରାଞ୍ଚ

କଟକ(ନିପ୍ର): ହ୍ୱାଟସଆପ ଗ୍ରୁପ ଜରିଆରେ ବଡ଼ ଠକେଇର ପର୍ଦ୍ଦାଫାଶ । ହାଇ ରିଟର୍ଣ୍ଣ ଆଶା ଦେଖାଇ ଇନଭେଷ୍ଟରଙ୍କୁ ଠକିଥିବା ଆନ୍ତଃରାଜ୍ୟ ସାଇବରଠକ ଦଳକୁ କ୍ରାଇମବ୍ରାଞ୍ଚ ରାଜ୍ୟ ବାହାରୁ ଗିରଫ କରିଛି । ଏଭଳି ବଡ଼ ଧରଣର ଠକେଇର ଶୀକାର ହୋଇଛନ୍ତି ଜେଏସପିଲର କର୍ମଚାରୀ କୁନ୍ତଳା ମଜୁନଦାର । ତାଙ୍କ ଠାରୁ ୬କୋଟି ୨୮ ଲକ୍ଷ ଟଙ୍କା ସାଇବର ଫ୍ରଡ଼ମାନେ ଠକି ନେଇଛନ୍ତି । ଏଥିରେ ସଂପୃକ୍ତ ଥିବା ୧୭ ଜଣ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି । ଗୁରୁବାର ସୁଧା ଆଉ ଗିରଫ ୭ ଜଣଙ୍କୁ ଓଡ଼ିଶା ଅଣାଯିବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ କ୍ରାଇମବ୍ରାଞ୍ଚ ଏଡିଜି ବିନୟ ତୋଷ ମିଶ୍ର କହିଛନ୍ତି । ସୂଚନାଯୋଗ୍ୟ, କୁନ୍ତଳା ମଜୁନଦାର ଗତ ଜୁଲାଇ ମାସରେ କୋଟାକ ଇନଭେଷ୍ଟମେଣ୍ଟ କ୍ଲବ ହ୍ୱାଟସଆପ ଗ୍ରୁପରେ ଆଡ଼ ହୋଇଥିଲେ । ଗ୍ରୁପରେ ପୁଞ୍ଜି ନିବେଶ ପାଇଁ ଜାଣିବା ପରେ ୬କୋଟି ୨୮ ଲକ୍ଷ ଟଙ୍କା ବିନିଯୋଗ କରିଥିଲେ । ସେୟାରର ମୂଲ୍ୟ ହଠାତ ୧୧୦ଟଙ୍କାରେ ପହଞ୍ଚି ୨୫କୋର୍ଟି ହୋଇଥିଲା । ସେଥିରୁ ୨୩କୋଟି ଉଠାଇବାର ଅନୁମତି ମିଳିଥିଲା । ଅଗଷ୍ଟ୨୧ରେ ଟଙ୍କା ଉଠାଇବାକୁ ଉଦ୍ୟମ କରିବା ପରେ ଗ୍ରୁପ ଆଡ଼ମିନ ତାଙ୍କୁ ଗ୍ରୁପରୁ ହଟାଇ ଦେଇଥିଲେ । କାରବାର ପାଇଁ ବ୍ୟବହୃତ ଆପ ନିଷ୍କ୍ରିୟ ହୋଇଯାଇଥିଲା । ଏହା ପରେ କ୍ରାଇମବ୍ରାଞ୍ଚରେ କୁନ୍ତଳା ଅଭିଯୋଗ କରିଥିଲେ । କ୍ରାଇମବ୍ରାଞ୍ଚ ସାଇବର ୟୁନିଟ ତଦନ୍ତ ପରେ ଜାଣିଥିଲେ ଯେ ୧୦୦ରୁ ଅଧିକ ବ୍ୟାଙ୍କ ଆକାଉଣ୍ଟରେ ୬କୋଟି ୮ ଲକ୍ଷ ଟଙ୍କା ଟ୍ରାନ୍ସଫୋର ହୋଇଛି । ସମସ୍ତ ବ୍ୟାଙ୍କ ଆକାଉଣ୍ଟରେ ଥିବା ୧୬ ଲକ୍ଷ ୮୫ ହଜାର ଟଙ୍କା ଫ୍ରିଜ ହୋଇଛି । ଅଭିଯୋଗକାରୀ ୬ଲକ୍ଷ ୮୦ହଜାର ଟଙ୍କା ପାଇଛନ୍ତି । ଏବେ ସୁଦ୍ଧା ତାମିଲନାଡୁରୁ ୯ ଜଣ, ଗୁଜୁରାଟର ୮ ଜଣ ଓ ରାଜସ୍ଥାନରୁ ୭ ଜଣକୁ ଗିରଫ କରାଯାଇଛି ।

# 'ଚଗୁଲୁରେ.. ତୁ ମତେ ଶେଷରେ ବିଷ ଦେଇଦେଲୁ ?'

କେନ୍ଦୁଝର:କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ଶାଳପଡ଼ାରେ ଘଟିଥିବା ଏକ ଘଟଣା ହତବାକ୍ କରିଦେବ । ତାହା ହେଉଛି ବଡ଼ଭାଇର ମୃତ୍ୟୁ ପୂର୍ବର ସାନଭାଇର ଫୋନ୍ କଲ୍ ,ଯାହା ଏବେ ଭାଇରାଲ୍ ହେଉଛି । ବଡଭାଇ ଦେବବ୍ରତଙ୍କୁ ସାନଭାଇ ସତ୍ୟବ୍ରତ କ୍ରମାଗତ ଭାବରେ ବିଷ ଦେଇ ହତ୍ୟା କରିଥିବା ଅଭିଯୋଗ ଏହି ଭାଇରାଲରେ ହୋଇଛି । ଦେବବ୍ରତ ତାଙ୍କ ସାନଭାଇ ସତ୍ୟବ୍ରତକୁ ଚଗୁଲୁ ବୋଲି ସମ୍ବୋଧନ କରୁଥିଲେ । ଦୀର୍ଘ ଅଡ଼ିଓର କିଛି ଅଂଶ ଏହିପରି:ଚଗୁଲୁରେ.. ତୁ ମତେ ଶେଷରେ ବିଷ ଦେଇଦେଲୁ ? ବଡ଼ଭାଇ ହିସାବରେ ମୁଁ ତୋର କି କ୍ଷତି କରିଥିଲି ? ତତେ ସ୍ନେହରେ ବଢ଼େଇବା କଣ ମୋ ପାଇଁ ପାପ ଥିଲା ? ଶେଷରେ ମତେ ସ୍ଲୋ ପଏଜନ୍ ଦେଇ ମାରିଲୁ ?ଚଗୁଲୁ ... ପୂରା ମୁଁ ସୁସ୍ଥ ମଣିଷଟା, ପୂରା ମତେ ଡିଫେକ୍ଟ କରିଦେଲୁ । କ'ଣ କ୍ଷତି କରିଥିଲି ବେ ତୋର .. ଟିକେ ତାଗିଦ କରିଥିବି ବଡ଼ଭାଇଟା, କରିବିନି ନା ଜଣେ ବିଜନେସକୁ ସୁଦୃଢ଼ କରିବା ପାଇଁ ତତେ । ମୁଁ ତ ବସିକି ପାଠ ପଢୁଥିଲି ହିଂସା ହେଲାକି ତୋର । ୨୪ ଘଣ୍ଟା ବସି ପାଠ ପଢୁଥିଲା କ'ଣ କ୍ଷତି କଲି ତୋର । ମତେ ଡାକିକି ଆଣି ବିଷ ଦେଇ ଦେଲୁ ,ବହି ପାଖରୁ ଉଠେଇକି । ତେତେ କହିଥିଲି ବର୍ଷେ ପରେ ମୁଁ ଚାକିରି କରିଥିଲେ, ଆଇଦର ତୁ ଫାର୍ମ ସମ୍ଭାଳିବୁ, ନହେଲେ ଫାର୍ମ ସହିତ ପାଠ ପଢିବୁ । ନ ହେଲେ ଫାର୍ମ ଛାଡ଼ି ଦେଇକି ପାଠ ପଢିବୁ ମୁଁ ପଇସା ଦେବି । କହିଥିଲି ତ... ମୁଁ କଥାଟା ଯାହା କହିଥାଏ ଏପଟ ସେପଟ କରେ କି ? କ'ଣ ପାଇଁ ଏମିତି କଲୁ ? ମତେ ମାରି ଦେଇଥିଲେ ତୋ ଜୀବନଟାକୁ ଠିକ୍ କରିଦେଇଥାନ୍ତୁ...' ମା' ପେଟର ଭାଇ ବୋଲି କେସ୍ କରୁନି । ତୋର ଦୟାମାୟା ବୋଲି କିଛି ରହିଲାନି ? ତୋ ଉପରେ ମୁଁ ଯଦି କେବେ ରାଗିଛି, ଫାର୍ମ ପାଇଁ ରାଗିଛି । ମୋ ନିଜ କାମ ପାଇଁ କେବେବି ରାଗେନି । ରାଗିଲେ ପୁଣି ତତେ ଥାପୁଡ଼େଇକି କଥାହୁଏ କି ନାହିଁ ? ମତେ ବେଶୀ କଷ୍ଟ ହେଉଛି, ବିଷ ତୁ ଦେଇଛୁ ବୋଲି, ଅନ୍ୟକେହି ଦେଇଥିଲେ ଏତେ ବାଧି ନଥାନ୍ତା । ତୋ ହାତଗୋଡ଼ ଧରି କହୁଛି, ମତେ କି ବିଷ ଦେଇଛୁ.. ତା ନାଁଟା କହ... ଡାକ୍ତର ମତେ ଚିକିତ୍ସା କରିବାରେ ସୁବିଧା ହେବ । ମୁଁ ଆଉ କିଛି କହିପାରୁନି । ମତେ ବହୁତ କଷ୍ଟ ହେଉଛି । ମୁଁ ଭାବୁଛି ମତେ ତୁ ୪ଥର ବିଷ ଦେଇଛୁ । କେତେଥର ଦେଇଛୁ ଗଣିକି ଟିକେ କହ । କ'ଣ କ'ଣ ଦେଇଛୁ ପ୍ଲିଜ୍ ? ଟିକେ କହ । ମୁଁ ଏବେବି ତୋର କିଛି କ୍ଷତି କରିବାକୁ ଚାହୁଁନି । ତୁ ମୋତେ କଷ୍ଟରୁ ମୁକ୍ତି ଦେ । ବଡ଼ଭାଇଙ୍କ ପ୍ରଶ୍ନରେ ସାନଭାଇ ବିଷ ବୋତଲର ଫଟୋ ଉଠେଇ ତାଙ୍କୁ ପଠେଇଛନ୍ତି ବୋଲି କହିଛନ୍ତି ।

## ରାମମୂର୍ତ୍ତି ଗମାଙ୍ଗଙ୍କୁ ଆଜୀବନ କାରାଦଣ୍ଡ

କଟକ(ନିପ୍ର): ପତ୍ନୀଙ୍କୁ ହତ୍ୟା ମାମଲାରେ ଦୋଷୀ ସାବସ୍ତ୍ୟ ରାୟଗଡ଼ା ଜିଲ୍ଲା ଗୁଣପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗଙ୍କୁ ଆଜୀବନ କାରାଦଣ୍ଡ ଆଦେଶ ପ୍ରଦାନ କରିଥିଲେ ଭୁବନେଶ୍ୱର ଏଡିଜେ କୋର୍ଟ । ଏହା ହାଇକୋର୍ଟରେ କାୟମ ରହିଛି । ଭୁବନେଶ୍ୱର ଅତିରିକ୍ତ ଜିଲ୍ଲା ଜଜଙ୍କ ଆଦେଶ ବିରୋଧରେ ରାମ ମୂର୍ତ୍ତି ଗମାଙ୍ଗ ଦାଖଲ କରିଥିବା ଅପିଲ ହାଇକୋର୍ଟରେ ଖାରଜ ହୋଇଛି । ଫଳରେ ପୂର୍ବରୁ ସ୍ୱତନ୍ତ୍ର କୋର୍ଟ ଦ୍ୱାରା ଦିଆଯାଇଥିବା କାରାଦଣ୍ଡ ଓ ୫୦ହଜାର ଟଙ୍କା ଜରିମାନା ଦଣ୍ଡ କାୟମ ରହିଛି । ଜରିମାନା ଅନାଦେୟ ଅଧିକ ବର୍ଷେ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ପକ୍ଷରୁ ସ୍ପଷ୍ଟ କରାଯାଇଛି । ସୂଚନାଯୋଗ୍ୟ, ରାମମୂର୍ତ୍ତି ଗମାଙ୍ଗଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା । ସ୍ୱତନ୍ତ୍ର କୋର୍ଟ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ-୩ ସସ୍ମିତା ପାଢ଼ି ଏହି ଦଣ୍ଡାଦେଶ ଶୁଣାଇଥିଲେ । ଆଇପିସି ଦଫା-୩୦୨ରେ ଆଜୀବନ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଥିଲା । ଜରିମାନା ଅନାଦେୟ ଅଧିକ ଏକ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ କହିଥିଲେ । ସେହିପରି ଦଫା ୨୦୧ (ପ୍ରମାଣ ନଷ୍ଟ କରିବା)ରେ ୩ ବର୍ଷ ଜେଲ ଦଣ୍ଡା ଦେଶ ଓ ୧୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଥିଲା । ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ଓ ଏହି ଦୁଇଟି ଯାକ ଦଣ୍ଡ ଏକ ସମୟରେ ଭୋଗିବାକୁ ପଡ଼ିବ ବୋଲି ଆଦେଶରେ ସ୍ପଷ୍ଟ ହୋଇଥିଲା । ରାଜ୍ୟରେ ଏମପି ଏମଏଲଙ୍କ ମାମଲା ଆଦିର ତ୍ୱରିତ ବିଚାର ପାଇଁ ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା ହେବା ପରେ ଏହା ପ୍ରଥମ ଦଣ୍ଡାଦେଶ ଥିଲା ।

# ପିଆଇବି ପକ୍ଷରୁ ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା 'ବାର୍ତ୍ତାଳାପ'

**ଭୁବନେଶ୍ୱର, ୩୦/୧୦(ପିଆଇବି):** ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଭୁବନେଶ୍ୱର ପକ୍ଷରୁ ଆଜି ନୟାଗଡ଼ ଠାରେ ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା 'ବାର୍ତ୍ତାଳାପ' ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ଜିଲ୍ଲା ପ୍ରଶାସନ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଲୋକାଭିମୁଖୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନାଚକ୍ର ଓ ମତବିନିମୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ ପିଆଇବି ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ଅଖିଳ କୁମାର ମିଶ୍ର କହିଥିଲେ, ପିଆଇବି ଗତ ୧୦୦ ବର୍ଷ ଧରି ଭାରତ ସରକାରଙ୍କ ପ୍ରମୁଖ ଯୋଗାଯୋଗ ସଂସ୍ଥା ଭାବେ କାର୍ଯ୍ୟ କରି ଆସୁଛି। ସରକାର ଏବଂ ଗଣମାଧ୍ୟମ ମଧ୍ୟରେ ରହିଥିବା ସମ୍ପର୍କକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ପିଆଇବି ପକ୍ଷରୁ ବାର୍ତ୍ତାଳାପ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ଏହି କାର୍ଯ୍ୟକ୍ରମ କେନ୍ଦ୍ର ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିଥାଏ। ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନୟାଗଡ଼ ଅତିରିକ୍ତ ଜିଲ୍ଲାପାଳ (ଏଡିଏମ) ରୋଜିନା ଦାସ କହିଥିଲେ, ଗଣତନ୍ତ୍ରରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି। ଏହା ପ୍ରଶାସନ ଓ ସାଧାରଣ ଜନତାଙ୍କ ମଧ୍ୟରେ ସମ୍ପର୍କର ସେତୁ ଭାବେ କାମ କରିଥାଏ। ବାର୍ତ୍ତାଳାପର ବୈଷୟିକ ଅଧିବେଶନରେ ଅଂଶଗ୍ରହଣ କରି ଡାକ ବିଭାଗ ନୟାଗଡ଼ ଡିଭିଜନର ଅଧିକ୍ଷକ ଖଗେଶ୍ୱର ମଲ୍ଲିକ କେନ୍ଦ୍ର ସରକାରଙ୍କ ବିଭିନ୍ନ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଯୋଜନା ବିଷୟରେ ସୂଚନା ଦେବା ସହିତ ନୟାଗଡ଼ ଜିଲ୍ଲାରେ ଏହାର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ନୟାଗଡ଼ ଜିଲ୍ଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ତ୍ରିଲୋଚନ ବେହେରା ଜିଲ୍ଲାରେ ପିଏମ ବିଶ୍ୱକର୍ମା ଏବଂ ପିଏମଇଜିପି ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମହେଶ୍ୱର ରଥ ନୟାଗଡ଼ ଜିଲ୍ଲାରେ ପିଏମ ଆବାସ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ଦେଇଥିଲେ।

# ଅଟ୍ରିଠାରେ ନୂତନ ପାସେଞ୍ଜର ହଲ୍ଟ ଉଦ୍ଘାଟନ

**ଭୁବନେଶ୍ୱର, ୩୦/୧୦(ନିପ୍ର):** ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର ରେଳ ଲାଇନର ଅଟ୍ରିଠାରେ ଆନୁଷ୍ଠାନିକ ଭାବେ ଏକ ନୂତନ ପାସେଞ୍ଜର ହଲ୍ଟ ଯାତ୍ରୀ ମାନଙ୍କୁ ସମର୍ପିତ କରାଯାଇଅଛି ଯାହା ଏହି ଅଞ୍ଚଳର ପରିବହନ ଭିତ୍ତିଭୂମିରେ ଏକ ଉଲ୍ଲେଖନୀୟ ଉନ୍ନତି ଘଟାଇଛି। ଅଟ୍ରି ପାସେଞ୍ଜର ହଲ୍ଟ ଉଦ୍‌ଘାଟନୀ ସମାରୋହରେ ଭୁବନେଶ୍ୱରର ସାଂସଦ ଅପରାଜିତା ଷଡ଼ଙ୍ଗୀ ବେଗୁନିଆର ବିଧାୟକ ପ୍ରଦିପ କୁମାର ସାହୁ ଓ ଖୋର୍ଦ୍ଧାର ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଏବଂ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଏଚ. ଏସ. ବଜୱାଙ୍କ ଉପସ୍ଥିତିରେ ଉଦ୍ଘାଟନ କରିଛନ୍ତି । ଅଟ୍ରି ଏହାର ଉଷ୍ମ ପ୍ରସବଣ ଝରଣା ଜଳ ପାଇଁ ପ୍ରସିଦ୍ଧ ଏବଂ ଏକ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳୀ ଭାବରେ ପରିଚିତ ଅଛି ଯାହା ଏହି ନୂତନ ହଲ୍ଟକୁ ଉଭୟ ସ୍ଥାନୀୟ ବାସିନ୍ଦା ଏବଂ ପରିଦର୍ଶକମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଯାତାୟାତ ସୁବିଧା ପ୍ରଦାନ କରିବ । ଅଟ୍ରି ପାସେଞ୍ଜର ହଲ୍ଟଠାରେ ଦଶପଲ୍ଲା-ଭୁବନେଶ୍ୱର ମେମୁ ପ୍ରଥମ ଟ୍ରେନ ଭାବେ ରହଣି ପ୍ରଦାନ କରିଛି। ଷଡ଼ଙ୍ଗୀ ତାଙ୍କ ଅଭିଭାଷଣ ସମୟରେ ରେଳମନ୍ତ୍ରୀଙ୍କୁ ଉପସ୍ଥାପନ କରିଥିବା ଅଞ୍ଚଳର ଜନସାଧାରଣଙ୍କ ଦାବୀ ତଥା ଆକାଂକ୍ଷା ପୂରଣ କରିଥିବାରୁ ପ୍ରଧାନମନ୍ତ୍ରୀ ଏବଂ ରେଳମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# କିରାଣୀ ନିର୍ଯାତନା ଅଭିଯୋଗ: ହଟିଲେ ଡେରାବିଶ ସିଡିପିଓ

**ଡେରାବିଶ,୩୦।୧୦(ନିପ୍ର):** କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକର ସିଡିପିଓ ସ୍ନେହଲତା ସାହୁ ୭ ମାସର ଗର୍ଭବତୀ ଥିବା ତାଙ୍କର ଜଣେ କନିଷ୍ଠ ମହିଳା କିରାଣୀଙ୍କୁ ନିର୍ଯାତନା ଦେଇ ଆସୁଥିବା ଅଭିଯୋଗ ନେଇ କେନ୍ଦ୍ରାପଡା ଡେରାବିଶିରେ ସିଡିପିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ଜିଲ୍ଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲି । ତଦନ୍ତକୁ ନିରପେକ୍ଷ କରିବା ପାଇଁ ସିଡ଼ିପିଓଙ୍କୁ ସେଠାରୁ ହଟାଯାଇଛି । ତଦନ୍ତ ନିରପେକ୍ଷ ହେବ । ରିପୋର୍ଟ ଆସିଲେ ଯିଏ ଦୋଷୀ ସେ ଦଣ୍ଡ ପାଇବ । ଅନ୍ୟ ଏକ ଅଭିଯୋଗ ଅନୁଯାୟୀ ଚାକିରୀ ଦେବା ଆଶା ଦେଖାଇ ସିଡିପିଓ ସ୍ନେହଲତା ସାହୁ ଜଣେ ମହିଳାଙ୍କ ଠାରୁ ପ୍ରାୟ ୯୦ ହଜାର ଟଙ୍କା ଲାଞ୍ଚ ନେଇଛନ୍ତି। ଚାକିରୀ ତ ଦୂରର କଥା, ସିଡିପିଓ ତାଙ୍କୁ ଧରାଛୁଆଁ ଦେଉନଥିବା ଓ ପଇସା ଫେରାଉ ନ ଥିବା ସନ୍ଧ୍ୟାରାଣୀ କହିଛନ୍ତି ।ଇତିମଧ୍ୟରେ ସ୍ନେହଲତା ସାହୁଙ୍କୁ ଢେଙ୍କାନାଳ ପିଓ ଅର୍ଥାତ ପ୍ରୋଗ୍ରାମ ଅଫିସର ଭାବେ ବଦଳି କରାଯାଇଥିବା ନେଇ ଏହା କାର୍ଯ୍ୟାନୁଷ୍ଠାନ କି ଉପହାର ବୋଲି ବିଭିନ୍ନ ମହଲରେ ଆଲୋଚନା ହୋଇଛି।

OFFICE OF THE C-880

**MUNICIPAL COUNCIL SUNABEDA**

SUNABEDA-763003, DIST-KORAPUT(ODISHA)
Ph-: 06853-220315(O), 220455 (R) fax no- 06853-221039
Mail ID:- sunabedhan.hud@nic.in, website:- www.sunabedamunicipality.in

**EXPRESSION OF INTEREST**

SUNABEDA MUNICIPALITY proposes to undertake 9-t) Preparation of a Storm Water Drainage Master Plan & DPR of different developmental projects of the SUNABEDA MUNICIPALITY area. Proposals are invited to conduct the assignment and submit the deliverables from engineering consultants/Consulting registered architectural firms withthe requisite experience in the preparation of drainage/Pipeline/Sewerage network plans, DPR of building projects and Drone and Bathymetric survey of water bodies_ Details of the bid document can be obtained from the office of SUNABEDA MUNICIPALITY by paying the Bid processing fees Rs. 10,000/- (Rupees Ten Thousand) only non-refundable during office hours on or before Dt: 12-11-2024 at 5.00 P.M .The completed applications, as per instructions in the E01 document should reach the following address by hand/registered post /speed post/ Courier by 3:00 PM on DI 13-11-2024 and the technical bid will t-,-e open on 13.11_2024 at 4.00 P,M.The EOI notice and other related documents will &e available in this office website i.e www.sunabedamunicipality.in for wide publication . The undersigned reserves the right to cancel / reject any or all the EOI without assigning any reason thereof .

OIPR-13076/11/0011/2425 *Executive Officer, Sunabeda Municipality*

## କୁଟେ ଓ ଆଶିଷଙ୍କୁ ଦେଖା କରିବାକୁ କୁହାଯାଇଥିଲା: ସୁନନ୍ଦା

**ଭୁବନେଶ୍ୱର, ୩୦/୧୦(ନିପ୍ର):** ବିଜେଡିରୁ ଇସ୍ତଫା ଦେବା ପରେ ସୁନନ୍ଦା ଦାସ ବିସ୍ଫୋରକ ବୟାନ ଦେଇଛନ୍ତି। ସେ କହିଛନ୍ତି, ଅଫିସରମାନେ ବିଜେଡି ଟିକେଟ ବାଣ୍ଟୁଥିଲେ। ଡିଏସ କୁଟେ ଓ ଆଶିଷ ସିଂହଙ୍କୁ ଦେଖା କରିବାକୁ କୁହାଯାଇଥିଲା। ମୁଁ ମଧ ସେମାନଙ୍କୁ ଟିକେଟ ପ୍ରସଙ୍ଗରେ ଦେଖା କରିଥିଲି। ପାଣ୍ଡିଆନ ମଧ ଡାକିଥିଲେ, ନବୀନ ନିବାସ ଯାଇଥିଲି। ମୁଁ ଯାଜପୁର ବ୍ୟାପାରରେ ମୁଣ୍ଡ ପୂରାଇଲିନି ।ସେଥିପାଇଁ ଟିକେଟ କଟିଛି ବୋଲି କହିଥିଲେ ।ସୁନନ୍ଦା ଆହୁରି କହିଛନ୍ତି, ନେତାଙ୍କୁ ଅଣଦେଖାରୁ ବିଜେଡି ହାରିଛି। ନବୀନ ବାବୁ ନିଜେ ଟିକେଟ ବାଣ୍ଟିଥିଲେ ବିଜେଡି ପୁଣି ସରକାର କରିଥାନ୍ତା। ମାତ୍ର ଟିକେଟ ବାଣ୍ଟିବା ବେଳେ ସେମାନେ ସେପରି କଲେ ନାହିଁ ବୋଲି କହିଥିଲେ। ଆଗାମି ୩ ତାରିଖରେ ସୁନନ୍ଦା ବିଜେପିରେ ଯୋଗ ଦେଉଥିବା ଚର୍ଚ୍ଚା ହେଉଛି।




## ସୂଚନା।

-ଫାଟୁଆରୋଗରୁ ମୁକ୍ତି ପାଇଁ ଟୀକାକରଣ କରାନ୍ତୁ - ଗାଈ ଗୋରୁମାନଙ୍କୁ ଫାଟୁଆ (FMD) ରୋଗରୁ ମୁକ୍ତି ପାଇଁ ଜାତୀୟ ପ୍ରାଣୀରୋଗ ନିୟନ୍ତ୍ରଣ (NADCP) ଯୋଜନା ମାଧ୍ୟମରେ ବର୍ଷକୁ ଦୁଇଥର ସମ୍ପୂର୍ଣ୍ଣ ମାଗଣାରେ ଟୀକାକରଣ କରାଯାଉଛି । ଜନସାଧାରଣ ନିକଟସ୍ଥ ପ୍ରଣୀଚିକିତ୍ସାଳୟ ଓ ପ୍ରାଣୀ ନୀରିକ୍ଷକ କେନ୍ଦ୍ରରେ ଯୋଗାଯୋଗ କରି ଏହାର ସୁଯୋଗ ନିଅନ୍ତୁ ।

*-ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଅଧିକାରୀ, ପୁରୀ*

## ଶୁଭେଚ୍ଛା।





**ମନ୍ମଥ ଭୂୟାଁ**
ମ୍ୟାନେଜର
*ଏସ୍‌ବିଆଇ, କାଶୀନଗର (ଗଜପତି)*

ପବିତ୍ର କାଳୀପୂଜା,ଦୀପାବଳି ଓ ଧନତେରେସ ଅବସରରେ କାଶୀନଗର ସ୍ଥିତ ଷ୍ଟେଟ ବ୍ୟାଙ୍କ ଶାଖା ମ୍ୟାନେଜେର ମନ୍ମଥ ସମସ୍ତ ବ୍ୟାଙ୍କର ଗ୍ରାହକ ଓ କାଶୀନଗରବାସୀଙ୍କ ମଙ୍ଗଳ କାମନା କରିବା ସହ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ

## ଅଭିନନ୍ଦନ



ପବିତ୍ର ଦୀପାବଳି ଓ କାଳୀପୂଜାରେ ସମସ୍ତଙ୍କର ମଙ୍ଗଳ କାମନା କରୁଛି।



**ମନୋଜ ରଥ**
(ଅଧ୍ୟକ୍ଷ)

ଉତ୍କଳ ବିଦ୍ୟୁତ୍ ପରିଷଦ, ପୁରୀ, ଓଡ଼ିଶା

E-mail- utkalbidwatparishad@gmail.com



**ER. Prasana Kumar Padhy (M.D)**
**(Civil Engineer)**

N B P

**Niyati Builders (P) Ltd.**

Prabha Complex, Kokavari Street, Bhapur Bazar
BRAHMAPUR- 760001(GANJAM)
Cell: 9437009939, 8249606041, 0680-2229939(O)
E-mail: niyati.builders@gmail.com, p.k.padhy167@gmail.com

DSPL-170

ଓଡ଼ିଶା ସରକାର

## ବାତ୍ୟା ପରବର୍ତ୍ତୀ ଜରୁରୀ ସ୍ୱାସ୍ଥ୍ୟ ସୂଚନା

**ବାତ୍ୟା ପରେ ଜଳବାହିତ ରୋଗ (ତରଳ ଝାଡା, ଜଣ୍ଡିସ୍, ଟାଇଫଏଡ୍), ଜ୍ୱର, ଥଣ୍ଡା କାଶ ଏବଂ ମ୍ୟାଲେରିଆ ଓ ଡେଙ୍ଗୁ ଆଦି ବ୍ୟାପିବା ସହିତ ସାପ କାମୁଡାର ଆଶଙ୍କା ବୃଦ୍ଧି ପାଏ।**

### ତରଳ ଝାଡ଼ା (ଡ଼ାଇରିଆ) ନ ହେବା ପାଇଁ

- ବିଶୁଦ୍ଧ ପାଣି ପିଅନ୍ତୁ – ୧ଲିଟର ପାଣିରେ ଗୋଟିଏ ହାଲୋଜୋନ ବଟିକା (୪ ମି.ଗ୍ରା) ପକାଇ ଅଧ ଘଣ୍ଟାପରେ ପିଅନ୍ତୁ ଅଥବା ପାଣି ଛାଣି ଅଧ ଘଣ୍ଟା ପର୍ଯ୍ୟନ୍ତ ଫୁଟାଇ ଥଣ୍ଡା କରି ପିଅନ୍ତୁ।
- ବିଶୋଧିତ ହୋଇନଥିବା ପାଣି ଆଦୌ ପିଅନ୍ତୁ ନାହିଁ।
- ପଚାସଢା ଓ ବାସି ଖାଦ୍ୟ ଖାଆନ୍ତୁ ନାହିଁ।
- ଖାଇବା ପୂର୍ବରୁ ଓ ଝାଡ଼ା ଯିବା ପରେ ଭଲଭାବରେ ସାବୁନରେ ହାତ ଧୁଅନ୍ତୁ।
- ତରଳ ଝାଡ଼ା (ଡ଼ାଇରିଆ) ହେଲେ ଯଥେଷ୍ଟ ପରିମାଣରେ ଓ.ଆର.ଏସ୍ ସର୍ବତ ପିଅନ୍ତୁ । ଓ.ଆର୍.ଏସ୍ ନଥିଲେ ୧ ଗ୍ଲାସ୍ (୨୦୦ ମି.ଲି) ପାଣିରେ ଚିମୁଟେ ଲୁଣ ଏବଂ ୱ ଚାମଚରେ ୨ ଗ୍ଧମଚ ଚିନି ମିଶାଇ ପିଅନ୍ତୁ।



### ସାପ କାମୁଡ଼ିଲେ

- ସାପ କାମୁଡ଼ିଲେ ରୋଗୀକୁ ତୁରନ୍ତ ଡ଼ାକ୍ତରଖାନା ନିଅନ୍ତୁ। ଗୁଣି ଗାରେଡି କିମ୍ବା ଦେଶୀ ଚିକିତ୍ସାରେ ସମୟ ନଷ୍ଟ କରନ୍ତୁ ନାହିଁ।
- ସାପ କାମୁଡ଼ା ଇଞ୍ଜେକ୍ସନ୍ ସରକାରୀ ଡ଼ାକ୍ତରଖାନାରେ ମାଗଣାରେ ଉପଲବ୍ଧ।

### ମ୍ୟାଲେରିଆ ଓ ଡେଙ୍ଗୁରୁ ରକ୍ଷା ପାଇବା ପାଇଁ

- ସର୍ବଦା ମଶାରୀ ଟାଙ୍ଗି ଶୁଅନ୍ତୁ। ମଶା ଡିମ୍ବ ଦେଉଥିବା ସ୍ଥାନରୁ ପାଣି ନିଗାଡି ଦିଅନ୍ତୁ ଓ ପରିବେଶ ସଫା ରଖନ୍ତୁ।
- ଜ୍ୱର ହେଲେ ତୁରନ୍ତ ଆଶା, ସ୍ୱାସ୍ଥ୍ୟକର୍ମୀ କିମ୍ବା ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ପରୀକ୍ଷା କରାଇ ଚିକିତ୍ସା କରାନ୍ତୁ।

### ବାତ୍ୟା ପରେ କାଶ, ଥଣ୍ଡାଜ୍ୱର, ଜଣ୍ଡିସ, ଟାଇଫଏଡ୍ ଆଦି ରୋଗ ଦେଖାଦେଲେ

- ସଙ୍ଗେ ସଙ୍ଗେ ନିକଟସ୍ଥ ଆଶା, ସ୍ୱାସ୍ଥ୍ୟକର୍ମୀ କିମ୍ବା ସ୍ୱାସ୍ଥ୍ୟକେନ୍ଦ୍ର ସହ ଯୋଗାଯୋଗ କରନ୍ତୁ।
- ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସମସ୍ତ ଚିକିତ୍ସା ମାଗଣାରେ ଉପଲବ୍ଧ।

**ବୟସ୍କ, ଭିନ୍ନକ୍ଷମ, ଗର୍ଭବତୀ ଓ ପ୍ରସୂତୀ ତଥା ଶିଶୁମାନଙ୍କର ସ୍ୱତନ୍ତ୍ର ଯତ୍ନ ନିଅନ୍ତୁ।**

OIPR-1003/13/0093/2425

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ